Split by PDF Splitter

ବିଜ୍ଞାପନ ।

ବାଳ ରୋଗର ଏହା ଦୈବପରି ସମ୍ପୂର୍ଣ୍ଣ ଔଷଧ ବୋଲି ବହୁ ଲୋକର ବିଶ୍ବାସ ହୋଇଅଛି । ବାସ୍ତବରେ ଯେତେ ବଡ଼ ଜଟିଳ ହେଉ ନା କାହିଁକି ଏ ଔଷଧ ଦିନକରେ ଲାଗିବା ମାତ୍ର ସବୁ ସମୟ ମନୁଷ୍ୟଙ୍କୁ ସ୍ବାସ୍ଥ୍ୟ ଦେଇ ଦିନ କେତେକରେ ଭଲ ହୋଇ ମଧ୍ୟରେ ଦୂରଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି ତ ଜା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ୦ ॥ ୵ ଅଣାମାତ୍ର ।

ଯେତେକାଳର ଯେମନ୍ତ ବାତ ରୋଗ ହେଉ ପଛକେ ବଳାଳୁଆ ମର୍ଦ୍ଦନରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ବାତ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି ବୋଲି ଭୁଲନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ବିତୀୟ ବାହାର ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ବ୍ରାହ୍ମଣ [illegible] ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହୋଇଅଛନ୍ତି । ଶତାଧିକ ବ୍ୟକ୍ତି ସ୍ବ ଇଚ୍ଛାରେ ଔଷଧର ପ୍ରଶଂସା କରି ଲେଖିଅଛନ୍ତି ଯେ ଯଥାର୍ଥରେ ବାତ ରୋଗର ଏହା ଗୋଟିଏ ଅଦ୍ବିତୀୟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ୦ ॥୵ ଅଣାମାତ୍ର ।

ଏକତ୍ରରେ କେହି ୫ ବା ୬ ଗୋଟି ଡବା ବା ତହିଁରୁ ଅଧିକ ନେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଅଧୀନର ନାମ, ଧାମ ଡାକଘର ସହ ଭଲରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୬।୦୩ ଶ୍ରୀ ଧର୍ମଦାଶ ସେନ ।

ତେଲଙ୍ଗ ଉତ୍କଳପ୍ରେସ୍, ବାଲେଶ୍ବର ।

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them, a safe and profitable investment.—For full particulars apply to

H. J. BELL
Agent Cuttack.

ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever,

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Billous Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

ଫଳେଇନ ପରିଚୀୟତେ

ଜନକର ଇଷ୍ଟକ ଦର ଭଣ୍ଡାର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, [illegible] ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରାନୁ ସର୍ବପ୍ରକାର ଔଷଧାଦି ଯଥାସାଧ୍ୟ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । [illegible] ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ସ୍ବତଃସ୍ଫୁର୍ତ୍ତଭାବରେ ପ୍ରସ୍ତୁତ ସ୍ବର୍ଣ୍ଣଘଟିତ

ମକରଧ୍ବଜ ।

ଏହା ସର୍ବ ରୋଗନାଶକ ଓ ଜୀବନବର୍ଦ୍ଧକ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ କଲେ ଏହାଦ୍ବାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୂଳରୋଗ, ସ୍ବପ୍ନଦୋଷ, କୋଷ୍ଠ, ଅଣ୍ଡ ବାତଜ୍ବର, ଜ୍ବର, କାଶ, ଶ୍ବାସ, ଯକ୍ଷ୍ମା ଏବଂ ବୃଦ୍ଧାବସ୍ଥାର ପ୍ରାପ୍ତ ସମସ୍ତ ପୀଡ଼ା, ଭଗ୍ନ ଧାତୁ ଅଟନ୍ତି ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ପ୍ରଭୃତି ରୋଗମାନଙ୍କର ସହଜ ଶାନ୍ତି କରାଇବ ହୁଏ । ଅଧିକନ୍ତୁ ଅଧ୍ୟୟନ କର୍ମ ଅଧିକ ପରିଶ୍ରମ ଶାରୀରିକ ବା ମାନସିକ ପରିଶ୍ରମଜନିତ ଶାରୀରିକ ଦୌର୍ବଲ୍ୟ, ମସ୍ତିଷ୍କର ଦୁର୍ବଳତା, ସ୍ମରଣଶକ୍ତିର ଅଲ୍ପତା

ଭବେର ଦୌର୍ବଲ୍ୟ, ଶିରଃପୀଡ଼ା ପ୍ରଭୃତି ଏବଂ ସ୍ତ୍ରୀରୋଗଗଣଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ୫ ୵ ।

ଭ ୧ ପ ୫ ୪୦

ଶ୍ରୀ ବୃନ୍ଦାବନ ବଟିକା ।

ଏହି ଔଷଧ ଉର୍ଦ୍ଧ୍ୱସ୍ରୋତାଦିରେ ଏହାର ମହୌଷଧ, ରୋଗୀମାନଙ୍କର ସୁଖକାରୀ ବ୍ୟବସ୍ଥା କାର୍ଯ୍ୟ ସୁଲଭ ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ଉତ୍ତମରେ ବାଜୀକର ଅଦ୍ଭୁତ ବଳବର୍ଦ୍ଧକ । ଅତେଏବ ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ୫ ୧ ଟଙ୍କା ।

କଲ୍ପତରୁ ରସାୟନ ।

(ଚେଞ୍ଚୁ ଖାଇବା)

ଏଥିରେ ଲୁପଦଂଶ (ଗରମି) ଘା, ଗାଡ଼ି ବାତଦୋଷଜନିତ ଯନ୍ତ୍ରଣାରେ ତତ୍କାଳ ଓ ଉତ୍କଟ ଘା, ଶ୍ବେତକୁଷ୍ଠ ଓ ଖାଉ ପ୍ରଭୃତି ନଷ୍ଟ ଅବଶ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ୫ ୧ ଟଙ୍କା ।

ଏକତ୍ର ଭିପିଯୋଗେ ନେଲେ ୫ ୪୧ ଟଙ୍କା ଲାଗେ

ଚୌଧୁରୀ ବଜାର କଟକ	ଶ୍ରୀ ଉପେନ୍ଦ୍ର ନାଥ ବନର୍ଜି ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ସମ୍ମିଳନୀର ଉଣ୍ଡାପଣ ପ୍ରକାଶନାର୍ଥ ଏବଂ ଉତ୍କଳଶିଳ୍ପ ପ୍ରଭୃତି ଅର୍ଥ ଦେଇଅଛନ୍ତି, ଯଥା—

ପ୍ରଥମଥର ଷଣ୍ଡାଶେ

ଧାରାପୁର ୨ ୦ ୵

ଅଷ୍ଟମୂଲ୍ୟ ୨ ୵ ।

ପୂର୍ଣ୍ଣ ଏକ ସ୍ତମ୍ଭର ୫ ୬ ।

[illegible] ଶାରୀ ସାପ୍ତାହିକ ହେଲେ ନୂଆ ଦେବାକୁ ଚାଲିଶ [illegible] ୫ ୯ ୩ ଖଣ୍ଡି ଉଣା ହେବ ନାହିଁ ।

ପ୍ରତ୍ୟେକ ଓ ସଂକ୍ଷିପ୍ତ ବିଶେଷ ଏବଂ ପ୍ରଶ୍ନ ଆବର ଦେବା ଓ ସୁବିଧାର ନିର୍ଣ୍ଣୟ ହେବ ।

ଅଗ୍ରିମ ଦର ଶତକରା ସ୍ଥାନ କମିଶନ ଦିଆଯିବ ।

ବିଜ୍ଞାପନର ମୂଲ୍ୟ ପ୍ରଥମରୁ ଅଗ୍ରିମ ଦେଇ ପାରିବ ।

ସହ ଉତ୍କଳଦୀପିକା ସହଜ ପଟ ସମ୍ପାଦକଙ୍କ ଦ୍ବାରା [illegible] ଉତ୍କଳ [illegible] ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

ଉତ୍କଳ ଦୀପିକା

ସାପ୍ତାହିକ ସମାଦପତ୍ରିକା

THE UTKAL DIPIKA.

ସ୍ରି ୩୮ ଭାଗ
ସ୍ରୁ ୩୩ ସଂଖ୍ୟା

CUTTACK, SATURDAY THE 15th August 1903.
ଡ଼ ୩୧ ଓ ଶ୍ରାବଣ ସନ ୧୩୧୦ ସାଲ ଶନିବାର

ଅଗ୍ରିମ ଟ ୩
ପଶ୍ଚାଦେୟ ଟ ୪

NOTICE.

Wanted a Temporary Clerk to arrange English records of my office for 6 months on a salary of Rs. 15 per month. None need apply who has not acquired a thorough knowledge in English and has no experience in office work and in classification of English Records. Applications to be received by the undersigned up to the 31st instant.

Baramba Manager's office } M. M. Pathaik
The 10th August 1903 } Manager

NOTICE.

Wanted a Head and Second Pandit for the Anantapur M. V. School Kujang State on a salary Rs. 12 and 7 respectively. None need apply who has not passed the final teachership examination. Candidates knowing English will have preferance. Application will be received by the Sub Manager Kujang State Anantapur through the undersigned till 16th Proximo.

Anantapur 28-7-03 } By order of the Sub Manager
Bhagabati Charan Dass
Sub Inspector of Schools
Tirtol Circle.

NOTICE.

Is hereby given that the Commissioner's old office building and the connected buildings as they stand, will be sold. The purchaser should remove them and clear the site within two months from date of order.

Intending purchasers should submit their offers to the undersigned up to 1st September.

The undersigned does not bind himself to accept the highest, or any offer.

Cuttack
Dated 7-8-03 } F. A. A. COWLEY
Executive Engineer
Mahanadi Division.

NOTICE.

Wanted a plucked F. A. or at least an Entrance passed man strong in English, Oriya and Mathematics for the post of the Head Master of the Nayagarh Middle English School. Salary Rs. 25 per mensem. The candidate must have passed the Middle Vernacular Scholarship Examination and must produce a certificate that he can pronounce English well. Applications will be received by the undersigned till the 15th proximo.

14-7-03 } A. C. DAS.
Government Agent
Nayagarh State, Dist. Puri

NOTICE

Is hereby given that a 2nd Master of the Dhenkanal High English School on a salary Rs 50 per mensem is wanted. Preference will be given to one who has experience in teaching and is a graduate of the Calcutta University and will stick to the post for atleast 2 years. Applications with testimonials will be received by the undersigned up to the 31st Instant.

Manager's Office Dhenkanal
The 6th August 1903 } B. Mardaraj
For Manager

ଶ୍ରୀ ବ୍ୟାସ ମହାମୁନିଙ୍କ କୃତ ସଂସ୍କୃତ ପଞ୍ଚଦଶାଧ୍ୟାୟୀ — ଶ୍ରୀଧର ପଣ୍ଡିତଙ୍କ ପ୍ରଶ୍ନୋତ୍ତର ଶ୍ରୀ ଚମ୍ପୀ ନାରାୟଣ ଦେବ ଶର୍ମାଙ୍କ କୃତ ଅର୍ଥାନୁବାଦ ଓ ଭାଷାଚବ୍ୟାଖ୍ୟା ଏବଂ ଶ୍ରୀଧର ଗୋସ୍ୱାମିଙ୍କ ସୂତ୍ର ଶ୍ଳୋକ ସହିତ ପ୍ରଥମବାର ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ଏହି ମନୋମୁଗ୍ଧକାରୀ ଭକ୍ତି ଗ୍ରନ୍ଥର ବିଶେଷ ପରିଚୟ ଦେବା ଅନାବଶ୍ୟକ । ପାଠକ ଏଥିରୁ ଶ୍ରେଣି ଏ ୬ ଜନ୍ମ ହର ପାଠ କଲେ ସବିଶେଷ ଜାଣିପାରିବେ । ବିଶେଷ ଜଣାଇବା ବାହୁଲ୍ୟ ।

ଏ ପୁସ୍ତକର ମୂଲ୍ୟ ଶ୍ରୀ ୧ ଶ୍ରୀକୁ ଟ ୦।/
ଡାକମାଶୁଲ ଟ ୦ । ୬

କଟକ
୧୫।୭।୧୯୦୩ } ଶ୍ରୀ ଚତୁର୍ଭୁଜ ଦାସ

Digitized by srujanika@gmail.com

ଉତ୍କଳଦୀପିକା ।

ଓଲାଉଠାର କୋପ ଏ ନଗରରେ ଶାନ୍ତ ହୋଇଅଛି । ଗତ ସପ୍ତାହରେ ୩୭ ଆକ୍ରମଣ ଏବଂ ୧୮ ମୃତ୍ୟୁ ଘଟିଥିବା ସ୍ଥଲେ ଏ ସପ୍ତାହରେ ଯଥାକ୍ରମେ ୧୨ ଓ ୫ ଘଟିଅଛି । ସୁତରାଂ ଲୋକଙ୍କର ଭୟ ଦୂର ହୋଇଅଛି ଏବଂ ନଗର କାର୍ଯ୍ୟାଦି ଅନେକ ଭଳି ପଡ଼ିଅଛି ।

ଗତ ଜୁନ ମାସରେ ଓଡ଼ିଶାର ଜିଲାମାନଙ୍କରେ ଓ ସହରରେ ଓଲାଉଠା ମୃତ୍ୟୁ ନିମ୍ନଲିଖିତରୂପେ ମହାମାରୀ ରେଜଷ୍ଟରରେ ଲିଖିଥିବାର ଜଣାଯାଏ ଯଥା:—

	ଜିଲାର ମୃତ୍ୟୁ	ସହରର ମୃତ୍ୟୁ
କଟକ	୨,୨୭୪	୨୩
ବାଲେଶ୍ବର	୨,୦୦୩	୨
ପୁରୀ	୧,୪୭୪	୭୮

ଗତ ମାସ ତା ୧ ଇଖରେ ଶେଷହେବା ସାପ୍ତାହିକ ତାଲିକାରୁ ଦେଖାଯାଏ ଯେ ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୮,୭୪୦ରୁ ୧୬,୭୫୬ କୁ ଓହ୍ଲାଇ ଆସିଅଛି ସୁତରାଂ ବିଶେଷ ଉଣା ପଡ଼ି ନାହିଁ । ଉଣା ବୃଷ୍ଟି ହେତୁ ଏପରି ଘଟିବାର ଜଣାଯାଏ । ପ୍ଲେଗ ମୃତ୍ୟୁ ୨,୨୯୦ରୁ ୩,୩୪୬ରୁ ଉଠିଅଛି ଅର୍ଥାତ ପ୍ରାୟ ଏକ ହଜାର ବଢ଼ିଅଛି । ବମ୍ବେଇରେ ସର୍ବାପେକ୍ଷା ଅଧିକ ମୃତ୍ୟୁ ଅର୍ଥାତ ୨,୮୨୭ ମହୀଶୂରରେ ୨୨୧ ଏବଂ ମାନ୍ଦ୍ରାଜରେ ୧୦୧ ପଞ୍ଜାବରେ ୨୪ ମଧ୍ୟପ୍ରଦେଶରେ ୬୫ ଏବଂ ବଙ୍ଗଳାରେ ୧୬ ଅଟେ । ଅନ୍ୟ ପ୍ରଦେଶମାନଙ୍କରେ ଅଧିକ ଏ ଉଠିଲ ନାହିଁ ।

ବମ୍ବେଇର ଗବର୍ଣ୍ଣର ଲର୍ଡ ନର୍ଥକୋଟ ଅଷ୍ଟ୍ରେଲିଆର ଗବର୍ଣ୍ଣର ଜେନେରଲ ନିଯୁକ୍ତ ହୋଇଅଛନ୍ତି । ଆଗାମୀ ଡିସେମ୍ବର ମାସରେ ସେ ସେଠାକୁ ଯାତ୍ରା କରିବେ । ସେ ଲର୍ଡ କର୍ଜନଙ୍କର ଛୁଟୀ ସମୟରେ ମା ୬ ସ ଭାରତର ଏକ୍ଟିଂ ଗବର୍ଣ୍ଣର-ଜେନେରଲ ହେବାର କଥା ଥିଲା । ସମ୍ପ୍ରତି ତାହା ହେବ ନାହିଁ । ଅନ୍ୟ କେହି ନିଯୁକ୍ତ ହେବେ । ଲର୍ଡ ନର୍ଥକୋଟଙ୍କର ଉନ୍ନତ ପଦର ବିଷୟ ଅଟେ । ଏବଂ ଭରସା କରୁଅଛୁ ସେଠାରେ ସେ ସୁଖ୍ୟାତି ଲାଭ କରିବେ । ମାତ୍ର ବମ୍ବେଇଠାରେ ସେ ବିଶେଷ ନାମ କରିବାର ଜଣାଯାଉ ନାହିଁ ।

ଗତ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ହରିଦ୍ୱାର ନିକଟଠାରୁ ପଶ୍ଚିମକୁ ଲାହୋର ପର୍ଯ୍ୟନ୍ତ ଭୂଭାଗରେ ବୃଷ୍ଟିର ପରିମାଣ ସାମ୍ୟ ଅଛି । ମାତ୍ର ଭାରତର ଅନ୍ୟ ସକଳ ସ୍ଥାନରେ ନିୟମିତ ଅଥବା ଅଧିକ ପରିମାଣରେ ବୃଷ୍ଟି ହୋଇଅଛି । ନିଷ୍ଣାବୃଷ୍ଟିର ସ୍ଥାନ ମଧ୍ୟରେ ପାଟନା, କାନପୁର, ଲକ୍ଷ୍ନୌର ଏବଂ ଝାନସି ଏହି ସବୁ ସବଡିଭିଜନରେ ତା ୧ ଇଖ ମଇଠାରୁ ତା ୮ ଇଖ ଅଗଷ୍ଟ ପର୍ଯ୍ୟନ୍ତ ହାରାହାରି ବାର୍ଷିକ ଯେତେ ବୃଷ୍ଟି ହୁଏ ତହିଁର ଅର୍ଦ୍ଧେ ସୁଦ୍ଧା ଏ ବର୍ଷ ହୋଇ ନାହିଁ । ଜଳ ଅଭାବରୁ ବେତୁଷଣ କାର୍ଯ୍ୟ ସେ ସମସ୍ତ ସ୍ଥାନରେ ହୋଇ ପାରୁ ନାହିଁ । ଏଥିତ ଲକ୍ଷା ଯେ ମେଘର ଆଶା ରହିଅଛି ଏବଂ ଶୀଘ୍ର ସୁବୃଷ୍ଟି ହେଲେ ଫସଲର ବିଶେଷ ବାଧା ହେବ ନାହିଁ । ଓଡ଼ିଶାର ସର୍ବତ୍ର ସୁଯାଇକ୍ତ ହୋଇଅଛି ।

—୦—

ରୋମର ନୂତନ ପୋପ ନିର୍ବାଚିତ ହୋଇ ପାୟସ ୧୦ମ ନାମ ଗ୍ରହଣ କରିଅଛନ୍ତି । ତାହାଙ୍କର ଅଭିଷେକ ମହୋତ୍ସବରେ ହୋଇଥିଲା ଏବଂ ନାନା ସ୍ଥାନରୁ ଅସଂଖ୍ୟ ଲୋକ ଆସି ତହିଁରେ ଯୋଗ ଦେଇଥିଲେ । ଏଥିରୁ ବୋଧ ହୁଏ ତାହାଙ୍କର ନିର୍ବାଚନରେ ସମସ୍ତେ ଆନନ୍ଦିତ ଅଛନ୍ତି । ଏହାଙ୍କ ପୂର୍ବବର୍ତ୍ତୀ ସ୍ୱର୍ଗୀୟ ପୋପ ପ୍ରାଚୀନ ସମ୍ଭ୍ରାନ୍ତ ବଂଶୀୟ ଥିଲେ । ପୋପ ପାୟସ ୧୦ ମ ସାଧାରଣ ବଂଶଜାତ ଅଟନ୍ତି ଏବଂ ଦରିଦ୍ରାବସ୍ଥାରେ ପଡ଼ି ନାହାନ୍ତି । ତାହାଙ୍କର ସ୍ତ୍ରୀ ଏବଂ ଅନ୍ୟ କୁଟୁମ୍ବମାନେ ସାମାନ୍ୟ ହୋଟେଲଦାରୀ ବ୍ୟବସାୟ କରନ୍ତି । ସେ କେବଳ ସଚ୍ଚରିତ୍ରତା ଓ ଧର୍ମପରାୟଣତା ହେତୁ ଏହି ଉଚ୍ଚ ଅଧିକାର ପାଇ ଜଗତକୁ ଧର୍ମର ବଳ ଅଧିକ ଥିବାର ଦେଖାଇଅଛନ୍ତି ।

ଗତ ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ବାଲେଶ୍ୱରର ରେଲଷ୍ଟେସନର ଟିକଟ ମାଷ୍ଟର ରାମଚନ୍ଦ୍ର ଭଟ୍ଟୋଳ, ଉକ୍ତ ଷ୍ଟେସନର ଟିକଟ କଲେକ୍ଟର ଆର, ସେ, ହାମସନ ଏବଂ ବାଲେଶ୍ୱରର ଗୁଡସକ୍ଲର୍କ ନନ୍ଦଲାଲ ଭୁସରପ ତହବିଲ ତସରୂପ କରିବା ଅଭିଯୋଗରେ ଦାଉରା ସପୁର୍ଦ୍ଦ ହୋଇଅଛନ୍ତି । ବାଲେଶ୍ୱରର ଯାରିସଲ କ୍ଲର୍କ ମଧ୍ୟ ସେହି ମୋକଦ୍ଦମାରେ ଗ୍ରେପ୍ତାର ହୋଇଥିଲେ ମାତ୍ର ତାହାଙ୍କ ବିରୁଦ୍ଧରେ ପ୍ରମାଣ ନ ହେବାରୁ ବାବୁ ଅଶ୍ୱିନୀକୁମାର ଦତ୍ତ ଡେପୁଟୀମାଜିଷ୍ଟ୍ରେଟ ତାହାଙ୍କୁ ଛାଡ଼ି ଦେଇଅଛନ୍ତି । ଟିକଟ ମାଷ୍ଟର ଓ ଟିକଟ କଲେକ୍ଟର ଯେଉଁ ଟିକଟ ଯାତ୍ରୀମାନଙ୍କୁ ଦେବା ନେବାଦ୍ୱାରା ଏବଂ କ୍ଲାସ ଦର୍ଜ୍ଜ ସ୍ପଷ୍ଟ ମାଲ ଭଡ଼ା ନେଇ ଅଳ୍ପ ଭଡ଼ା ହିସାବରେ ଲେଖିବାଦ୍ୱାରା ଟଙ୍କା ଆତ୍ମସାତ କରିବାର ଅଭିଯୋଗ ହୋଇଅଛି ।

ଗତ ତା ୨୨ ଇଖର ସେଣ୍ଟ ଓ ନବସମ୍ବାଦରେ ପାଠ କଲୁଁ ଯେ ବାଲେଶ୍ୱରର [illegible] କର୍ମଚାରୀମାନେ ମା ୩।୨ ସରେ ସୁଦ୍ଧା ସମ୍ପୂର୍ଣ୍ଣ ବେତନ ପାଉ ନ ଥିଲେ । ବର୍ତ୍ତମାନର ଚେୟାରମାନ ସେହି ଅନ୍ୟାୟ ପ୍ରଥା ଭଙ୍ଗ କରି ବାକୀ ବେତନ ସମସ୍ତ ନଗଦ କରି ଦେଇଅଛନ୍ତି ଏବଂ ଏଣିକି ଯଥାସମୟରେ ପ୍ରତିମାସ ବେତନ ଦେବାର ଆଦେଶ ଦେଇଅଛନ୍ତି । ଏଥିରୁ ବୋଧ ହେଉଅଛି ଯେ ପୂର୍ବ ଚେୟାରମାନଙ୍କ ଅମଳରେ ବାଲେଶ୍ୱର ମ୍ୟୁନିସିପାଲିଟୀ [illegible] ହୋଇଥିଲା । ଯଥାସମୟରେ ବେତନ ନ ପାଇଲେ କର୍ମଚାରୀମାନଙ୍କଠାରୁ ସୁକାର୍ଯ୍ୟ ଆଶା କରିବା ଅନ୍ୟାୟ । ଗରିବ ଚାକରମାନେ ପେଟ ଦାୟରେ ଅକାଳରେ ଋଣ କରିବାକୁ ବାଧ୍ୟ ହୁଏ ଓ ତହିଁରେ ତାହାର ଓ ମୂଳର ଉଭୟଙ୍କର କ୍ଷତି ହୁଏ ସନ୍ଦେହ ନାହିଁ । ଉଚ୍ଚ ଆଶ୍ଚର୍ଯ୍ୟର ବିଷୟ ଯେ ଏତେଦିନ ଏ ଦିଗ ଫଟାରୁ ବାହାର ନ ଥିଲା ।

ଆମ୍ଭମାନଙ୍କର କଟକର ଶ୍ରୀଯୁକ୍ତ ଜେ, ଜି. ଘୁ ପ୍ରେସବେନି ଗତ କଲିକତା ଗେଜେଟରେ ନିମ୍ନଲିଖିତ ମର୍ମରେ ଏକ ବିଜ୍ଞାପନ ପ୍ରକାଶ କରିଅଛନ୍ତି ।

ଓଡ଼ିଶାବାସୀମାନଙ୍କ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ନିମନ୍ତେ ଦଶଗୋଟି ଜଳପାନି ରଖାଅଛି । ତନ୍ମଧ୍ୟରୁ ଗୋଟିଏ ଜିଲାସ୍କୁଲରୁ ପାରଦର୍ଶିତାନୁସାରେ ପ୍ରଥମ ଶ୍ରେଣୀ ପାଇବାକୁ ସକ୍ଷମ ହେବେ । ବାକି ନଅଗୋଟି ନିମ୍ନଲିଖିତ ସ୍ଥାନ ଦରେ ବଣ୍ଟା ହୋଇ ଦଶଗୋଟିକ

କଟକ (ଢେଙ୍କାନାଳ ସହରରେ) ଗୋ ୩

ବାଲେଶ୍ୱର (ମୟୂରଭଞ୍ଜ ସହରରେ) ଗୋ ୬

ପୁରୀ ଗୋ ୧

କୌଣସି ଛାତ୍ରରେ କେହି ବୃତ୍ତି ପାଇବାକୁ ସକ୍ଷମ ନ ହେଲେ ଅନ୍ୟ ଛାତ୍ରର ଯେଉଁ ଛାତ୍ର ପାରଦର୍ଶିତାନୁସାରେ ଯୋଗ୍ୟ ହେବ, ସେ ଉକ୍ତ ବୃତ୍ତି ପାଇ ପାରିବ । ବୃତ୍ତିଧାରୀ ଛାତ୍ରମାନେ ଡାଇରେକ୍ଟରଙ୍କ ଅନୁମତିକ୍ରମେ ବଙ୍ଗଳାର ଅନ୍ୟ କଲେଜ ଅବା କୌଣସି ସରକାରୀ ଡାକ୍ତରୀ ସ୍କୁଲରେ ମଧ୍ୟ ଭର୍ତ୍ତି ହୋଇ ପାରିବେ ।

ଶୁଣିଲୁ ଏଠି ବାଲି ଲେଖିଅଛନ୍ତି ଯେ ସେଠାର ଜଣେ ମୁନ୍ସିଫ ବାବୁ ନନ୍ଦକର ଯୋଗେନ୍ଦ୍ରଠାରୁ ସେଠା ମ୍ୟୁନିସିପାଲିଟୀ ଅନ୍ୟାୟ ଟିକସ ଆଦାୟ ଓ ଅଦାୟ କରିଥିବାରୁ ସେ ଦେୱାନୀ ଅଦାଲତରେ ନାଲିସ କରି ଗତ ମାସ ତା ୩୧ ଇଖରେ ଡିକ୍ରୀ ଜାରି ପାଇଅଛନ୍ତି । ଦେବାର ଫଳସ ବହନା ଥିବା ସେ ମ୍ୟୁନିସି-ପାଲଟୀର କୋଟସ ପ୍ରଥମରେ ମାତ୍ର ଉଠିଲେ-

ମାନେ ମୁକଦ୍ଦମା ନ କରିବାକୁ ଅଦାଲତର ଆଶ୍ରୟ ନେବାକୁ ବାଧ ହେଲେ । ସେ ବହିଁରେ ଏକ ନୂଆ କଥାଅଛନ୍ତି ମୁଖର କଥା । ମାତ୍ର ପତ୍ରପ୍ରେରକ ମୋକଦ୍ଦମାର ବୃତ୍ତାନ୍ତ ଅଥବା ମୁନସିଫଙ୍କ ରାୟର ନକଲ ପଠାଇ ନାହାନ୍ତି ତାହାର ବିଷୟ ଅଟେ । ମିଉନିସିପାଲିଟି କର୍ତ୍ତୃକରେ ଟିକ୍ସ ଘଟିତ ହେବାନ ମୋକଦ୍ଦମା ହେବା ଏ ପ୍ରଦେଶରେ ଅତି ନୂଆ । ସୁତରାଂ ଏ ମୋକଦ୍ଦମାର ବିବରଣ ଜାଣିଲେ ଅନେକ ଲୋକର ଉପକାର ହେବାର ଓ ମିଉନିସିପାଲ କର୍ମଚାରୀଙ୍କର ସାବଧାନ ହେବାର ଆଶା ହୁଅଇ । ରାୟର ନକଲ ପଠାଇବା କାରଣ ପତ୍ରପ୍ରେରକଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

ଜାର୍ମ୍ମାନି ରାଜ୍ୟର ଭୟଙ୍କର ଜଳାବର୍ତ୍ତ ଓ ଝଡ଼ର ସମ୍ବାଦ ପାଠକମାନଙ୍କୁ ଜଣାଅଛି । ଏଜଗ୍ରାମର ଏବଂ ତହିଁର ଅନ୍ୟପାଖ ସ୍ଥାନରେ ୩୦୦୦ ରୁ ଉର୍ଦ୍ଧ୍ୱ ଘରମାନ ଭାସି ବା ଭାଙ୍ଗି ଯାଇଅଛି । ସମ୍ପତ୍ତି ଯେତେ ନଷ୍ଟ ହୋଇଅଛି ତାହା କିଏ ଗଣି ପାରିବ । ଘରବାଲାମାନେ ଏଣିକି ଅତି ଅପାର କଷ୍ଟ ପାଉଅଛନ୍ତି । କ୍ଷତିର ଦଶ ଟଙ୍କାରୁ ସେ ୩ ର ହୋଇଅଛି । ଲୋକଙ୍କର କଷ୍ଟ ଦେଖି ମହାରାଜା ତାହାଙ୍କର ନଗାଲ୍ଲିତ ପ୍ରାସାଦକୁ ଗଣ୍ଟିବମାନଙ୍କର ରହିବା ସକାଶେ ଛାଡ଼ିଦେଇ ସ୍ୱୟଂ ଅନ୍ୟ ସ୍ଥାନରେ ଥିବା ପ୍ରାସାଦକୁ ଚାଲି ଯାଇଅଛନ୍ତି ଏବଂ ବନ୍ୟା ପୀଡ଼ିତ ବ୍ୟକ୍ତିଙ୍କର ସାହାଯ୍ୟାର୍ଥେ ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି । ସେ ସାଧ୍ୟମତେ ଦୁଃଖ ନିବାରଣର ଚେଷ୍ଟା କରୁଅଛନ୍ତି ଏବଂ ମହାରାଣୀ ଗୃହକୁଅର ମଧ୍ୟ ସାହାଯ୍ୟଦାନରେ ବଦାନ୍ୟତା ଦେଖାଇଅଛନ୍ତି । ମାତ୍ର ଏତେ ଅଧିକ ଲୋକ ସର୍ବସ୍ୱାନ୍ତ ହୋଇ ଦୁଃଖରେ ପଡ଼ିଥିବା ଏବଂ ଫସଲ ସମସ୍ତ ଧୋଇ ଯାଇଥିବା ସ୍ଥଳେ ବିସ୍ତର ସାହାଯ୍ୟ ଲୋଡ଼ା ଅଛି । ଏ ସମୟରେ ଅନ୍ୟାନ୍ୟ ସ୍ଥାନର ଦାନଶୀଳ ବ୍ୟକ୍ତିମାନେ ଯେତେ ଟଙ୍କା ସାହାଯ୍ୟ ପଠାଇବେ ତାହା କାର୍ଯ୍ୟରେ ଲାଗିବ ଏବଂ ନିଷ୍ଫଳ ହେବ ନାହିଁ । ସାଧାରଣ ଚନ୍ଦା ସଂଗ୍ରହର ଚେଷ୍ଟା ହେଉଅଛି ।

ଏ ନଗରର ରେଭେନ୍ସା ବାଳିକା ବିଦ୍ୟାଳୟର ପୁରସ୍କାର ବିତରଣ ପ୍ରସଙ୍ଗ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ସେଦିନ ସଭାଗୃହ ଏବଂ ଅଗଣା ଯେମନ୍ତ ଆଡ଼ମ୍ବରରେ ସୁସଜ୍ଜିତ ହୋଇଥିଲା ଏବଂ ଏ ନଗରର ଶିକ୍ଷିତ ସମ୍ଭ୍ରାନ୍ତ ଓ ବିଖ୍ୟାତ ଲୋକମାନେ ଯେତେ ବୃଷ୍ଟିର ବାଧା ନ ମାନି ଉପସ୍ଥିତ ହେବା ଏବଂ ପୁରସ୍କାରାର୍ଥେ ଅନେକ ଟଙ୍କାର ଶାଲଦାର ପୁସ୍ତକ ପଦକ ଇତ୍ୟାଦି ଦାନ କରି କାହାର ସ୍ତ୍ରୀ ଶିକ୍ଷା ପ୍ରତି ପ୍ରଗାଢ଼ ସହାନୁଭୂତି ଓ ଉତ୍ସାହର ପରିଚୟ ଦେଇଥିଲେ ତାହା ଅବଶ୍ୟ ପ୍ରଶଂସା ଓ ଗୌରବର ବିଷୟ ଅଟେ । ଏହି ସ୍ଥାନର ଦୃଶ୍ୟ ସଙ୍ଗେ ବାଳିକା ବିଦ୍ୟାଳୟର ଉନ୍ନତି ନ ହୋଇ ବରଂ ଦୁର୍ଗତି ହେଉଥିବା ହେତୁ ବିଭାଗୀୟ କମିଶନର ଶ୍ରୀଯୁକ୍ତ ଗ୍ରୁପ୍‌ସାହେବ ସଭାପତିଙ୍କର ଆକ୍ଷେପ ମିଶାଇ ଦେଖିଲେ ମନେ ହୁଅଇ ଯେମନ୍ତ ଏ ନଗରର ଭଦ୍ରଲୋକମାନେ କ୍ଷଣିକ ଆଡ଼ମ୍ବରରେ ଯେତେ ମାତନ୍ତି ସ୍ଥାୟୀ ହିତାନୁଷ୍ଠାନରେ ସେତେ ନୁହନ୍ତି । ଅନ୍ୟଥାଃ ଦାତ୍ରୀ ଲୋକ ଏପରି କହିଲେ ତହିଁର ଉତ୍ତର ନାହିଁ । ଆମ୍ଭେମାନେ ଏହାନ୍ତ ଆଶା କରୁଁ କି ସେଦିନର ଉତ୍ସାହ, ସହାନୁଭୂତି ଏବଂ ମୁକ୍ତହସ୍ତତା ବିଦ୍ୟୁତ ପ୍ରାୟ କ୍ଷଣକ ମଧ୍ୟରେ ଅଦୃଶ୍ୟ ନ ହୋଇ ବାଲସୂର୍ଯ୍ୟ ପ୍ରାୟ ବାଳିକା ବିଦ୍ୟାଳୟକୁ ସର୍ବଦା ସୁଖକର ଆଲୋକ ପ୍ରଦାନ କରିବ ଏବଂ ଶ୍ରୀଯୁକ୍ତ କମିଶନର ସାହେବଙ୍କର ଅର୍ଥ ସାହାଯ୍ୟର ପ୍ରାର୍ଥନା ଅଚିରେ ଫଳପ୍ରଦ ହେବ ।

ଗତ ମାସ ତା ୨୯ ରିଖରେ ବାଙ୍କିଚଉଦକା ସ୍କୁଲର ବାର୍ଷିକ ପୁରସ୍କାର ବିତରଣାର୍ଥେ ସଭା ହୋଇଥିଲା । ଜିଲ୍ଲା ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁକ୍ତ ଫିସର ସାହେବ ଏହି ଉପଲକ୍ଷରେ ସେଠାରେ ବିରାଜମାନ ହୋଇଥିବାରୁ ସଭାପତିର ଆସନ ଗ୍ରହଣ କରିଥିଲେ । ସଭା ଗୃହ ଯଥାବିଧିରେ ସୁସଜ୍ଜିତ ହୋଇଥିଲା ଓ ସ୍ଥାନୀୟ ଅନେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ବାର୍ଷିକ ରିପୋର୍ଟ ପାଠ ପରେ ଇଂରାଜୀ, ସଂସ୍କୃତ, ଓଡ଼ିଆ ଓ ଉର୍ଦ୍ଦୁ ଭାଷାର ଗଦ୍ୟ ପଦ୍ୟ ଛାତ୍ରମାନେ ପାଠ କରିଥିଲେ ଓ ତହିଁମଧ୍ୟରୁ କେତେକ ଗୁଡ଼ିଏ ସ୍ପିଚିର ଏବଂ ସଭାପତିଙ୍କ ଉଦ୍ଦେଶରେ ନବ ରଚିତ ହୋଇଥିଲା । ସଭାପତି ମହୋଦୟ ସ୍ୱହସ୍ତରେ ପୁରସ୍କାର ବିତରଣ କରସାରି କ୍ରୀଡ଼ା ଭୂମିରେ ଛାତ୍ରମାନଙ୍କର ବ୍ୟାୟାମାଦି ଦେଖି ଯେଉଁ ମନ୍ତବ୍ୟ ପ୍ରକାଶ କଲେ ତହିଁର ମର୍ମ ଏହିକି ଗତ ବର୍ଷର ପରୀକ୍ଷାର ଫଳ ସନ୍ତୋଷଜନକ ହୋଇଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ହେଲେ । ମାତ୍ର ଛାତ୍ରମାନଙ୍କର ପଦ୍ୟପାଠ ଅପେକ୍ଷା କ୍ରୀଡ଼ା ଅଧିକ ଆନନ୍ଦପ୍ରଦ ହୋଇଥିଲା । କାରଣ ପଦ୍ୟପାଠ ବା ଗାୟନ ଅନଭ୍ୟାସିତ ସ୍ୱରରେ ପୁଣି ଏକସ୍ୱର ଅର୍ଥାତ୍ ଉଚ୍ଚ ନୀଚ ବର୍ଜିତ ସ୍ୱରରେ ହୋଇଥିବାରୁ ଶ୍ରୁତିକଟୁ ହୋଇଥିଲା ମାତ୍ର କ୍ରୀଡ଼ାରେ ଯଥେଷ୍ଟ ସ୍ଫୂର୍ତ୍ତି ଛାତ୍ରମାନେ ଦେଖାଇଥିଲେ । କ୍ରୀଡ଼ା ଭୂମିକଲ ଥିବା ଗୋଟିଏ ଆମ୍ବଗଛ ଛାତ୍ରବୃନ୍ଦଙ୍କ ପ୍ରାର୍ଥନା ମତେ କଟାଇ ଦେବାର ଓ ଅନ୍ୟାନ୍ୟ ଅଭିଯୋଗର ପ୍ରତିକାର କରିବାକୁ ସାହେବ ମହୋଦୟ ଆଶା ଦେଇଅଛନ୍ତି । ବ୍ୟାୟାମରେ ସନ୍ତୁଷ୍ଟ ହୋଇ ବା ନ ୪ ଜଣ ପିଲାଙ୍କୁ ୫ ୪ ୧ ଟଙ୍କା ପୁରସ୍କାର ଦେଇ ସାହେବ ମହୋଦୟ ସଭା ଭଙ୍ଗ ବିଦାୟ ହୋଇଥିଲେ ।

ସନ ୧୯୦୨ ମସିହା ଅକ୍ଟୋବର ମାସରେ କାପ୍ତିପଦାର ଜମିଦାର ଶ୍ରୀ ଗୌରଚନ୍ଦ୍ର ପଟ୍ଟନାୟକ ବାବୁ ଡିଷ୍ଟ୍ରିକ୍ଟ ଜଜଙ୍କ ମାନଧାତା ଗଡ଼ଜାତ ମାହାଲର ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଏକ ଦରଖାସ୍ତଦ୍ୱାରା ମୟୂରଭଞ୍ଜ ମହାରାଜାଙ୍କ ବିରୁଦ୍ଧରେ କେତେକ ଅଭିଯୋଗ ଆଣିଥିଲେ ଓ ତାହାଙ୍କର ପ୍ରଧାନ ଉଦ୍ଦେଶ୍ୟ ଏହି ଥିଲା ଯେ କାପ୍ତିପଦା ଶାସନ ମୟୂରଭଞ୍ଜ ରାଜାଙ୍କ ହସ୍ତରୁ ନିଆଯାଇ ତାଙ୍କୁ ଦିଆଯିବ । ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ଗୁପ୍ତ ସାହେବ ଉକ୍ତ ମହାଲର ପୂର୍ବ ଇତିହାସ ଓ ଏଥିମଧ୍ୟରେ ଶାସନ ସମ୍ବନ୍ଧେ ମୟୂରଭଞ୍ଜ ତରଫରୁ ଦାଖଲ ଥିବା ଦସ୍ତାବିଜମାନ ପାଠ କରି ଗତମାସ ତା ୨୭ ରିଖରେ ନିମ୍ନଲିଖିତ ମତେ ନିଷ୍ପତ୍ତି କଲେ ଯଥା;—

କାପ୍ତିପଦା ମୟୂରଭଞ୍ଜର ଅନ୍ତର୍ଗତ ଗୋଟିଏ ଚିରସ୍ଥାୟୀ ବନ୍ଦୋବସ୍ତି ମହାଲ ଓ ଏହାର ସଦର ଜମା ଟ ୨୧୭୮/ । ଜମିଦାର ମୟୂରଭଞ୍ଜର ରାଜାଙ୍କର ଅଧୀନ । ଏ ମହାଲ ବକ୍ସିଗ ଓ ହସ୍ତାନ୍ତର ଯୋଗ୍ୟ ନୁହେ ଏବଂ ଏହା ଜ୍ୟେଷ୍ଠ ପୁତ୍ର ଉତ୍ତରାଧିକାରୀ ହେବାର ପ୍ରଥା ପ୍ରଚଳିତ ଅଛି ।

ସେ ମହାଲର ଜଙ୍ଗଲ ଓ ଶଗ ସମ୍ପର୍କସାରେ ଖଞ୍ଜଣା ବନ୍ଦୋବସ୍ତ ଓ ବୃକ୍ଷଜନ୍ମା ଭୋଗ କରିବାର ସେ ଅଧିକାରୀ ମାତ୍ର ଅବକାରୀ ଷ୍ଟାମ୍ପ, କାଞ୍ଜିହାଉସ ଫିସ ଓ ନାବାଳିଗି ମାଲ ହଜାରଟଙ୍କା ରାଜାଙ୍କର ପ୍ରାପ୍ୟ ଅଟେ । ସେ ରାଜାଙ୍କର ମଞ୍ଜୁରିରେ ଜାଗିର ଦାନ ବା ହରଣ କରି ପାରିବେ । ଜଙ୍ଗଲ ଓ ପୁଲିସ ସମ୍ବନ୍ଧରେ ରାଜା ଯେ ଅଧିକାର ଦେବେ ତେତିକ ସେ ଚଳାଇ ପାରିବେ । ରାଜାଙ୍କର ମଞ୍ଜୁରିରେ ଜଣେ ଉପଯୁକ୍ତ ଦେବାନ ରଖିବେ ଏବଂ ତାହାଙ୍କର ଯେ ସମସ୍ତ ଦେଣା ଅଛି ଦୁଇ ବର୍ଷ ମଧ୍ୟରେ ସେ ସମସ୍ତ ଆଦାୟ କରିବାର ବନ୍ଦୋବସ୍ତ କରିବେ ।

ସନ ୧୯୦୩ ସାଲର ସ୍କୁଲ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ।

ଛାତ୍ର ନାମ ।	ସ୍କୁଲର ନାମ ।	ମାସିକ ବୃତ୍ତି
ବାଲେଶ୍ୱର ଜିଲ୍ଲା ସମେତ		
ଶ୍ରୀଶଚନ୍ଦ୍ରନାଥ ଚକ୍ରବର୍ତ୍ତୀ [illegible]	ବାଲେଶ୍ୱର	୫ ୨
[illegible] ତ୍ରିପାଠୀ ମୟୂରଭଞ୍ଜ [illegible]	"	୫ ୨
[illegible] ମିଶ୍ର	" "	୫ ୨

Split by PDF Splitter

ଲୋକନାଥ ତ୍ରିବେଦୀ ଶ୍ୟାମଚନ୍ଦ୍ର ଟୋଲ ମାଳସର ଟ ୨
ରଘୁନାଥ ମିଶ୍ର " " ଟ ୨

ପୁରୀ ଜଗନ୍ନାଥ ସମିତି ।

ସଦାଶିବ ଦାସ ଜଗନ୍ନାଥ ଟୋଲ ପୁରୀ ଟ ୨
ଅନାଥ ମିଶ୍ର " " " ଟ ୨
ଆନନ୍ଦ ମିଶ୍ର " " " ଟ ୨

ଓଡ଼ିଶା ସଂସ୍କୃତ ସମିତି ।

ଜାନକୀ ନନ୍ଦ ଚେଙ୍ଗାମାଳ ଜଗନ୍ନାଥ ଟ ୨
ମାଧବାନନ୍ଦ ନନ୍ଦ ମୂଲବସନ୍ତ କଟକ ଟ ୨

୨ୟ ପରୀକ୍ଷାର ଫଳ ।

ଭୁବନାନନ୍ଦ ମିଶ୍ର ଅମର୍ଦା ଟୋଲ ମୟୂରଭଞ୍ଜ ବାଲେଶ୍ୱର ଟ ୩
ଗୋପାଳ ମହାପାତ୍ର ରାମକୃଷ୍ଣ ଟୋଲ ପୁରୀ ଜଗନ୍ନାଥ ସମିତି ଟ ୩
ଗୋପାଳ ଷଡ଼ଙ୍ଗୀ ଗୋବର୍ଦ୍ଧନେଜ କଟକ ଓଡ଼ିଶା ସଂସ୍କୃତ ସମିତି ଟ ୩
ରାମଚନ୍ଦ୍ର ମିଶ୍ର ନବଦ୍ୱୀପ, ନଦିଆ ସଂସ୍କୃତ ସମିତି ଟ ୩

ପ୍ରଥମ ସଂସ୍କୃତ ପରୀକ୍ଷାର ଫଳ ଦେଖିଲୁ ନିମ୍ନଲିଖିତ ଶିକ୍ଷକମାନେ ବୃତ୍ତି ପାଇଅଛନ୍ତି ।

ବାଲେଶ୍ୱର ସଂସ୍କୃତ ସମିତି ।

ଶିକ୍ଷକ ନାମ । ସମିତି ଓ ଟୋଲର ନାମ । ମାସିକ ବୃତ୍ତି ।
ନିତ୍ୟାନନ୍ଦ କାବ୍ୟତୀର୍ଥ ସଂସ୍କୃତ ସମିତି ବାଲେଶ୍ୱର ଟ ୮
ରାମ,ବାସୁଦେବ କାବ୍ୟତୀର୍ଥ ଶ୍ୟାମଚନ୍ଦ୍ର, ଟୋଲ " ଟ ୮
ବିନିକାଥ କାବ୍ୟତୀର୍ଥ ସଂସ୍କୃତ ଟୋଲ ମୟୂରଭଞ୍ଜ " ଟ ୭
ବାସୁଦେବ ମିଶ୍ର ଶ୍ରୀରାମଚନ୍ଦ୍ର, ଟୋଲ ବାଲେଶ୍ୱର ଟ ୭

ପୁରୀ ଜଗନ୍ନାଥ ସମିତି ।

ରଘୁନାଥ ମହାପାତ୍ର ଜଗନ୍ନାଥ ଟୋଲ ପୁରୀ ଟ ୮
ବଇଦ୍ୟନାଥ ମିଶ୍ର ସଂସ୍କୃତ ପୁରୀ ଜଗନ୍ନାଥ ସମିତି " ଟ ୭
ଗୋବିନ୍ଦ, କାଶ୍ୟପଣାରଦ , " " ଟ ୭

ଓଡ଼ିଶା ସଂସ୍କୃତ ସମିତି ।

ଲକ୍ଷ୍ମୀଧର ତ୍ରିପାଠୀ ଧନନଗର କଟକ ଓଡ଼ିଶା ସଂସ୍କୃତ ସମିତି ଟ ୭
କବିବର ଧର ମୂଲବସନ୍ତ " " ଟ ୭

୨ୟ ପରୀକ୍ଷାର ।

କୃତିବାସ ନ୍ୟାୟରତ୍ନ ଅମର୍ଦାଟୋଲ ମୟୂରଭଞ୍ଜ ଟ ୭
ପୁରୁଷୋତ୍ତମ କବ୍ୟତୀର୍ଥ ଭଞ୍ଜିଟୋଲ ମୟୂରଭଞ୍ଜ ଟ ୧୦

—୦※୦—

ବଙ୍ଗୀୟ ଅବଧାରିତ ସମ୍ପତ୍ତିର ପାଣ୍ଡୁଲିପି ।

ଏହି ନାମରେ ଗଣ୍ଡି ଏ' ପାଣ୍ଡୁଲିପି ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଅର୍ପିତ ହେବାର ପ୍ରସ୍ତାବ ହଉ ମାନ୍ୟବର ଲେପ୍ଟନାଣ୍ଟ ଗବର୍ଣ୍ଣର ବ୍ୟବସ୍ଥାପକ ସଭାର କାର୍ଯ୍ୟ ନିର୍ବାହର ନିୟମାବଳୀ ଅନୁସାରେ କଲିକତା ଗେଜେଟରେ ପ୍ରକାଶ ହେବାର ଆଦେଶ ଦେଇଅଛନ୍ତି ଏବଂ ତଦନୁସାରେ ଗତ ତା ୨୨ ଖର କଲିକତା ଗେଜେଟରେ ତାହା ହୋଇଅଛି । ଉକ୍ତ ପାଣ୍ଡୁଲିପିର ଦେଖିଲୁ ଏହିପରି ବର୍ଣ୍ଣିତ ହୋଇଅଛି ଯେ ବଙ୍ଗଦେଶର ପୁରାତନ ଏବଂ ଧନାଢ୍ୟ ବଂଶମାନ ଲୋପ ହେବାରୁ ନ ହେବା ସେମାନଙ୍କ ଭୂସମ୍ପତ୍ତି ରକ୍ଷା ହଉବା ଏବଂ ସେ ସମସ୍ତ ଜମିଦାରୀର ବୈଭବାସିକ ଏବଂ ରାଜନୈତିକ ଗୌରବ ଅଛି ସେ ସମସ୍ତର ହ୍ରାସ ନ ହେବା କଥା ଅନେକ ଦିନରୁ ଗବର୍ଣ୍ଣମେଣ୍ଟଙ୍କର ବିବେଚନାରେ ରହିଅଛି । ଭାରତୀୟ ଗବର୍ଣ୍ଣମେଣ୍ଟ, ବଙ୍ଗୀୟ ଗବର୍ଣ୍ଣମେଣ୍ଟ, ପ୍ରଧାନ ଜମିଦାର ସଭା ଏବଂ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅନେକ ଦିନରୁ ଓ ବାଦାନୁବାଦ ହେଉଥିବା ବଙ୍ଗଳାର ଭାରତୀୟ ସୋସାଇଟିଙ୍କ ସହିତ ଅର୍ଥାତ୍‌ରେ ଉପରଲିଖିତ ପାଣ୍ଡୁଲିପି ସ୍ଥାନୀୟ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେବାର ମନ୍ତ୍ର ହୋଇଅଛି । ପାଣ୍ଡୁଲିପିର ମର୍ମ ଏହି କି ଯେ ସମସ୍ତ ସ୍ଥଳରେ ସମ୍ପତ୍ତି ଓ ବଂଶର ଭୂମ୍ୟଧିକାରୀର ମୃତ ହେଲେ ତାହାଙ୍କର ଜମିଦାରୀ ଉତ୍ତରାଧିକାରୀଙ୍କ ମଧ୍ୟରେ ସାଧାରଣ ଅନୁସାରେ ବଣ୍ଟନ ହେବାର ନିଷେଧ ନାହିଁ ସେ ସମସ୍ତ ବିଶେଷ ସ୍ଥଳରେ ଗବର୍ଣ୍ଣମେଣ୍ଟଙ୍କର ଅନୁମତି ଅନୁସାରେ ସେହି ଜମିଦାରୀମାନ ବଣ୍ଟନ ହେବା ଦାୟରୁ ରକ୍ଷା ପାଇବ । ଏହି ଅଭିପ୍ରାୟରେ ପାଣ୍ଡୁଲିପିରେ ବିଧାନ ହୋଇଅଛି କି କୌଣସି ଯୋଗ୍ୟ ଜମିଦାର ଆପଣାର ସମ୍ପତ୍ତିର ଅବଧାରଣ କରିବାକୁ ଇଚ୍ଛା କଲେ ଗବର୍ଣ୍ଣମେଣ୍ଟରେ ଆବେଦନ କରିବେ ଏବଂ ତାହା ଗ୍ରାହ୍ୟ କରିବା ବା ନ କରିବା ଗବର୍ଣ୍ଣମେଣ୍ଟଙ୍କର ସମ୍ପୂର୍ଣ୍ଣ ଇଚ୍ଛାଧୀନ ରହିବ । ମଞ୍ଜୁର ହେଲେ ଅବଧାରଣ କର୍ତ୍ତାଙ୍କୁ ମିଶାଇ ତିନିପୁରୁଷ ପର୍ଯ୍ୟନ୍ତ ତାହା ଅବଧାରିତ ହେବ । ଯେବେ ଜ୍ୟେଷ୍ଠପୁତ୍ର ବା ଏକମାତ୍ର ପୁତ୍ରକୁ ଅନ୍ତର କରିବାକୁ ହେବ ତେବେ ତାହାର ବିଶିଷ୍ଟ ହେତୁ ଦେଖାଇବାକୁ ହେବ ଓ ତାହାଙ୍କୁ ଗବର୍ଣ୍ଣମେଣ୍ଟଙ୍କର ମଞ୍ଜୁର ଆବଶ୍ୟକ । ସାଧାରଣତଃ ତିନି ଅବଧାରଣ ଅନୁସାରଣ କର୍ତ୍ତା ତାହାଙ୍କର ଜ୍ୟେଷ୍ଠ ପୁତ୍ର ଓ ପୌତ୍ର ପର୍ଯ୍ୟନ୍ତ ପ୍ରବଳ ରହିବ । ଅନ୍ୟ ପୁତ୍ର ଓ ପୌତ୍ରମାନେ ସେ ସମ୍ପତ୍ତିର ଅଂଶ ପାଇବେ ନାହିଁ । କେବଳ ଗ୍ରାସାଚ୍ଛାଦନ ପାଇବେ । ସେ ସମ୍ପତ୍ତି କୌଣସିମତେ ହସ୍ତାନ୍ତର ହୋଇ ପାରିବ ନାହିଁ ଏବଂ ଦେଶ ପ୍ରଚଳିତ ଦାୟଭାଗ ଦ୍ୱାରା ସମ୍ପତ୍ତିର ଭାଗ ବଣ୍ଟନରୁ ଅବ୍ୟାହତି ହେବ । ମୂଳରେ ପ୍ରଚଳିତ ନାମ ଛାଡ଼ିବାର ଓ ଜମିଦାରୀ ମାନ ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନ ଅଥବା ଦେଶ ଦାୟରେ ହସ୍ତାନ୍ତର ରକ୍ଷା ହେବାକୁ ଇଚ୍ଛା କର ଦେବଳ ଜ୍ୟେଷ୍ଠପୁତ୍ର ଅଥବା ଏକଜଣ ଯୋଗ୍ୟ ଉତ୍ତରାଧିକାରୀ ନାମରେ ଉତ୍ତମ ଅବସ୍ଥାରେ ରକ୍ଷା କରିବା ଏହି ପାଣ୍ଡୁଲିପିର ଅଭିପ୍ରାୟ ଅଟେ । ମାନ୍ଦ୍ରାଜ ପ୍ରଦେଶର କେତେକ ଜମିଦାରଙ୍କ ସମ୍ବନ୍ଧରେ ଏହିପରି ଏକ ଆଇନ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ପ୍ରଚଳିତ କରିଅଛନ୍ତି । ବଙ୍ଗପ୍ରଦେଶର ଜମିଦାରିମାନଙ୍କ ପ୍ରାର୍ଥନାନୁସାରେ ଏହି ଆଇନର ସୂତ୍ରପାତ ଏଠାରେ ହୋଇଅଛି ଏବଂ ଯେ ସ୍ଥଳେ ଏହି ଆଇନରେ ତାହାଙ୍କର ସ୍ୱାର୍ଥ ଅଛି ସେମାନେ ଏହା ସପକ୍ଷରେ ମତ ଦେଇଅଛନ୍ତି ସେ ସ୍ଥଳେ ଅନ୍ୟ କାହାର ଆପତ୍ତି ହୋଇ ନ ପାରେ । ପାଣ୍ଡୁଲିପିରେ କାର୍ଯ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ସେ କିଛି ପରିବର୍ତ୍ତନ ଆବଶ୍ୟକ ହେବ ତାହା କାଳ ସ୍ଥାପିତ ସଭାରେ ସ୍ଥିର ହୋଇଥିବ । ଆମ୍ଭମାନଙ୍କ ବିବେଚନାରେ ଯାହାଙ୍କ ହିତାର୍ଥେ ଏହି ଆଇନର ପ୍ରସ୍ତାବ ହୋଇଅଛି ତାହାଙ୍କର ଉପକାର ହେବା ସନ୍ଦେହ ନାହିଁ । ବରଂ ଅନ୍ୟମାନେ ବିବେଚନା କରନ୍ତୁ କି ଏହି ଆଇନର ଅଭାବରେ ଅନେକ ବର୍ଷ ପୂର୍ବରୁ ହୋଇଥାନ୍ତା । ତାହା ହେଲେ ଯେ ସବୁ ଜମିଦାର ବଂଶ ଆଜିକାଲି ଦଣ୍ଡୁରର [illegible] ଅଭାବରେ ଲୋପ ହୋଇ ଯାଇଅଛନ୍ତି ସେମାନେ ଅନେକ ପୁରୁଷ ପର୍ଯ୍ୟନ୍ତ ପୂର୍ବକାଳର ଗୌରବ ପ୍ରକାଶ କରୁଥାନ୍ତେ ।

———

କଟକ ମିଉନିସିପାଲିଟୀର ଅଶାନ୍ତି ।

ତା ୨୦ ଖରୁ ଲର୍ଡ୍ ବେଲ ଏ ନଗରର ମିଉନିସିପାଲିଟିର କାର୍ଯ୍ୟ ଅନୁଧାବନ ସମ୍ବନ୍ଧୀୟ ମିଉନିସିପଲ ଆଇନ ଓ ନୂତନ ଅନୁସାରେ ଅର୍ଥାଂଶ କରାଗଲେ କମିସନରଗଣ ଏବଂ ସେମାନଙ୍କର ମନୋନୀତ ଲୋକମାନ ଓ ସ୍ଥାନୀୟ କର୍ମଚାରୀମାନଙ୍କର ଭଲ୍ୟୁଏସନ ଓ ଦର୍ଖାସ୍ତରେ ନିର୍ଦ୍ଦିଷ୍ଟ ହୋଇ ଅଛନ୍ତି । ମାତ୍ର ଅଳ୍ପଦିନ ହେଲା ଏହି ମିଉନିସିପାଲିଟୀର ଯେଉଁ ଅଶାନ୍ତି ଉପସ୍ଥିତ ହୋଇଅଛି ଏପରି ପୂର୍ବେ କେବେ ଘଟି ନ ଥିଲା । ଏ ଅଶାନ୍ତିର ମୂଳକାରଣ ଅନେକ ମତ ଅନ୍ତ ବାସ୍ତ ଅଥବା କେଣ ଅଟେ । ଅଧିକ ବାସ୍ତ କରିବା ବା କେବେହେଁ ବ୍ୟକ୍ତିବିଶେଷ ପ୍ରତି ଯେବେ ନିଜସ୍ୱ ଅଭିପ୍ରାୟ ବିଶେଷରୂପେ ଦେଖାଇବା ଅଧିକ ଜନସାଧାରଣ ଅର୍ଥ । କାରଣ ବ୍ୟକ୍ତିବିଶେଷ ଅଭାବର ବାଧ୍ୟ ହେଲା ଉପରେ ଦୂରେ ଅନେକ ମାନ ସମ୍ପର୍କର ଦେଶରେ ସମ୍ପର୍କିତ ବହୁ ଲୋକର ଦୁଃଖ ଓ କଷ୍ଟ ଦେଖା ଯାଉଅଛି । ମିଉନିସିପାଲିଟୀ ଗୋଟିଏ ସମିତି ଅଟେ । ଏହା ଜନସାଧାରଣ ସହାୟତାରେ ଗଠିତ ହୋଇଅଛି ଏବଂ ସେମାନଙ୍କର କଲ୍ୟାଣ କାର୍ଯ୍ୟ କମିସନରମାନଙ୍କ କାର୍ଯ୍ୟନିର୍ବାହର ଭାର ଅର୍ପିତ ହୋଇଅଛି । କମିସନରମାନେ କରଦାତାଙ୍କର ପ୍ରତିନିଧି ଏବଂ ସେମାନଙ୍କର ମନୋମତ ହେବା ଉଚିତ ଓ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସେମାନଙ୍କ ଉପରେ ନିର୍ଭର ଅଛନ୍ତି । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ମିଉନିସିପାଲିଟିର ସୁବିଧା ନିମନ୍ତେ କରଦାତାମାନେ କମିସନରଗଣ ଏବଂ ସେମାନଙ୍କଠାରେ ଲୋକମାନ ପ୍ରତି ନିର୍ଭରଶୀଳ ଦାୟୀ ଅଛନ୍ତି । କରଦାତା ଓ କମିସନରଗଣ ସେମାନଙ୍କ ନିକଟରେ ଓ ଏହି ସମସ୍ତ ଲୋକମାନ ଓ ସ୍ଥାନୀୟ ଲୋକମାନେ କାର୍ଯ୍ୟ ନ କରି ପାରନ୍ତି ଅଥବା ବିଶେଷ ମତ ଦେଇ ଜଣାଇବେ ଉପକାର ନ ଥାନ୍ତା । ସ୍ଥାନୀୟ ପ୍ରଜାମାନେ ନିଜ ଦ୍ୱାରା ଉପକାର ଲାଭ କରିବା ଉଚିତ ହୋଇଅଛି ଏବଂ ସେ...

Digitized by srujanika@gmail.com

Split by PDF Splitter

ପର ଜିଲା ମାଜିଷ୍ଟ୍ରେଟ ଏବଂ ବିଭାଗୀୟ କମିଶନରଙ୍କୁ ବିଶେଷ ଇଚ୍ଛାଧୀନର ଅଧିକାର ଦିଆଯାଇଅଛି । ଏ ନଗର ପ୍ରତି ଏମନ୍ତ କିଛି ଆକସ୍ମିକ ଦୁର୍ଘଟଣା ଘଟି ନାହିଁ ଯେ ତହିଁ ନିମନ୍ତେ ଅତିରିକ୍ତ ବ୍ୟୟ ଅନିବାର୍ଯ୍ୟ ଥିଲା । ଅତଏବ ବୋଲିବାକୁ ହେବ ଯେ ମିଉନିସିପାଲିଟିର ଦେଶୀ ଲୋକ ଯେଉଁ ଅଖ୍ୟାତି ହୋଇଅଛି ତହିଁ ନିମନ୍ତେ ଏହା ଚେଅରମାନ ପ୍ରଭୃତି କର୍ମଗୃହୀ ନାହିଁବ, ସେମାନଙ୍କ ସଙ୍ଗରେ କରଦାତାଗଣ, କମିଶନରଗଣ ଏବଂ ଜିଲା ହାକିମ ସମସ୍ତେ ସମାନ ଭାଗୀ ଅଟନ୍ତି । ସ୍ଥାନୀୟ ମଉନିସିପଲ ବ୍ୟବସ୍ଥାର ଉଦ୍ଦେଶ୍ୟ ଏହି କି ନଗରବାସିମାନେ ଅବସ୍ଥାନୁସାରେ କର ଦେବେ ଏବଂ କରଦ୍ୱାରା ସଂଗୃହୀତ ଟଙ୍କାକୁ ସାଧାରଣ ସୁଖ, ସୁବିଧା, ସ୍ୱାସ୍ଥ୍ୟ ଇତ୍ୟାଦିରେ ବ୍ୟୟ କରିବେ । ଏ କାର୍ଯ୍ୟମାନ ପୂର୍ବେ ଜିଲା ହାକିମ କରୁଥିଲେ । ନଗରବାସିମାନେ ଆପଣା କାର୍ଯ୍ୟ ଆପେ କଲେ ସର୍ବାପେକ୍ଷା ଉତ୍ତମ ହେବ ଏବଂ ସେମାନେ କ୍ରମେ ସେ କାର୍ଯ୍ୟରେ ଲାଗିଥିଲେ ସେମାନେ ତହିଁରେ ଅଭ୍ୟସ୍ତ ହେବେ ଓ ସ୍ୱସ୍ଥାନ ପ୍ରତି ସେମାନଙ୍କର ମମତା ବଢ଼ିବ । ଏହି ମଙ୍ଗଳ ଆଶାରେ ଗବର୍ଣ୍ଣମେଣ୍ଟ ମିଉନିସପଲ କାର୍ଯ୍ୟ ଭାର ଲୋକଙ୍କ ହସ୍ତରେ ଅର୍ପଣ କରିଅଛନ୍ତି ଏବଂ କାଳେ କେବେକେବେ ସେମାନେ ଉକ୍ତ ଭାର ନିର୍ବାହରେ ତ୍ରୁଟି କଲେ ବା ଅନୁପଯୋଗୀ ହେଲେ ସାଧାରଣ କ୍ଷତି ହେବ ଏଥିପାଇଁ ସେମାନଙ୍କର କାର୍ଯ୍ୟପ୍ରତି ନିଯୁକ୍ତ ଦୃଷ୍ଟି ରଖିବା ଓ ଉପଦେଶ ଓ ଉତ୍ସାହ ଦେବାର ଭାର ଜିଲା ହାକିମଙ୍କ ପ୍ରତି ଅର୍ପଣ କରିଅଛନ୍ତି । ସାଧାରଣତଃ ଜିଲା ହାକିମମାନେ କଥମତେ କର୍ତ୍ତବ୍ୟ ପାଳନ କରୁଅଛନ୍ତି ମାତ୍ର ଅନ୍ୟଥା କରିବା ହାକିମ ମଧ୍ୟ ବିରଳ ନୁହନ୍ତି । ଏହି ଓଡ଼ିଶା ମଧ୍ୟରେ ପୁରୀ ଓ ବାଲେଶ୍ୱରର ମାଜିଷ୍ଟ୍ରେଟମାନେ ସ୍ୱୟଂ ଚେଅରମାନ ହେବାଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ସଦଭିପ୍ରାୟ ବିଫଳ କରିଅଛନ୍ତି ଏବଂ କାର୍ଯ୍ୟତଃ ଦେଖାଇଅଛନ୍ତି ଯେ ସ୍ଥାନୀୟ ଲୋକ କାହାର ଯୋଗ୍ୟତା ପ୍ରତି ସେମାନଙ୍କର ପ୍ରତ୍ୟୟ ନାହିଁ ଏବଂ କାହାକୁ ଯେ ଭାର ଦେବାର ସେମାନଙ୍କର ଇଚ୍ଛା ନୁହେ । କଟକର ଜିଲା ମାଜିଷ୍ଟ୍ରେଟ କେହି ଏ ପର୍ଯ୍ୟନ୍ତ ଚେଅରମାନ ହୋଇ ନାହାନ୍ତି । ମାତ୍ର କେହି ଏକ ଟର୍ମରେ ଥରେ ହେଲେ ମିଉନିସିପଲ କଚେରୀ ପରିଦର୍ଶନ କରିବାର ଜଣା ନାହିଁ ବରଂ ଆୟବ୍ୟୟ ଓ ପ୍ରତ୍ୟେକର ହିସାବ ନ ନାଇ ଏଥିରେ ଏତେ ସେଥିରେ ତେତେ ବ୍ୟୟ କରିବାର ଅନୁରୋଧ କରନ୍ତି ଓ ଟଙ୍କା ଯୋଗାଇ ନ ପାରିଲେ କାରଣ ପୁଚ୍ଛନ୍ତି ଏବଂ ଲୋକଙ୍କର ଅବସ୍ଥାପ୍ରତି ଆଦୌ ଦୃଷ୍ଟି ନ କରି ଟିକସ ବନ୍ଦୋବସ୍ତ ଭଲ ହୋଇ ନ ଥିବାର ଦୋଷ ଦିଅନ୍ତି । ଏହି ଗଲ ହାକିମଙ୍କ କଥା । କରଦାତାଙ୍କର କର୍ତ୍ତବ୍ୟ ହେଉଅଛି କି ସେମାନଙ୍କର ପ୍ରତିନିଧି ସ୍ୱରୂପ ଯେଉଁମାନେ ସରଳତା, ବିଚକ୍ଷଣତା, କାର୍ଯ୍ୟପଟୁତା ସହିତ ମିଉନିସିପାଲିଟିର କାର୍ଯ୍ୟ ନିର୍ବାହ କରିବାକୁ ଯୋଗ୍ୟ ବୋଲି ବିବେଚିତ ହେବେ ସେମାନଙ୍କୁ କମିଶନର ନିର୍ବାଚନ କରିବେ । ଏଥିକୁ କରଦାତାମାନେ ଅଧିକାଂଶ ନିରକ୍ଷର ଓ ଗରିବ; ସେମାନଙ୍କ କର୍ତ୍ତବ୍ୟଜ୍ଞାନ ଆଶା କରିବା ଅସଙ୍ଗତ ପୁଣି ଦୁଃଖର ବିଷୟ ଯେ ଯେଉଁ ଅଳ୍ପସଂଖ୍ୟକ ବୁଝିବା ଲୋକଙ୍କ କଥାରେ ସେମାନେ ଚାଲନ୍ତି ସେମାନେ ତାହାଙ୍କୁ ପ୍ରକୃତ କଥା ନ ବୁଝାଇ ନିଜ ସ୍ୱାର୍ଥଦିଗକୁ ଭୁଲାଇବାର ଅଧିକ ଚେଷ୍ଟା କରନ୍ତି । ସୁତରାଂ କମିଶନର ନିର୍ବାଚନ ଗୁଣ ଦୃଷ୍ଟିରେ ନ ହୋଇ ଉପରୋଧ ଅନୁରୋଧ ଟଣାଟଣି ଇତ୍ୟାଦିଦ୍ୱାରା ସମ୍ପାଦିତ ହୁଏ । କଟକରେ ଗତ ନିର୍ବାଚନ ସମୟରେ ପାଠକମାନେ ଏଥିର ଉଦାହରଣ ଦେଖିଅଛନ୍ତି । କମିଶନର ପଦ ଯେଉଁମାନେ ଲୋଡ଼ନ୍ତି ସେମାନଙ୍କ ମଧ୍ୟରେ କେତେ ଲୋକ କେବଳ ନାମ ବା ସମ୍ମାନର ପ୍ରତ୍ୟାଶୀ, ସେ କାର୍ଯ୍ୟନିର୍ବାହର ଯୋଗ୍ୟତା ସେମାନଙ୍କର ଅଛି କି ନାହିଁ ଏବଂ କେଳେ ଚେଅରମାନ ବା ଭାଇସ-ଚେଅରମାନର କାର୍ଯ୍ୟନିର୍ବାହ କରିବାର ଶକ୍ତି ଅଛି କି ନାହିଁ ତାହା ବୁଝନ୍ତି ନାହିଁ । ତେବେ ବୁଝିଶୁଝି କମିଶନର ପଦ ଲୋଡ଼ୁଥିଲେ ଚେଅରମାନ ହେବା ଭଳି ଅନେକ ସହଜରେ ପାଉଥାନ୍ତେ । ପୁଣି କମିଶନରମାନେ ମଧ୍ୟ କେବେ କେବେ ବ୍ୟକ୍ତିବିଶେଷର ଯୋଗ୍ୟତା ପ୍ରତି ଦୃଷ୍ଟି ନ କରି ଉପରୋଧ ଅନୁରୋଧରେ ଚେଅରମାନ ନିଯୁକ୍ତ କରିବାର ଏବଂ ତହିଁରେ ବିପରୀତ ଫଳ ଫଳିବାର ଦେଖା ଯାଉଅଛି । କାହାର ନିନ୍ଦା କରିବା ଅଭିପ୍ରାୟରେ ଆମ୍ଭେମାନେ ଏ କଥାମାନ ଲେଖୁ ନାହୁଁ । କାହାର ଦୋଷରୁ ଏଠା ମିଉନିସିପାଲିଟିର ଅଖ୍ୟାତି ହେଲା ଏହିଲ ଦେଖାଇବା ଏବଂ ଭବିଷ୍ୟତକୁ ସେମାନଙ୍କୁ ସାବଧାନ କରିଦେବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ଅଟେ । ଭରସା କରୁଁ ଏହି ଅଖ୍ୟାତି ସମସ୍ତଙ୍କ ପ୍ରତି ଶିକ୍ଷାର ବିଷୟ ହେବ ଏବଂ ଏତମାତ୍ର କର୍ତ୍ତବ୍ୟ ଜ୍ଞାନରେ ସମସ୍ତେ ଜୁଟିତ ହୋଇ ଏ ଗୁରୁତର ବ୍ୟାପାରରେ ପ୍ରବେଶ କରିବେ । କେବଳ କମିଶନର ଓ ଚେଅରମାନ ପ୍ରଭୃତି ନିର୍ବାଚନରେ କର୍ତ୍ତବ୍ୟ ଶେଷ ହେବାର ମନେ କରିବା ଉଚିତ ନୁହେ । କାର୍ଯ୍ୟ ଉପରେ ଦୃଷ୍ଟି ଅଛି ତହିଁର ତତ୍ତ୍ୱାନୁସନ୍ଧାନ ସର୍ବଦା ଆବଶ୍ୟକ ଏବଂ ଆଇନରେ କରଦାତା ଓ କମିଶନରମାନଙ୍କୁ ତହିଁର ସମୁଚିତ ସୁବିଧା ଦିଆ ଯାଇଅଛି ।

ପ୍ରାପ୍ତ ।

ଓଡ଼ିଆଙ୍କ ଦୁରବସ୍ଥା ।

(୮)

ଓଡ଼ିଆଙ୍କ ଆଧୁନିକ ଦୁରବସ୍ଥାର କାରଣମାନ ନ ୭ ମ୍‌ର ପ୍ରବନ୍ଧରେ ଦର୍ଶାଇଅଛୁଁ । ଏ ପ୍ରବନ୍ଧରେ ଓଡ଼ିଆଙ୍କର ଯୋଗ୍ୟତା ପ୍ରତି ଆପତ୍ତିର ବିଚାର କରିବୁଁ, କେହି କେହି କହନ୍ତି କି ଡେପୋଟୀ ମୁନସଫୀ ଓକାଲତି ସରକାରୀ ଓ ବେସରକାରୀ ମାନେଜରୀ ଇତ୍ୟାଦି ଉଚ୍ଚ ପଦ ସବୁପାଇଁ ଓଡ଼ିଆମାନେ ତେତେ ଉପଯୁକ୍ତ ନୁହନ୍ତି ଏଥିକୁ ଇଂରେଜଙ୍କ ରାଜତ୍ୱର ପ୍ରଥମ ୪୦।୫୦ ବର୍ଷ ପର୍ଯ୍ୟନ୍ତ ଓଡ଼ିଆମାନେ ସରକାରୀ କଚେରୀମାନଙ୍କରେ ପ୍ରାୟ ସମସ୍ତ ଉଚ୍ଚ ଓ ନିମ୍ନ ପଦ ସବୁରେ ନିଯୁକ୍ତ ହେଉଥିଲେ ଏବଂ ବଡ଼ ଓ ଛୋଟ ଓକିଲମାନେ ସମସ୍ତେ ଓଡ଼ିଆ ଥିଲେ (୨ୟ ପ୍ରବନ୍ଧର ଶେଷ ଦଫା ଦେଖ) ଏବଂ କଟକ ଜିଲାର ନ ୯ ଣ ଡେପୋଟୀ ଓ ନ ୬ ଣ ମୁନସଫ ହୋଇଥିଲେ । ଏମାନେ କଣ କାର୍ଯ୍ୟ ଉତ୍ତମରୂପେ ଚଳାଉ ନ ଥିଲେ ? ସେମାନଙ୍କ ମଧ୍ୟରୁ ମୁକୁନ୍ଦ ପ୍ରସାଦ ଓ ଗୋବିନ୍ଦ ପ୍ରସାଦ ବଙ୍ଗଦେଶରେ ଡେପୋଟୀ କାମ କରୁଥିଲେ ଓ ରାମ ପ୍ରସାଦ ଅଳ୍ପ କାଳରେ ଯଥେଷ୍ଟ ଉନ୍ନତି ଲଭି ବଙ୍ଗଦେଶ ମଧ୍ୟରେ ବିଖ୍ୟାତ ହୋଇଥିଲେ । ଅଳ୍ପ ବୟସରେ ତାଙ୍କର ମୃତ୍ୟୁ ହୋଇ ନ ଥିଲେ ସେ ପ୍ରଥମ ଶ୍ରେଣୀକୁ ଉଠିଥାନ୍ତେ । ଗଡ଼ଜାତ ରାଜାଙ୍କର ଇଚ୍ଛା ନ ଥିଲେହେଁ ଅନଗୋଳ ବିଦ୍ରୋହ ସମୟେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ତାଙ୍କୁ ସେଠାକୁ ନେଲେ । ଯୁଦ୍ଧରେ ରାଜା ପରାଜିତ ଓ ଅନଗୋଳ ସରକାରଙ୍କ ଅଧିକୃତ ହେଲାରୁ ବିଦ୍ରୋହିମାନେ ଭୀଷଣ ଗଣ୍ଡଗୋଳ ଲଗାଇଲେ । ରାମ ପ୍ରସାଦ କଲ କୌଶଳେ ବିଦ୍ରୋହୀ ନେତୃଗଣ ନ ୧୭ ଜଣଙ୍କୁ ଧୃତ ଓ ବନ୍ଦୀଭୂତ କରି ସେଠାରେ ଶାନ୍ତି ସ୍ଥାପନ ଓ ଖଜଣାର ବନ୍ଦୋବସ୍ତ କରି ଦେଇ ଆସିଲେ । ଏସ୍ଥଳେ ଗୋଟିଏ ଘଟଣାର ଉଲ୍ଲେଖ କରବୁଁ କାରଣ ତାହା ଅନେକ ପାଠକଙ୍କୁ ଅଗୋଚର ଥିବ । ସେହି ବିଦ୍ରୋହୀ ନେତୃଗଣଙ୍କର ରାମ ପ୍ରସାଦ ପ୍ରତି ଏପରି ଆକ୍ରୋଶ ହୋଇଥିଲା ଯେ ସେମାନେ କଟକ ଜେଲଖାନାରେ ଅଳ୍ପକାଳ ରହି ଯେବେ ଯେବେ ଜେଲ ପ୍ରହରୀମାନଙ୍କଠାରୁ ତରବାରିମାନ ଛଡ଼ାଇ ନେଇ ଓ ସେଥିରେ ସେମାନଙ୍କୁ ହତ ଆହତ [illegible] ଜେଲରୁ ବାହାରି [illegible] କାରଣ ତାଙ୍କର ବସା ଖୋଜି ଖୋଜି ସେହି ବାଟେ ଆସିଲେ ମାତ୍ର କେହି ନ କହିବାରୁ ଠିକଣା କରି ନ ପାରିଲେ । ପୁଲିସ ଓ ଲୋକମାନେ ତାଙ୍କ ପାଖେ [illegible] ପଡ଼ି ନ ପାରି ବୁଝିବାକୁ ସେମାନଙ୍କୁ [illegible] ଓ [illegible] ଲାଗୁଥିଲେ । ସେମାନେ ଏହା [illegible]

Digitized by srujanika@gmail.com

Split by PDF Splitter

ହାତଯୋଡ଼ି ଥାଇ କ୍ଷେପାଇ ପର୍ଯ୍ୟନ୍ତ ଯାଇଥିଲେ, ପଲଟନ ପନ୍ଥୁ ସେମାନଙ୍କ ପାଖେ ପଶି ନ ପାର ଦୂରରୁ ଗୁଳି ଦାଗିଲେ। ସେମାନଙ୍କ ସରଦାର ଶଡ଼କାସୁକ ପଲଟନଙ୍କୁ କହିଲା ଥରେ ତୁମେ କ ଯୋଦ୍ଧା ଯେ ଆମ ନିକଟକୁ ନ ଆସି ଦୂରରୁ ଗୁଳି ଦାଗୁଛ ଆମ ଗୋଡ଼ରେ ବେଡ଼ି ଓ କେତେକ ଗୁଳି ଖାଇଲୁଣି ତେବେକି ତୁମେ ନଳ ରଖି ଖଣ୍ଡା ଧରି ଆସ ଯେବେ ଆମକୁ ଜିଣି ଯିବ ତେବେ ଜାଣିବା ତୁମେ ଯୋଦ୍ଧା ତୁମେ ବୀର। ସେମାନେ ଏପରି ଝାଣ ଥିଲେ ଯେ ତେହି ୫୬ ଜଣ ୩୧୦ ଓ ଶଡ଼କାସୁକ ୧୮ ଗୁଳରେ ହତ ହେଲେ। ମୋଗଲବନ୍ଦର ପାଏକ ସେନା ଦଳ ଭଣ୍ଡା ଅଧିକରେ ଏହିପରି ବଳିଷ୍ଠ ଥିଲେ, ସରକାର ସେମାନଙ୍କୁ ଯାହା ଏବାଲିସ କର ଦେଲେ। ବାକିର ସଙ୍ଗା ଅତ୍ୟାଚାର ଓ ଚର ଦୁର୍ଭ୍ୟାଦ କରିବାରୁ ସେହି ଗମପ୍ରସାଦ ବାକିରୁ ପ୍ରେରିତ ହୋଇ ସକାଙ୍କୁ ଧୃତ ଓ ଦଳରୁ ଅଧି ଭୂତ କରି ବନ୍ଦୋବସ୍ତ ଆଦି କାର୍ଯ୍ୟ କରଥିଲେ।

ସରକାରୀ କାର୍ଯ୍ୟ ମଧ୍ୟରେ ସ୍ୱଜସ୍ୱ ବନ୍ଦୋବସ୍ତ ଅତି ଗୁରୁତର ଅଟେ। ସନ ୧୮୩୭ ସାଲର ଓଡ଼ିଶା ବନ୍ଦୋବସ୍ତ ଓଡ଼ିଆ ଉପୋଟୀମାନଙ୍କଦ୍ୱାରା ହୋଇଥିଲା। ସେ ବନ୍ଦୋବସ୍ତ ର ୬୦ ବର୍ଷ କାଳ ପ୍ରବଳ ରହିଲା ଭୂମି ସଙ୍କ୍ରାନ୍ତ ସମସ୍ତ ବିବାଦ ନିଷ୍ପତ୍ତିରେ ମୂଳସର୍ପିରୁ ହାଇକୋର୍ଟ ପର୍ଯ୍ୟନ୍ତ ସେହି ବନ୍ଦୋବସ୍ତ କାଗଜ ଉପରେ ନିର୍ଭର କରିଅଛନ୍ତି ତହିଁର କୌଣସି ଦୋଷ ଏ ସାର୍ଦ୍ଧକାଳରେ ପ୍ରକାଶ ପାଇ ନାହିଁ। ସନ ୧୮୯୭ ସାଲର ବନ୍ଦୋବସ୍ତ ଯାହା ନିକଟରେ ସମାପ୍ତ ହେଲା ତାହା ପ୍ରାୟ ସବୁ ଅଣ ଯୋଗ୍ୟ ବିଦେଶୀୟଙ୍କଦ୍ୱାରା ହୋଇଅଛି। ସରକାରୀ ସମାପ୍ତି ରପୋର୍ଟ ଉପନିବେଶ ହୋଇଥିଲେହେଁ ଏ ଅଳ୍ପକାଳ ମଧ୍ୟରେ ତହିଁର ଅନେକ ଦୋଷ ଓ ଅନେକ ଭୁଲ ପ୍ରକାଶ ପାଇଲାଣି। ଜମିଦାର ପ୍ରଜା ଭୋଗୁଅଛନ୍ତି ସେ ସବୁ ଦର୍ଶାଇଲେ ପଦିନା ପୂର୍ଣ୍ଣ ହୋଇ ଯିବ ମଧ୍ୟ ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେ। ଯଦି କେହି ଏଥିର ପ୍ରତିବାଦ ଏ ପତ୍ରିକାରେ ପ୍ରକାଶ କରନ୍ତି ତେବେ ଆମ୍ଭେ ସେସବୁ ପୃଥକ୍ ପ୍ରବନ୍ଧରେ ଦର୍ଶାଇଦେବୁ ଆମ୍ଭେ ଜଣେ ଭୁକ୍ତଭୋଗୀ। ପୂର୍ବର ବନ୍ଦୋବସ୍ତ କର୍ମଚାରୀ ଓ ଅନ୍ୟ ଡିପୋଟୀଅଦମାନେ ଇଂରେଜୀ ଶିକ୍ଷିତ ନ ଥିଲେ କଲେକ୍ଟର ଫଜିରଦାରୀ ଅମଲାଙ୍କ [illegible] ଲେଖିବାର ଅନେକ ଅଧିକାର ଥିଲା ଏବଂ ବର୍ତ୍ତମାନ ସଙ୍ଗ ପଦ ପଦବୀ ବ୍ୟବହାର ନସ୍ୟାବଳୀମାନ ନ ଥିଲା ସେମାନେ ଆପଣା ବୁଦ୍ଧି ବିବେକରେ କାର୍ଯ୍ୟ କରୁଥିଲେ ତଥାପି ପୂର୍ବ କାନନ ଓ ଅମଲଙ୍କ କାର୍ଯ୍ୟ ହିସାବ ତଦାରକ କାଗଜ ରଖିବାର କଳ ଥିଲା। ବର୍ତ୍ତମାନ କଲେଜ ଯୋଗେ ଓଡ଼ିଶାରେ ଇଂରେଜୀ ଉଚ୍ଚ ଶିକ୍ଷା ବିସ୍ତାର ହୋଇଅଛି ଓ ଅନେକ ଓଡ଼ିଆ L. A, ଓ B. A, ପରୀକ୍ଷା ହୋଇଅଛନ୍ତି। ବାସ୍ତବରେ ପୂର୍ବାପେକ୍ଷା ବର୍ତ୍ତମାନ ଅନେକ ଓଡ଼ିଆ ଇଂରେଜୀରେ ସୁଶିକ୍ଷିତ ଓ ଉପଯୁକ୍ତ ହୋଇଅଛନ୍ତି ତଥାପି ନ ୬ ମୂଳ ପ୍ରବନ୍ଧ ଲେଖାମାନେ ଅନେକ ବିଦେଶୀୟ ଉତ୍କଳରେ ନିଯୁକ୍ତ ହୋଇଅଛନ୍ତି ଏବଂ ଓଡ଼ିଆମାନେ ପଛକୁ ପଡ଼ି ରହୁଅଛନ୍ତି ଏହା ଶୋଚନାର ବିଷୟ ଅଟେ। ଏ ପ୍ରବନ୍ଧ ଅତି ଦୀର୍ଘ ହୋଇଯିବାରୁ ତହିଁର କାରଣାଦି ଏ ପତ୍ରରୁ ଦର୍ଶାଇବୁଁ।

ସାପ୍ତାହିକ ସଂବାଦ।

କଲିକତା ଗେଜେଟ।

ରେଭେନ୍‌ସା କଲେଜର ପ୍ରୋଫେସର ବାବୁ ପଞ୍ଚୁଗୋପାଳ ମୁଖାର୍ଜି ପ୍ରେସିଡେନ୍‌ସି କଲେଜର ପ୍ରୋଫେସରର ପଦରେ ନିଯୁକ୍ତ ହେଲେ।

ଝଙ୍କାରିଙ୍ଗ ମେମ୍ବର ମାନ୍ୟବର ମିଃ ସି, ଉଜନସନ୍ କୋର୍ଟରୁ ମା ୬ ସର ଛୁଟି ଗ୍ରହଣ କଲେ।

ମେଦନୀପୁର ଜିଲ୍ଲା କାନ୍ଥି ମୁନସଫ ବାବୁ ଅବିନାଶ ମୁଖାର୍ଜି କଟକ ସଦର ମୁନସଫ ପଦରେ ନିଯୁକ୍ତ ହେଲେ। ବାବୁ ଅବିନାଶ ମୁଖାର୍ଜିଙ୍କ ଛୁଟିରେ ଅନୁପସ୍ଥିତ କାଳରେ ବାବୁ ନନ୍ଦଗୋପାଳ ମୁଖାର୍ଜି ଏମ୍, ଏ, ବି ଏଲ୍, କଟକ ହିସାବ ସବ୍‌ଜଜ ମୁନସଫ ପଦରେ ନିଯୁକ୍ତ ହେଲେ।

ପୁରୀର ଡେଃ ମାଜିଷ୍ଟ୍ରେଟ ବାବୁ ଉମାଚରଣ ଦାସ ପୋଷ୍ଟ, ଦାନ କାର୍ଯ୍ୟଲୟ ଅନ୍ତର ଧା ୩୫୬ ଟଙ୍କାସ୍ଥାୟୀ ଇଂସ୍ପେକ୍ଟର ଜଣାଇଲେ ପୌଜିଦାରୀ ମୋକଦ୍ଦମାରେ ଖାସ୍ ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ।

ଏ ସପ୍ତାହରେ ପ୍ରତିଦିନ ଏବଂ ରେଳ ସବୁ ଅଞ୍ଚଳରେ ବୃଷ୍ଟି ହୋଇଅଛି। ନଦୀର ପରିମାଣ ଭଣା ହେଲେହେଁ ବୃଷ୍ଟିଜର୍ଯ୍ୟ ଡର ଅଧିକ ହୋଇ ନାହିଁ। ଖାଦ୍ୟ ଦ୍ରବ୍ୟ ସସ୍ତା ଅଛି।

ଓଡ଼ିଶାର କମିଶନର ସାହେବ [illegible] ରେ ଆଉ ଦିନ ପାଇଁ ଅଛନ୍ତି।

ଏ ନଗରର କୁଲେଣ୍ଟାରୀ ପଡ଼ ଜନତାର ଦେଖ ହେଲା। ସେ ସମୟ ସ୍ଥାନରେ ବାଳିକ ଯାଗ ତୁବ ନେ ସହର ଗାଜରେ ଯାଗ ହୋଇଥିଲା ଏବଂ ଲୋକମାନଙ୍କ ମଠରେ ପ୍ରସାଦ ସେବା ଅଧିକ ଭୂତ ହୋଇଥିଲା। ପାଖ ଜନ ସହରରୁ ପ୍ରେମିକ ଅନେକ ଯାତ୍ରୀ ହୋଇଥିଲେ।

କଟକ ମାଜିଷ୍ଟ୍ରେଟ ସାହେବ ଉଡ଼ ସୁପରବାଇଜ ଓ ବୁଝି ସାବ ଏଠା ମିଉନିସିପାଲିଟୀ ଅଂଶର ପରିଦର୍ଶନ କର ଥିଲେ।

ଏସ୍ତା ସୋମବାର ଅପରାହ୍ନରେ ମାନ୍ୟବର ଲେପ୍ଟେନାଣ୍ଟ ଗଭର୍ଣ୍ଣରଙ୍କୁ ଦେଖିବା ପାଇଁ ଯିବା ଯଥାନ୍ତି।

ପୁରୀ ଜିଲ୍ଲା ଡେପୁଟୀ ଇନସ୍ପେକ୍ଟର ରେମଣ୍ଡ ସତ ଦିନ ସକାଳେ ଏ ନଗରରେ ପହୁଞ୍ଚଅଛନ୍ତି। ଅଳ ଦିନ ପୁରୀ ଓ କଟକ ଯିବେ।

ଏଠା ମିଉନିସିପାଲିଟୀ କଟେଜର ଚେୟାରମ୍ୟାନ ବାବୁ ବୃଜନାଥ ବସୁ କାର୍ଯ୍ୟରେ ଅବସ୍ଥିତ ହେବାରୁ ଯଥାକ୍ରମେ ମିଉନିସିପାଲ କମିଶନରମାନଙ୍କ ଦ୍ୱାରା ଅବସର ନେବାର ଅଧିକାର ହୋଇଅଛି।

କୋଠଦେଶ ସମ୍ବାଦ।

ଗତ ସପ୍ତାହରୁ ବୃଷ୍ଟି ହେବାରୁ ଭୂଇ ଚେଷ୍ଟା କାର୍ଯ୍ୟ ଶେଷ ହୋଇଅଛି। ଚଳିତ ବର୍ଷ କୃଷିକାର୍ଯ୍ୟରେ ଉଚ୍ଚ ଲୋକମାନେ ଏ ବର୍ଷ ଖୋରପୋଷ ପାଇବାର ଆଶା କରୁଥାନ୍ତି। ନଦୀ ଜଳ ପଡ଼ିଲେ ପଥୁରୀ ଓ ଶାଳି ଫସଲ ଉତ୍ତମ ହେବା ସମ୍ଭବ।

ଏ ଅଞ୍ଚଳର ଲୋକଙ୍କ, ଶୁଦ୍ଧର ଓ ସାଧାରଣ ବିଷୟ [illegible] ରମାନ ପଞ୍ଜିକା [illegible] ଲୋକ ଯତନ କରୁ ନାହାନ୍ତି, ମହାରାଜ ଲୋକଙ୍କ କେବଳ ସେପରି ପ୍ରଜାମାନେ ମଧ୍ୟ [illegible] ପଡ଼ିଅଛନ୍ତି। କେତେକ ସ୍ଥାନରେ [illegible] ଜମିଦାରମାନେ ପ୍ରଜାଙ୍କ ଉପରେ [illegible] ଓ ଅତ୍ୟାଚାର କରିବା ପ୍ରସ୍ତୁତ କରୁଥିଲେ ସ୍ୱତନ୍ତ୍ର ହୋଇଥାନ୍ତି।

କୋଠଦେଶର ପ୍ରଜାମାନେ ଅନେକ ଗ୍ରାମରେ ଓଡ଼ିଆ ପ୍ରକୋପ ବୃଦ୍ଧି ହୋଇ ନଦୀ ଅଧିକ ବଢ଼ିଅଛି, ସେ ଦିନ ଲକ୍ଷ୍ମୀପୁର ନାମ ଗାଁ, ଗୁରୁଦାସ ଓ ପଣ୍ଡା ଗ୍ରାମ ଜଳରେ ଜନ୍ମିଲା [illegible] ପ୍ରକାର ଦେଖାଯାଏ ନାହିଁ [illegible] ସମୟରେ ପ୍ରଜାକଷ୍ଟ ସମ୍ପ୍ରତି (ରାଜ [illegible] ମାନେ) ସିଂହଦେବ [illegible] ଓ [illegible] ଗ୍ରାମବାସୀମାନଙ୍କର ପ୍ରାର୍ଥନା ପୂରଣ କରନ୍ତୁ [illegible] ପ୍ରାର୍ଥନା କରୁଅଛୁଁ।

ପ୍ରବଳ ବର୍ଷା ଯୋଗୁଁ [illegible] କୋଠଦେଶର ପଥର ସ୍ଥାନ [illegible] ପ୍ରତି ସର୍ବସାଧାରଣ [illegible] ଦେଖାଗଲା ଅର୍ଥାତ୍ ଚଉଦ ଘାଟ ମା [illegible] ଓ ରଣଭଗରା ମା [illegible] ଉପରେ ଜଳ ପଡ଼ିଲା [illegible] ସେଥିପାଇଁ ଲୋକ ପ୍ରସ୍ତୁତ କରୁଛନ୍ତି। ସରକାର [illegible] ଟଙ୍କା ଓ ଖର୍ଚ୍ଚ ଦେଇ ଉପାୟ [illegible] ହୋଇ ପାରିଲେ ଏହା କୋଠଦେଶର ମଙ୍ଗଳ ସାଧନ କରିବ।

ପୁରୀ ସମ୍ବାଦ।

ଗତ ବର୍ଷା ଋତୁରୁ ଶ୍ରୀ ଜଗନ୍ନାଥ [illegible] ପୁଷ୍ପଯାତ୍ରା ଆରମ୍ଭ ହୋଇ ୧ ୨ ଦିନ ଶେଷ ହୋଇଅଛି। ପୁରୀର ମଠବାଡ଼ି ଓ ଅନେକ ସ୍ଥାନରେ [illegible] ଏବଂ ମଠମାନଙ୍କ ମଧ୍ୟରେ ଉତ୍ତରପାର୍ଶ୍ୱ ମଠ [illegible] ଝୁଲଣ ଯାତ୍ରା ମଠର ନାଚ ଗୀତ ମହୋତ୍ସବ ହୁଏ ନାହିଁ। ଅନ୍ୟାନ୍ୟ ମଠମାନଙ୍କରେ [illegible] ଦେଖାଯାଉଥିଲା, ରାଜସଭା ଓ ସୁନିରତା ପ୍ରଭୃତି [illegible] ହୋଇଥିଲା। ସରକାର [illegible] ମାତ୍ର ଆଉ [illegible] ଦୁଇ ଲକ୍ଷ ଯାତ୍ରୀ ହୋଇଥିଲେ [illegible] ଓ [illegible] ବାବୁ ଅନେକ ସେବା ହୋଇଥିଲେ।

ଶ୍ରୀ ମନ୍ଦିରର ଦକ୍ଷିଣ ଦିଗରେ ଅନେକ [illegible] କୌଣସି ସ୍ଥିର ହୋଇ ପାରୁ ନାହିଁ [illegible] ମଧ୍ୟରେ ପଥର ପ୍ରକାଶ [illegible] ଏବଂ [illegible] ଅପଯାଗ [illegible] ପାଇବା ସବୁ ଆପଣାର ବନ୍ଦୋବସ୍ତ କରୁଅଛନ୍ତି।

[illegible] ମାସ ଅବଧାନ ସହ [illegible] ସନ୍ତୋଷ ପ୍ରକାଶ କରୁଅଛନ୍ତି।

ବର୍ଷାର ଅଭାବ ନାହିଁ।

ପତ୍ରପ୍ରେରକଙ୍କ ପତ୍ର।

ବାଲେଶ୍ୱର—ବାଣିଜ୍ୟ ଏକ ଅଟେ ସତ୍ୟ, ଅନ୍ୟାନ୍ୟର ପରିଚୟ ଲୋଡ଼େ ନାହିଁ। ଆପଣ ଯାହା ଲେଖିଅଛନ୍ତି ତାହା ସାଧାରଣ ତଥା କୌଣସି ବ୍ୟକ୍ତିର ପ୍ରଶଂସନୀୟ କାର୍ଯ୍ୟ ଯାହା ନ ଆଦର୍ଶ ସ୍ୱରୂପ ଗ୍ରହଣଯୋଗ୍ୟ ତହିଁର ଉଲ୍ଲେଖ ଉଚିତ ଅଟଇ ସକଳ ପ୍ରକାଶ କରନ୍ତି।

Digitized by srujanika@gmail.com

ମଲ୍ୟପ୍ରାପ୍ତ ।

ବାବୁ ଭେଣୁସାହୁ	ଦେଣ୍ଡପୁର	ଟ ୩ (
ଉପେନ୍ଦ୍ରନାଥ ମିଶ୍ର	କଟକ	ଟ ୯ (
ପଣ୍ଡିତ ଦ୍ୱାରା ହେଡମାଷ୍ଟର	ପୁରୀ	ଟ ୬ (
ରଘୁନାଥ ମହାନ୍ତି	କଲୁକତା	ଟ ୩ (
ଲକ୍ଷ୍ମୀ ନହାନ୍ତି	ଗଞ୍ଜାମ	ଟ ୩ (
ବନମାଳି ସାହୁ	କଟକ	ଟ ୧୫ (
ଉପେନ୍ଦ୍ର ଷାହୁ	,,	ଟ ୩ (
ଜଗନ୍ନାଥ ଚୌଧୁରୀ	,,	ଟ ୦ ।
ବିଶ୍ୱନାଥ ମହାନ୍ତି	,,	ଟ ୩ (
ସୁଦର୍ଶନ ଦାସ	ଜଗତସିଂହପୁର	ଟ ୨ /
ଶ୍ରୀବତ୍ସଲାଞ୍ଛନ ସେନ	ହେଡମାଷ୍ଟର ପୁରୀ	ଟ ୬ (
ଜୁବରାଜ ବେହେରା	ମର୍ଦ୍ଦାପୁର	ଟ ୩ (
ଆମୃତଲାଲ ଘୋଷ	ଧାମନଗର	ଟ ୩ (
ନବଘନ ଦାସ	କଟକ	ଟ ୩ (
ମାଜିଷ୍ଟ୍ରେଟ ସାହେବ	,,	ଟ ୯ (
ବାମୁନଡିହ ମିଡ଼ ସ୍କୁଲ	ଯାଜପୁର	ଟ ୧ ୫
କୃଷ୍ଣଚନ୍ଦ୍ର ଭୂୟାଁ	ଜୟପୁର	ଟ ୩ (
ଚନ୍ଦ୍ରଭାନୁ ମହାନ୍ତି	ଯାଜପୁର	ଟ ୩ (

ବିଜ୍ଞାପନ ।

KIPPAX & Co.'s PREPARATIONS.

କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

୧ । ଦନ୍ତଶୋଧକ ଚୂର୍ଣ୍ଣ—(ଟୁଥ ପାଉଡର) ଦନ୍ତରୋଗର ଅବ୍ୟର୍ଥ ମହୌଷଧ । ଦନ୍ତ ଦୋଳିବା, ଦନ୍ତମୂଳରୁ ରକ୍ତ ପଡିବା ଓ ଦନ୍ତମୂଳ ଫୁଲି ପଡିବା, ମାଢ଼ିପ୍ରା ପଚିଯିବା ଓ ମୁଖର ଦୁର୍ଗନ୍ଧ ପ୍ରଭୃତି ସର୍ବପ୍ରକାର ଦନ୍ତରୋଗ ନିବାରଣ କରେ।

ମୂଲ୍ୟ ପ୍ରତିଟିନ ଟ ୦ । ଚାରିଅଣା

୨ । କିପାକ୍ସ ଟନିକ—ସମସ୍ତ ବଳିଷ୍ଠ ଦୌର୍ବଲ୍ୟ ଶରୀରରେ ଅକ୍ଷୁଧା, ଯକୃତ, ଅଜୀର୍ଣ୍ଣ, ଅମ୍ଳ, ଜ୍ୱାଳା, ପାକସ୍ଥଳୀରେ ଯନ୍ତ୍ରଣା, କୋଷ୍ଠବଦ୍ଧ, ଜୀବନୀଶକ୍ତିର ହ୍ରାସ, ରକ୍ତର ସ୍ୱଳ୍ପତା, ପ୍ଲୀହା ପ୍ରଭୃତି ଓ ସର୍ବପ୍ରକାର ଜ୍ୱରର ଅବ୍ୟର୍ଥ ମହୌଷଧ । ସ୍ନାୟୁ ସମ୍ବନ୍ଧୀୟ ଦୌର୍ବଲ୍ୟର ଏହା ଅମୂଲ୍ୟ ଔଷଧ । ଉକ୍ତ ରୋଗରୁ ଆରୋଗ୍ୟ ହେବାରେ ବଳ ଲାଭ କରିବାରେ ବିଶେଷ ଫଳଦାୟକ ।

ପ୍ରତି ଶିଶିର ମୂଲ୍ୟ ଟ ୨୲

୩ । ପିଲାଙ୍କ କାଡେଡସ୍ପା ;—ବାଲ୍ୟକାଳର ଦୁର୍ବଳତା ହେତୁ ପୁରୁଷଙ୍କ ଦାନ୍ତ ଓ ଚକ୍ଷୁ ଅନାରୋଗ୍ୟ ଓ ଉତ୍ତମ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ପରମ ଉପକାରୀ ଔଷଧ ।

ମୂଲ୍ୟ ୬ ବଟିକା ପୂର୍ଣ୍ଣ ପ୍ରତିବାକ୍ସ ଟ ୪୯

ଏକମାତ୍ର ଏଜେଣ୍ଟ

ହ୍ୱିଲରଡନ୍ତ କୁଣ୍ଡୁ ଏଣ୍ଡ କୋଂ

ନଂ ୧୬୭ ଯର୍ଦ୍ଦନଲ ଷ୍ଟ୍ରିଟ

ନଂ ୧ ଟଙ୍କା ମାର୍କେଟ ଓ ନଂ ୬୧ ମୁନ୍ସିଗୌର କଲିକତା

ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍ଟ୍ରୋ ସାଲସା** ଅଦ ଓ ଅକୃତ୍ରିମ ଅତ୍ୟାଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଏକସ୍ଥା ଜଗତରେ ନବଜୀବନ ଦେଉଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧାସ୍ତ୍ର, ଯାବତୀୟ ନାଶ କରିବାକୁ ଅମୋଘ, ବାତରକ୍ତ ରୋଗର ଭରସା, ସ୍ନାୟୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତା ଅକୃତ୍ରିମତାର ଜାଜ୍ଜ୍ୱଲ୍ୟ ପ୍ରମାଣ, ଜଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ପ୍ରଭୁଲଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ମୁଁ ଆନନ୍ଦର ସହିତ ଜଣାଉଅଛି ଯେ "ଇଲେକ୍ଟ୍ରୋ ସାଲସା" ବ୍ୟବହାର କରିବା ଓ ରକ୍ତଦୁଷ୍ଟି ହେତୁ ବହୁତ କ୍ଲେଶ ଅନୁଭବ କରିବା ପକ୍ଷରେ ସନ୍ତୋଷଜନକ" ।

୨ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ର ଦେଓ ତେଲ୍ଲାଗୋଲରୁ ଲେଖିଅଛନ୍ତି—"※※※ ଶରୀରର ମୋଟରେ ଏହି "ଡ୍ୟାନକାନ" ଔଷଧ ମଗାଇଲି, ଉପକାର ଦେଖିବା ପରେ ଆଉ ଅନ୍ୟ ପରୀକ୍ଷା କରିଲି ସେଥିରେ ଯାହା ଅଛି ବୋଲି ଜଣାପଡିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ପ୍ରକାଶ କରିପାରିବି ନାହିଁ । ମୋତେ ଆଉ ୩ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ବଳନ୍ଦର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ଯଥାର୍ଥ କହୁଅଛି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର ...

ପ୍ରାପ୍ତିସ୍ଥାନ—ଡବ୍ଲ୍ୟୁ ମେଜର ଏଣ୍ଡ କୋମ୍ପାନି କଲିକତା, ବମ୍ବେ ।

Split by PDF Splitter
Digitized by srujanika@gmail.com

ଡାକ୍ତର ମେନେର ସାହେବଙ୍କର ଅବସ୍ଥିତ ଦେହ

"ଇଲେକ୍‌ଟ୍ରୋ ସାଲିନ"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଅନୁଜ୍ଞାନୁସାରେ ରେଜିଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଶୁଦ୍ଧ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାକ୍‌ଟନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାରିକୁ ରୋଗଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା—ନିଜ ଗୁଣରେ ଏକଥା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକଟ୍ରୋ ସାଲସା:—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବାକସ୍ ବିକ୍ରି ହେଉଅଛି ସେଥି ବଡ଼େ-ଶରୁ ମେହୃପଡ଼ ଗଣି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକଟ୍ରୋ ସାଲସା:—କବୋଷ୍ଣାବକ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବଳ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅମୋଘ କାରଣାଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରକୋପ ଦମନ କରିଦିଏ । ୨।୯ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚନା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି, ନବ ସ୍ୱାସ୍ଥ୍ୟ ନବ ଉତ୍ସାହ ଓ ନବ ଜୀବନର ପ୍ରାପ୍ତ କରାଇଦିଏ ଯୌବନକାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକଟ୍ରୋ ସାଲସା:—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ କଳକତ୍ତାରେ ପ୍ରଚଳିତ ଓ ବିକ୍ରୟିତ ହେଉଥିବା ସ୍ୱଦେଶୀ ଓ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ । ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କେବଳ—

ଇଲେକଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନଃସଂକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳରେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାକୃତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି, ଯେଉଁଠାରୁ ଥରେ ଔଷଧ ସେବନ କରିଅଛି ସେଠା ଅଧିବାସିମାନେ "ଇଲେକଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଔଷଧ ପଠାଇବାକୁ ପତ୍ର ଲେଖିଅଛନ୍ତି । ବଡ଼୨ ଡାକ୍ତରଖାନାରେ ରୁଗ୍ଣ ରୋଗୀଙ୍କ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଆସିଆ, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା । ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଏକାଧାରରେ ଏତେ ଅଧିକଗୁଣସମ୍ପନ୍ନ ଔଷଧ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଙ୍ଗ ଗଣ୍ଠି ଫୁଲିବା ଲୁଣ୍ଠନ ହୋଇ ଫୁଲି ଉଠିବା, କୁଷ୍ଠଅଣ, କ୍ଷୁଦ୍ର ଶରୀର ଓ ଯାଉଳି ଘା, ନାକ ଓ ତାଉଲ ଘା ଦେହରେ ବା ହସ୍ତ ଓ ପାଦତଳରେ ଯାଗ ଶରୀରର ସାଦା ବା ଚିଲାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପଦଂଶ ଏବଂ ତହିଁର କଷ୍ଟଦାୟକ ପରିଣାମ ପୁଣି ପାରଦ ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଜରଳ ଶୁକ୍ର ଗାଢ଼ କରିବାକୁ ଧାରକାର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହୁବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂର୍ଚ୍ଛା ଜାଲରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ହସ୍ତ ମଇଥୁନଗଣରେ କାର୍ଯ୍ୟ ଜନିତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ନାୟୁଶକ୍ତିହୀନ, ମୁଣ୍ଡ ବୁଲାଇବା, ଚିତ୍ତର ଅସ୍ଥିରତା, ଚକ୍ଷୁନିଷ୍ପ୍ରଭତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ରେ ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକଟ୍ରୋ ସାଲସା:—ର ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ । ସଙ୍ଗେ୨ ସୁଫଳ ପାଇବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରକୁ ଓଜନ କଲେ ବଢ଼ିଥିବ ।

ଇଲେକଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରିପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍‌ଟ୍ରୋ ସାଲସା" ଭୁମ୍ମ ଶ୍ରେଣୀର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀହେଁ ଆରୋଗ୍ୟ ନ ହୋଇଅଛି ଏପରି ନୋହିଲ ନାହିଁ ତାହାର ଉଦ୍ଧୃତି ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ସ୍ୱୀକୃତ ... ... ହୋଇଅଛି । ଶୀଘ୍ର ପ୍ରକାଶିତ ଓ ... ହେବା ପ୍ରତ୍ୟୋକ କାହାପାଇଁ ଦେ

... ମୂଲ୍ୟ ପ୍ରତି ଶିଶି ଟ ୨୯ ... ଶିଶି ଟ ...

... ଶିଶି ଟ ୧୦୧ ଡଜନ ଟ ୨୦ ୯

... ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକଟ୍ରୋ ସାଲସାର ;—ଆବିଷ୍କର୍ତ୍ତା— ଡାକ୍ତର ... ଜେମସ୍, ମେନେର ଏମ୍, ଏ, ଏମ୍ ଡି, ଇଲେକ୍ଟ୍ରୀସିଅନ, କିଉସର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରତିଷ୍ଠାନ;— 'ଜବଲପୁର ମେନେର ଏଣ୍ଡ କୋମ୍ପାନି," ତ୍ରିଲୋକନା,

Split by PDF Splitter

Digitized by srujanika@gmail.com

ବିଜ୍ଞାପନ ।

ଅତ୍ର ଦାବାରଭୁ ଅସ୍ଥାୟୀ ସ୍ୱଣବଶିଷ୍ଟ ଦାଳେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି— ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ଅନୁଯାୟୀ ରେଜେଷ୍ଟ୍ରିକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ସ୍ନାୟବିକ ଦୁର୍ବଳତା, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବୁଲ ଲତା ଓ ଗୁଳ୍ମ ଇତ୍ୟାଦିସହିତ ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅନୁସରଣ, ଯତ୍ନରେ ଓ ଗାଢ଼ିଷ୍ଠତା ପ୍ରଭୃତି କେତେଗୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ସାଇଣ୍ଟିଫିକ ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଜର୍ଜରିତ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରଦ ଓ ଗନ୍ଧକ ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଦେଶ ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରଦ ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜୀନ ରୋଗ ବୃଦ୍ଧି କରେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ । ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜୀନର ଗୁଣ ସ୍ଥାୟୀ ।

ଡ୍ୟାନଜୀନରେ—ମଦ, ଅଫିମ, ଗଞ୍ଜେଇ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ ; ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ଅଳ୍ପକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଅବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଭଗ୍ନ ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଯ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ମୂତ୍ରର ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୂତ୍ରକୃଚ୍ଛ୍ର, ହୃଦ୍‌ରୋଗ ଜ୍ୱର, ହସ୍ତ ଜ୍ୱାଳା, ପାଦରୁ ଜଳପଡ଼ିବା, ହାତଗୋଡ଼ ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ଋତୁସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରଦ ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଗଡ଼ା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁହଁରେ ଓ ନାକଭିତରେ ଘା, ନାଳି ଘା, ପଞ୍ଝା, ଦାଉଦ, କାଛୁ, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କଟକଟ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସ୍ୱଳ୍ପ ସମୟରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ ଜନ୍ମିବା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।, ୩ ବୋତଲ ଟ ୩।୦, ୬ ବୋତଲ ଟ ୭॥ ଏବଂ ଓ ୧୨ ବୋତଲ ଟ ୧୪ ଟଙ୍କା ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦।୰ ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୰ ଅଣା ।

L. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ ଏଜେଣ୍ଟ—ଲକ୍ଷ୍ମୀ, ବର୍ମା, ଘିଞ୍ଜେନ, ଏଲ, ବି, ଜି, ଏଣ୍ଡ କୋଂ କଲିକତା

---

୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଦାଦୁର ଔଷଧ ।

ଯେ କୌଣସି ପ୍ରକାର ଦାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୩୵ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡଜନ ଟ ୧୦ ୧ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଏଲ, ବି, ଜି ଏଣ୍ଡ କୋଂ କଲିକତା

Split by PDF Splitter
Digitized by srujanika@gmail.com

Split by PDF Splitter

ବିଜ୍ଞାପନ ।

ଜାଳୁ ରୋଗର ଏହା ବୈଦ୍ୟଶାସ୍ତ୍ର ସମ୍ମତ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେତେ ବଡ ଦୁର୍ଦ୍ଦମ୍ୟ ଦଦ୍ରୁ ଜାଳୁ ହୋଇଥାଉ ନା କାହିଁକି ଏ ଔଷଧ ତହିଁରେ ଲଗାଇବା ମାତ୍ର ସଦ୍ୟ ସଦ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ଜନିତ କଷ୍ଟରେ ତିନି ଦିନ ମଧ୍ୟରେ ଦୂର ହୋଇଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ୦ ୧ ଅଣାମାତ୍ର ।

ଯେଉଁମାନଙ୍କର ଯେମନ୍ତ ଯାଦୁ ରୋଗ ହେଉ ପଛକେ ଜଳଶୂନ୍ୟ ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଯାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାର ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ହାକିମ ପ୍ରଭୃତିଙ୍କଠାରୁ ନିତାନ୍ତ ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହୋଇଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଯାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ୦ ।୵ ଅଣାମାତ୍ର ।
ଏକଥରେ କେହି ଛ ବା ବାର ଗୋଟି ଡବା ନେଉଁଛନ୍ତି, ଅଧିକ ନେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଆପଣା ନାମ, ଧାମ ଡାକଘର ସ୍ପଷ୍ଟ ଅକ୍ଷରରେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।
୨।୭।୦୩ ଶ୍ରୀ ସନାତନ ସେଠ ।

ଦେଖନ୍ତୁ ଉତ୍କଳପ୍ରେସ, ବାଲେଶ୍ୱର ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—*For full particulars apply to*

H. J. BELL
Agent Cuttack.

ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Billious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଅଛି

କବିରାଜ ଶ୍ରୀଯୁକ୍ତ ନିତ୍ୟାନନ୍ଦ ରଥଙ୍କର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସବୁପ୍ରକାର ଔଷଧାଦି ଉଚିତ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ସର୍ବଗୁଣାବଳୀକାରକ ସୁପ୍ରସିଦ୍ଧ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜୀବନରକ୍ଷାକାରୀ ଔଷଧ ଅନୁପାନ ଭେଦରେ ପ୍ରୟୋଗ କଲେ ଏହାଦ୍ୱାରା ଅଗ୍ନିମାନ୍ଦ୍ୟ, ଅର୍ଶ, ଅମ୍ଳପିତ୍ତ, ଶୂଳରୋଗ, ସ୍ୱପ୍ନଦୋଷ, ମେହ, ଅଜୀର୍ଣ୍ଣ ବାତଜ୍ୱର, କାଶ, ଶ୍ୱାସ, କ୍ଷୟ; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅଟନ୍ତି ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଆଦି ରୋଗମାନଙ୍କର ସତ୍ତ୍ୱର ଶାନ୍ତି ହୋଇଥାଏ । ଅତ୍ୟଧିକ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଦୁର୍ବଳତା, ସ୍ମରଣଶକ୍ତିର ଅଲ୍ପତା

ରହିଲେ ବୋଧଶକ୍ତିର, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ପ୍ରକାର ପକ୍ଷରେ ଅବ୍ୟର୍ଥ ମହୌଷଧ । ଶତ ମାତ୍ରାର ମୂଲ୍ୟ ଟ ୧ ।

ର ୧ ଉ ଟ ୪୭

ଶଙ୍କରଗୁଡ଼ ବଟିକା ।

ଏହି ଔଷଧ ସର୍ବସମ୍ପ୍ରଦାୟରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱାଭାବିକ ଅଗ୍ନି ମାନ୍ଦ୍ୟ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ଫଳଲାଭ କରି ପାରିବେ ଏବଂ ଆରୋଗ୍ୟ ଉପସମ ହେବ । ଏହା ସମ୍ବନ୍ଧରେ ଅନୁଭୂତ ଉପାୟ ଅଟେ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧ ମାତ୍ର ।

କଲ୍ୟାଣଗୁଡ଼ ରସାୟନ ।

(ଦେଶୀୟ ଶାଲସା)

ଏଥିରେ ଲୁପ୍ତଦଂଶ (ଉପଦଂଶ) କ୍ଷତ, ଧାତୁ ଦୌର୍ବଲ୍ୟଜନିତ ଶରୀରରେ ଜ୍ୱାଳା ଦାହ; ଶ୍ୱେତକୋଷ୍ଠ ଓ ପ୍ରଭୃତି ରକ୍ତଦୁଷ୍ଟ ଅବେଶ୍ୟ ହୁଏ । ଅଧିକନ୍ତୁ ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧ ମାତ୍ର ।
ଏକକାଳେ ଛଅଶିଶି ନେଲେ ଟ ୫ ଲେଖାଏଁ ।

ଚୌଧୁରୀ ବଜାର କଟକ	ଶ୍ରୀ ନିତ୍ୟାନନ୍ଦ ରଥ କବିରାଜ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ସାହିତ୍ୟର ଉନ୍ନତି ଉଦ୍ଦେଶ୍ୟରେ ନିମ୍ନଲିଖିତରୂପେ ମୂଲ୍ୟ ହୋଇଅଛି, ଯଥା—

ପ୍ରତିପତ୍ରର ମୂଲ୍ୟ

ଧାରାସ୍ତମ୍ଭ	୨ ୦ ୵
ଅର୍ଦ୍ଧସ୍ତମ୍ଭ	୧ ୮ ୦
ପୂର୍ଣ୍ଣ ଏକ ସ୍ତମ୍ଭ	୩ ୦ ୦

ରାଜ ଦୌଃଶିଳ୍ପ ପତ୍ର ଯେତେ ଦେବେ ୧୦ ୧ ଖଣ୍ଡ ଅଧିକ ଦେବ ନାହିଁ ।

ଟିକସ ଓ ଡାକମାସୁଲ ସହିତ ଅଗ୍ରିମ ଅଥବା ପ୍ରତି ସପ୍ତାହରେ ଦେବେ ।

ଅଧିକ ଥର ଛପାଯିବ ଭଲରୂପେ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ସହରରେ ଉତ୍କଳ ପ୍ରେସ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ ।

Digitized by srujanika@gmail.com

Split by PDF Splitter

STERED No. C. 81

331

ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

THE UTKAL DIPIKA.

ଖଣ୍ଡ ୩୮ ଗ
ସଂ ୩୪ ସଂଖ୍ୟା

CUTTACK, SATURDAY THE 22nd August 1903.
୭ ଭାଦ୍ର ସନ ୧୩୧୦ ସାଲ ଶନିବାର

ଅଗ୍ରିମ ୨
ଅଗ୍ରାଦେୟ ୨॥

NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

Oriya Alphabet and Spelling Book. For Infant Class and Standard I ...	As. 1
Oriya L. P. Science Reader	,, 3
Oriya L. P. Arithmetic ...	,, 4
Oriya U. P. Science Reader	,, 4
Oriya U. P. History Reader (Bengal) ...	,, 3
Oriya U. P. Geography Reader	,, 3
Oriya U. P. and Middle Vernacular Arithmetic ...	,, 8
Oriya U. P. Literature Book	,, 3
Oriya U. P. and M. V. Practical Geometry and Mensuration	,, 4
Oriya M. V. Science Reader	,, 7
Oriya M. V. History Reader	,, 4
Oriya M. V. Literature Book	,, 6
Oriental Drawing Books 1&2	As. 4 each
Do. 3 and 4 ...	As. 3
Macmillan's "Official" Copy Books Nos. 1, 2, 3, 4, 6, 8, 10, 12,	5 pice
Arnold's Civil Service Copy Books Nos. 1, 2, 3, 4, 4a, 5,	5 pice
"O. M. P." Blank Drawing Books	As. 1 & As. 1 6
Senior Teachers' Manual	,, 12 0
Junior Teachers' Manual	,, 10 0
Dr. Sircars English Reader I.	4 0
Do. Do. II.	5 0
Simple English Reader (Dhar)	6 0

C.L.S. School Books as follows:—

Senior Teacher's Manual	As.	12 0
Grammatical Primer	,,	2 0
Manual of English Grammar	,,	6 0
1st Standard English Book	,,	1 6
New English First Reader	,,	4 0
Do. Second ,,	,,	6 0
Do. Third ,,	,,	8 0
Do. Fourth ,,	,,	10 0
Do. Fifth ,,	,,	12 0
Do. Sixth ,,	,,	12 0

Discount allowed to Booksellers and Schools. Buyers will find it to their advantage to buy direct from the Orissa Mission Press.

For any of these books apply to:—

R. J. GRUNDY.
Supt. Orissa Mission Press,
CUTTACK.

NOTICE.

Is hereby given that the Commissioner's old office building and the connected buildings as they stand, will be sold. The purchaser should remove them and clear the site within two months from date of order.

Intending purchasers should submit their offers to the undersigned up to 1st September.

The undersigned does not bind himself to accept the highest, or any offer.

Cuttack
Dated 7-8-03.

F. A. A. COWLEY
Executive Engineer
Mahanadi Division.

NOTICE

Is hereby given that a 2nd Master of the Dhenkanal High English School on a salary Rs 50 per mensem is wanted. Preference will be given to one who has experience in teaching and is a graduate of the Calcutta University and will stick to the post for at least 2 years. Applications with testimonials will be received by the undersigned up to the 31st Instant.

Manager's Office
Dhenkanal
The 6th August 1903

B. Mardaraj
For Manager

NOTICE.

Wanted a Temporary Clerk to arrange English records of my office for 6 months on a salary of Rs. 15 per month. None need apply who has not acquired a thorough knowledge in English and has no experience in office work and in classification of English Records. Applications to be received by the undersigned up to the 31st instant.

Baramba Manager's office
The 10th August 1903

M. M. Patnaik
Manager.

Digitized by srujanika@gmail.com

ଉତ୍କଳଦୀପିକା ।

ଗତ ସପ୍ତାହରେ ଏ ନଗରରେ ଓଳାଉଠାର ଆକ୍ରମଣ ୧୫ ଓ ମୃତ୍ୟୁ ୭ ଥିଲା ଏ ସପ୍ତାହର ଆକ୍ରମଣ ୭ ଓ ମୃତ୍ୟୁ ୪ କୁ ଖସି ଆସିଅଛି । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ରୋଗ ଶାନ୍ତ ହୋଇଅଛି ଏବଂ ନଗରବାସୀଙ୍କର ଉଦ୍ବେଗ ଭାଙ୍ଗି ଯିବାରୁ ସେ ସମ୍ବନ୍ଧୀୟ ଦେବୀକସ୍ଥାନ ବନ୍ଦ ହୋଇଅଛି ।

ମାଣ୍ଡିର ରାଜା ବାଜସେନ ଗତ ଡିସମ୍ବର ମାସରେ କାଳଗ୍ରାସରେ ପତିତ ହେଲେ । ସେ କୁଅଁର ଭବାନୀସିଂହଙ୍କୁ ପୋଷ୍ୟପୁତ୍ର କରିଥିଲେ । କୁମାର ବର୍ତ୍ତମାନ ନାବାଳଗ । ସେ ଲାହୋରର ଏଚିସନ କଲେଜରେ ପାଠ ପଢିବେ ଏବଂ ତହିଁ ଉପରୁ ଆପଣା ରାଜ୍ୟକୁ ଯାଇ ଜଣେ ଇଉରୋପୀୟ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କଠାରୁ ରାଜ୍ୟ ଚଳାଇବାର କାର୍ଯ୍ୟ ଶିକ୍ଷା କରିବେ । ପଞ୍ଜାବପ୍ରଦେଶର ଜଣେ ହିନ୍ଦୁସ୍ଥାନ ଦୁଇବର୍ଷ ସକାଶେ ଏହି ନାବାଳଗ ମହାଲର କାର୍ଯ୍ୟନିର୍ବାହ କାରଣ ନିଯୁକ୍ତ ହେବେ ।

ଅବଦୁଲ ଲତିଫ । ସା । ଓଡ଼ିଆ ବଜାର ଫାଜଲ ମହମ୍ମଦ, ମିର କୁରଅଲ ଓ ମହମ୍ମଦ ଇସଫ ନ ୩ ଣ ଅସାମୀ ନାମରେ ଏଠା ଫଉଜଦାରୀରେ ଏହି ନାଲିସ କରିଥିଲା କି ସେମାନେ ଏ ନଗରର ଜୁମାମସଜିଦ ସଂଲଗ୍ନ ବିଦ୍ୟାଳୟରେ ପଢୁଥିବା କେତେଜଣ ପିଲାଙ୍କୁ ମାଡ଼ି ମାରି ବାହାର କରି ଦେଇଥିଲେ । ଅସାମୀମାନେ ଉତ୍ତର ଦେଲେ କି ପିଲାମାନେ ମସଜିଦର ଭିତର ମହଜିଦ ମଧ୍ୟରେ ଗୋଳମାଳ ଏବଂ ଧୂଳମାଟି କରିବାରୁ ସେମାନଙ୍କୁ ବାହାରକୁ ଦିଆ ଯାଇଥିଲା । ଉଭୟ ପକ୍ଷରୁ ସାହେବ ଡେପୁଟି ମାଜିଷ୍ଟ୍ରେଟଙ୍କ ବିଚାରରେ ଅସାମୀମାନେ ଖଲାସ ପାଇ ଅଛନ୍ତି ।

ଲବଣ କମିଶନ ବସିବାର ଅବଧି ଶେଷ ନାହିଁ । ଏଥରକେ ଆଉ ଗୋଟିଏ କ୍ଷୁଦ୍ର କମିଶନ ବସିବାର ସ୍ଥିର ହୋଇଅଛି । ଏହାର ନାମ ଲବଣ କମିଶନ ହେବ ଓ ମାନ୍ଦ୍ରାଜର ଲବଣ କମିଶନର ମିଷ୍ଟର ବ୍ରାଡଲି; ଉତ୍ତର ଭାରତର ଲବଣ କମିଶନର ଶ୍ରୀଯୁକ୍ତ ହେତ, ବମ୍ବେଇର ଶ୍ରୀଯୁକ୍ତ ହେନଡରସ ଏବଂ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ସେକ୍ରେଟରୀ ମାକ୍ଲୋଗ ସାହେବମାନେ ଏଥିର ସଭ୍ୟ ହେବେ ଏମାନେ ମାନ୍ଦ୍ରାଜ ବମ୍ବେଇ ଏବଂ ବଙ୍ଗ ଏହି ତିନି ପ୍ରଦେଶ ଭ୍ରମଣ କରି ସରକାରୀ ଲବଣ ମହଲର କାର୍ଯ୍ୟ ସମ୍ବନ୍ଧୀୟ ସକଳ ବିଷୟ ତଦନ୍ତ କରିବେ । ଆସନ୍ତା ଅକ୍ଟୋବରମାସ ଶେଷରେ ଏହି କମିଶନର କାର୍ଯ୍ୟାରମ୍ଭ ହେବ ।

ଗତ ତା ୮ ଋଣରେ ଶେଷହେବା ସାପ୍ତାହିକ ରିପୋର୍ଟରୁ ଜଣାଯାଏ ଯେ ମଧ୍ୟପ୍ରଦେଶର ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୧୭,୭୩୬ରୁ ୧୬୦୯୭ କୁ ଖସି ଆସିଅଛି । ଉକ୍ତ ୧୬୦୯୭ ମଧ୍ୟରେ ପ୍ରାୟ ୧୩ ହଜାର ଅକ୍ଷମ ବ୍ୟକ୍ତି ଅଛନ୍ତି ଏବଂ ସେମାନେ ଖଏରାତ ପାଉ ଅଛନ୍ତି ଓ ଅନେକ ଦିନ ପାଇବେ ।

ପ୍ଲେଗ ରୋଗ ଧୀରେ ଧୀରେ ବୃଦ୍ଧି ହେଉଅଛି । ଗତ ସପ୍ତାହର ମୃତ୍ୟୁ ୩୩୪୬ ଏ ସପ୍ତାହରେ ପ୍ରକାଶିତ ତାଲିକାର ମୃତ୍ୟୁ ୩୬୧୩ ଅଟେ । ବମ୍ବେଇ, ମାନ୍ଦ୍ରାଜ ଏବଂ ମଧ୍ୟଭାରତରେ ବୃଦ୍ଧି ଘଟିଅଛି । ବଙ୍ଗ ପ୍ରଦେଶରେ ମଧ୍ୟ ଗତ ସପ୍ତାହରେ ୧୬ ରୁ ଏ ସପ୍ତାହରେ ୨୭ ମୃତ୍ୟୁ ହୋଇଅଛି ଏବଂ ତହିଁର ଅଧିକାଂଶ କଲିକତାର ବସ୍ତିରେ ।

ଗତ ମାସରୁ ସଚିତ୍ର ପୁଲିସ ଗେଜେଟ ନାମରେ ଖଣ୍ଡେ ନୂତନ ଇଂରାଜୀ ସାପ୍ତାହିକ ପତ୍ରିକା କଲିକତାରେ ପ୍ରକାଶ ହେଉଅଛି ଏବଂ ଆମ୍ଭେମାନେ ତହିଁର ଷଷ୍ଠ ସଂଖ୍ୟା ପର୍ଯ୍ୟନ୍ତ ଉପହାର ପାଇବାର କୃତଜ୍ଞତା ସହିତ ସ୍ବୀକାର କରୁଅଛୁଁ । ଏହାର କଲେବର ବଡ଼ ଆକାରର ପୃ ୧୬ ପୃଷ୍ଠା ଫୋଲିଓ ଭଲ କାଗଜରେ ବେଶ ଅଥଚ ପରିଷ୍କାର ଅକ୍ଷରରେ ଛପା ହେଉଅଛି ଏବଂ ପ୍ରତ୍ୟେକ ସଂଖ୍ୟାରେ ସୁନ୍ଦର ସୁନ୍ଦର ଦୁଇ ବା ତିନି ଚିତ୍ର ଦିଆ ଯାଉଅଛି । ଅଥଚ ବାର୍ଷିକ ୪ ୧୯ ବା ମୂଲ୍ୟ ଭାରତବର୍ଷ ଏବଂ ଲଙ୍କାଦ୍ବୀପ ସକାଶେ ଧାର୍ଯ୍ୟ ହୋଇଅଛି । ଏଥିରେ ପୁଲିସ ଏବଂ ଅପରାଧ ସହିତ ସମ୍ପୃକ୍ତ ଅପରାଧ ଅନୁଭବ ସମ୍ବନ୍ଧୀୟ ବିଚକ୍ଷଣ କଥା, ମନୋହର କାହାଣୀ ସାମୟିକ ସାଧାରଣ ବିଷୟ ବାର୍ତ୍ତା ଇତ୍ୟାଦି ପ୍ରକାଶିତ ହେଉଅଛି ଏବଂ ପୁଲିସ ଇନସ୍ପେକ୍ଟର ଓ ଡିଟେକ୍ଟିଭଙ୍କ ଜ୍ଞାନ ଓ ବୃଦ୍ଧି ବଢ଼ାଇବାର ତଥା ... ରେ ଏ ପତ୍ରିକା ଉତ୍ତମରୂପେ ପରିପୂରକ ହେଉଅଛି ଏବଂ ଏହା ଶିକ୍ଷିତ ସମାଜର ଉତ୍ସାହ ଓ ସହାନୁଭୂତି ପାଇବାର ଯୋଗ୍ୟ ଅଟେ ।

ଜର୍ମାନର ସମ୍ରାଟ ଆପଣାର ଏକମାତ୍ର ଦୁହିତାଙ୍କୁ ସୁଗୃହିଣୀ କରିବା ଅଭିପ୍ରାୟରେ ଭଲ ରନ୍ଧନ କାର୍ଯ୍ୟ ଶିକ୍ଷା ଦିଆଉଥିବା ସମ୍ବାଦ 'ଗଡ଼ଜାତ ବାସିନୀ' ପ୍ରକାଶକରେ ତହିଁ ସଙ୍ଗେ ଏହି ମନ୍ତବ୍ୟ ଲେଖିଅଛନ୍ତି କି ଏଦେଶର ପ୍ରାୟ ୧୫।୨୦ ଟଙ୍କା ବେତନଭୋଗୀ ବାବୁମାନେ ଆପଣା ସ୍ତ୍ରୀ ଉପରେ ରନ୍ଧନ ଭାର ଦେବା ଅପମାନ ବୋଧ କରି ଜଣେ ଜଣେ ପୂଜାରୀ ରଖୁଅଛନ୍ତି । ଅଥଚ ସ୍ତ୍ରୀମାନଙ୍କର ସୁଆର ଓ ମହାସୁଆର ରସୁଇ ଥିବା ସ୍ଥଳେ ସ୍ତ୍ରୀମାନଙ୍କର ରନ୍ଧନ କାର୍ଯ୍ୟ ଶିକ୍ଷା କରିବା ଉଚିତ ଏମନ୍ତ ଭାବିବାର ମାହାତ୍ମ୍ୟ ହେଉ ନାହିଁ । ସହଯୋଗୀଙ୍କର ମନ୍ତବ୍ୟ ଯଥାର୍ଥ ଅଟେ । ଭଲ ରନ୍ଧନପାରିବା ଗୃହିଣୀମାନଙ୍କର ପ୍ରଧାନ ଗୁଣ ତାହା ବଡ଼ଘରର ସ୍ତ୍ରୀମାନଙ୍କର ଭୂଷଣ ମାତ୍ର ମଧ୍ୟମ ଘରର ସ୍ତ୍ରୀମାନଙ୍କର ଜୀବନ ଯାତ୍ରାର ଉପାୟ ଅଟେ । ଅଳ୍ପଆୟର ଲୋକମାନେ ନିଜ ଦୁର୍ଦ୍ଦଶାରୁ ବଞ୍ଚାଇରଖି ପୂଜାହାସହାୟ ରନ୍ଧନ କାର୍ଯ୍ୟ କରାଇ ଅକାରଣେ ଦଣ୍ଡ ଭରିଲେ ପରିବାର ଚଳାଇବାରୁ କଷ୍ଟ ବୋଧ କରୁଅଛନ୍ତି । ତଥାପି ଚେତନା ହେଉ ନାହିଁ । ଏଥିରେ ଦରିଦ୍ରତା ବାହିଁର ନ ବଢ଼ିବ ?

କଲିକତା ଗ୍ରାଣ୍ଡସେକେଟେରୀ ଲର୍ଡ ହାମିଲଟନ ତାହାଙ୍କର ଏ ଦେଶୀୟ ଛାତ୍ରମାନଙ୍କର ବିଲାତର କୁପରହିଲ କଲେଜରେ ପଢ଼ିବାକୁ ଅନୁମତି ଦେଇଛନ୍ତି ଏବଂ ପ୍ରତିବର୍ଷ ଦୁଇଜଣକୁ ସ୍ଥାନ ଦିଆଯାଇ ତହିଁରେ ଭରତି ହେବାର ନିୟମ ନାହିଁ । ଅଥଚ ଉକ୍ତ କଲେଜ ସ୍ଥାପନର ଧାରଣରେ ପ୍ରତିଷ୍ଠିତ ଏବଂ ଭାରତରେ ଇଞ୍ଜିନିୟର ମନ୍ତ୍ରଣାର ଉଚ୍ଚ କର୍ମଚାରୀ ପ୍ରସ୍ତୁତ କରିବା ତହିଁର ଉଦ୍ଦେଶ୍ୟ ଅଟେ । ଭାରତୀୟ ଛାତ୍ର ଯେ କଲେଜରେ ଅତି ବେଳେବେଳେ ପରୀକ୍ଷାରେ ଏକଜଣ ପାରିଶ ... ସର୍ବାପେକ୍ଷା ଉଚ୍ଚସ୍ଥାନ ଲାଭ କରି ବିଶେଷ ପ୍ରଶଂସନୀୟ ହୋଇଅଛନ୍ତି । ତାହାଙ୍କର ନାମ ... ମଧ୍ୟ ଜଣେ ଉଚ୍ଚ ପଦରେ ... ସେ ଉକ୍ତ ... ଅନେକ ପେଲୋସିପ ଏବଂ ଷ୍ଟେଟ ସେକ୍ରେଟରୀଙ୍କର ଖଣ୍ଡା ୩୦ ପାଉଣ୍ଡ ବୃତ୍ତି ଏବଂ ସୁବର୍ଣ୍ଣ ପଦକ ପ୍ରାପ୍ତ ହୋଇଅଛନ୍ତି । ସେ ଅଦ୍ଭୁତ ବୁଦ୍ଧି ଶକ୍ତିର ଅଧିକାରୀ ହୋଇଥିଲେ ମାତ୍ର ଏହାଙ୍କ ଉନ୍ନତି ରୋଗ କରିବାର ନିୟମ ନ ଥିବା ହେତୁ ପାଉଲେ ନାହିଁ । ସୁଯୋଗ ପାଇଲେ ଭାରତବାସୀମାନେ ଯୋଗ୍ୟତା ଦେଖାଇବାରୁ ପଶ୍ଚାତ୍‌ପଦ ନୁହନ୍ତି । ଦୁଃଖର ବିଷୟ ସେ ସେମାନଙ୍କୁ ସୁଯୋଗ ସୁବିଧା ଦିଆଯାଉ ନାହିଁ ।

ଦକ୍ଷିଣ ଆଫ୍ରିକାରେ ୨୫ ହଜାର ଗୋରା ସୈନ୍ୟ ରଖି ସେମାନଙ୍କର ବେତନାଦ ସରଞ୍ଜାମ ଅର୍ଥ ଭାରତର ରାଜକୋଷରୁ ଆଦାୟ କରିବାର ଯେଉଁ ପ୍ରସ୍ତାବ ବିଲାତର ପାର୍ଲିମେଣ୍ଟ କରିଥିଲେ ଏବଂ ଯହିଁରେ ଭାରତୀୟ ଷ୍ଟେଟ ସେକ୍ରେଟେରୀ ସମ୍ମତ ହୋଇଥିଲେ ତାହା ପରିତ୍ୟାଗ ହେବାର ଶୁଭ ସମ୍ବାଦ ଆସିଅଛି । ବିଲାତର କେତେ ଜଣ ଉଦାର ଚରିତ୍ର ଇଂରାଜ ଏବଂ ଭାରତର ଓ ବିଲାତସ୍ଥ ସମ୍ବାଦ ପତ୍ରମାନେ ଏଥି ବିରୁଦ୍ଧରେ ଘୋର ପ୍ରତିବାଦ କରିଥିଲେହେଁ ଗବର୍ଣ୍ଣମେଣ୍ଟଙ୍କର ମତ ବଦଳିବାର ଜଣାଯାଉ ନ ଥିଲା । ମାତ୍ର ଭାରତର ଗବର୍ଣ୍ଣର ଜେନେରଲ ଲର୍ଡ କର୍ଜନ ଏବଂ ପ୍ରଧାନ ସେନାପତି ଲର୍ଡକିଚନର ବାହାଦୂରମାନେ ମଧ୍ୟ

Split by PDF Splitter
Digitized by srujanika@gmail.com

ପ୍ରସ୍ତାବରେ ଅସମ୍ମତ ହୋଇ ତହିଁର ପ୍ରବଳ କାରଣ ଦେଖାଇବାରେ ମନ୍ତ୍ରୀମାନେ ଉକ୍ତ ଅନ୍ୟାୟ ଦାୟରୁ ଭାରତକୁ ମୁକ୍ତି ଦେବାକୁ ବାଧ୍ୟ ହେଲେ ଏହା ସୁଖର ବିଷୟ ଅଟେ । ଲର୍ଡକର୍ଜନଙ୍କ ପରି ଅଭିଜ୍ଞ, ସ୍ୱାଧୀନ, ସୁବିଜ୍ଞ ଉଦାରଙ୍କ ହସ୍ତରେ ଭାରତର ଶାସନ ଭାର ଏ ସମୟରେ ନ ଥିଲେ ଅମ୍ଭମାନଙ୍କର ଦୁର୍ଦ୍ଦଶାର ସୀମା ରହନ୍ତା ନାହିଁ । ଏଥିପାଇଁ ଅମ୍ଭେମାନେ ତାହାଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ଯେଉଁମାନେ ପ୍ରଜାବନ୍ଧୁ ବା ମଧୁପ ଗ୍ରାହକ ହୋଇ କିଛିକାଳ ପରେ ଅଥବା ମୂଲ୍ୟ ମାଗିବା ହେଲେ ପତ୍ରିକା ଫେରାଇ ଦେଇ ମୂଲ୍ୟ ଦେଉ ନାହାନ୍ତି ସେମାନଙ୍କଠାରୁ ମୂଲ୍ୟ ଆଦାୟର ଗୋଟିଏ ନୂତନ ଉପାୟ ପ୍ରଜାବନ୍ଧୁ ଉଦ୍ଭାବନ କରିଥିବାର ଉକ୍ତ ପତ୍ରରୁ ଅବଗତ ହେଲୁଁ । ତାହା ଏହି କି ସେମାନଙ୍କର ନାମ ଧାମର ଏକ ରେଜିଷ୍ଟରୀ ପ୍ରସ୍ତୁତ ହେଉଅଛି । କେହି ଭଦ୍ରଲୋକ ଅଫିସକୁ ଆସିଲେ ଉକ୍ତ ରେଜିଷ୍ଟରୀ ତାହାଙ୍କୁ ଦେଖାଇ ଦିଆଯିବ, ସମ୍ପାଦକ ବା କାର୍ଯ୍ୟାଧ୍ୟକ୍ଷ ସ୍ଥାନାନ୍ତରକୁ ଭ୍ରମଣରେ ବାହାରିଲେ ସେହି ରେଜିଷ୍ଟରୀ ସଙ୍ଗେ ନେଇ ଲୋକଙ୍କୁ ଦେଖାଇବେ ଓ ସାଧାରଣ ସଭା ସମିତିରେ ମଧ୍ୟ ପ୍ରଦର୍ଶିତ ହେବ । ସହଯୋଗୀ କହନ୍ତି କି 'ଉତ୍କଳସାହିତ୍ୟର' ସମ୍ପାଦକ ଏପରି କରିବାକୁ ସମ୍ମତ ହୋଇଅଛନ୍ତି ଏବଂ ଆଶା କରନ୍ତି କି ଅନ୍ୟାନ୍ୟ ସହଯୋଗୀ ଏହି ଅଭିନବ ଉପାୟ ଅବଲମ୍ବନ କରିବେ । କେହି କହିବେ ଯେ ନିଜ ନିଜ ପତ୍ରିକାରେ ସେହିପରି ଲୋକଙ୍କର ନାମ ପ୍ରକାଶ କରିବାର ସହଜ ଉପାୟ ଥିବା ସ୍ଥଳେ ଏତେ ଶ୍ରମ କରିବାର ପ୍ରୟୋଜନ କି ? ଏଥିରୁ ଏହି ଉତ୍ତର ଅନୁମାନ ହୁଏ ଯେ ରେଜିଷ୍ଟରୀ ନାନା ସ୍ଥାନରେ ଦେଖାଇ ବୁଲିଲେ ଯେମନ୍ତେ ଲୋକ ଜାଣିବେ ପତ୍ରିକା ପଢ଼ି ସେତେ ଲୋକ ଜାଣିବେ ନାହିଁ । ମୂଲ୍ୟପାଇଁ ନାଲିସ କଲେ କମ୍ପା ପତ୍ରିକା ବନ୍ଦ କଲେ ପ୍ରଭୃତିର ହାନି ଆଶଙ୍କାରେ ସେ ଉପାୟମାନ ପରିତ୍ୟକ୍ତ ହୋଇଅଛି ପରା ? କିନ୍ତୁ ଏହାର ଲକ୍ଷ୍ୟ ଦେଖାଇ ପାଉଣା ଆଦାୟ କରିବା ସୁନୀତି ବୋଲି କହିବାକୁ ସାହସ ହେଉ ନାହିଁ ପୁଣି ନ ଦେବାର କାରଣ ପ୍ରକାଶ ନ କରି ନିନ୍ଦା କରିବା ଅନ୍ୟାୟ ଅଟେ । ଏ ପ୍ରଥା 'ସାତ ଠେଙ୍ଗି ମାରି କଲ୍ୟାଣ' ପରି ଆମ୍ଭକୁ ଅପକୃଷ୍ଟ ବୋଧ ହେଉଅଛି ।

ବିଲାତର ପାର୍ଲିଆମେଣ୍ଟ ଗତ ତା ୧୪ ରିଖରେ ବନ୍ଦ ହେବାର ସମାଚାର ଆସିଅଛି । ପ୍ରବଳ ପ୍ରତାପ ରାଜାଙ୍କର ବକ୍ତୃତାରୁ ପ୍ରକାଶ ଯେ ବଳ ଦୁରସ୍ଥ ହୁଡ଼ା ଇତ୍ୟାଦିପର ସମ୍ବନ୍ଧ ଶାନ୍ତି ରକ୍ଷିତ ଅଛି ଏବଂ ସକଳ ଶକ୍ତି ସହିତ ଇଂଲଣ୍ଡର ପ୍ରୀତି ବଢ଼ିଅଛି । ରାଜା ନିଜେ ପର୍ତ୍ତୁଗାଲ, ଇଟାଲି ଏବଂ ଫ୍ରାନ୍ସ ରାଜ୍ୟମାନ ଭ୍ରମଣ କରି ଯେପରି ସମ୍ମାନିତ ହୋଇଅଛନ୍ତି ତହିଁରୁ ଶୁଭ ଫଳର ଆଶା ହେଉଅଛି । ଭାରତ ସମ୍ବନ୍ଧରେ ସେ କହିଅଛନ୍ତି କି ଦୁର୍ଭିକ୍ଷର ପୁନରାଗମନ ଓ ଆର୍ଥିକ ଅବସ୍ଥାର ଉନ୍ନତି ହେବାରୁ ଟିକସ ହ୍ରାସ ଯଥେଷ୍ଟ ପରିମାଣରେ ହୋଇଅଛି ଏବଂ ଭାରତ ଲୋକଙ୍କର ଅବସ୍ଥା ଭଲ ଦେଖାଯିବାର ଆଶା ହେଉଅଛି । କୃଷି ଏବଂ ବାଣିଜ୍ୟ ଅଗ୍ରସର ହେବାର ଚିହ୍ନ ଦେଖା ଯାଉଅଛି ଏବଂ ନିକଟରେ ଯେ ସମ୍ବାଦ ପାଆ ଯାଉଅଛି ତହିଁରୁ ବର୍ତ୍ତମାନ ସମୟର ବୃଷ୍ଟିର ଗତି ଏବଂ ଅସନ୍ତା ଫସଲର ଆଗମ ସାଧାରଣତଃ ଆଶାପ୍ରଦ ଅଟେ । ଏଥିରୁ ପାଠକମାନେ ଦେଖିବେ ଯେ ଅମ୍ଭମାନଙ୍କର ସମ୍ରାଟ ଅମ୍ଭେମାନେ ସୁଖରେ ରହିଥିବାର ଅବଗତ ହୋଇ ବଡ଼ ଆନନ୍ଦିତ ଅଛନ୍ତି । ଅବଶ୍ୟ ମନ୍ତ୍ରୀମାନେ ଏ କଥା ତାହାଙ୍କୁ ବୁଝାଇଥିବେ । ତାହାଙ୍କର ଅବକାଶ ନାହିଁ ଯେ ଗରିବ ଭାରତବାସୀଙ୍କର ଅବସ୍ଥା ସମ୍ବାଦପତ୍ରାଦିରୁ ସାକ୍ଷାତଭାବରେ ଗୋଚର କରିବେ ? ନତୁବା ଅଳ୍ପ ବୃଷ୍ଟି ହେବାରୁ ନାନାସ୍ଥାନରେ ଯେ ହାହାକାର ଉଠିଅଛି ଏବଂ ଦେଶୀୟମାନଙ୍କର ବାଣିଜ୍ୟ ବ୍ୟବସାୟର ଯେପରି ଅବନତି ହେଉଅଛି ସେମାନ ତାହାଙ୍କୁ ଅଜଣା ରହନ୍ତା ନାହିଁ ।

ଖୋର୍ଦ୍ଧାର ପୋଲିସ ଇନସ୍ପେକ୍ଟର ବାବୁ ଭୂଦେବଚନ୍ଦ୍ର ମୁଖର୍ଜି ଗୋଟିଏ ହତ୍ୟା ମୋକଦମାରେ ଆତ୍ମହତ୍ୟା ରିପୋର୍ଟ ଦାଖଲ କରିଥିବାରୁ ସସପେଣ୍ଡ ହୋଇଅଛନ୍ତି । ପୋଲିସର ଡେପୁଟୀ ଇନସ୍ପେକ୍ଟର ଜେନେରଲ ମିଃ ଗାଇସ ଉକ୍ତ ମୋକଦମାର ସତ୍ୟାସତ୍ୟ ଜାଣିବା ନିମନ୍ତେ ସରଜମିନ ତଦାରଖ କରିବାକୁ ଗତ ସପ୍ତାହରେ ଯାଇଥିଲେ । ମୋକଦମାର ହାଲ ଏହି ଯେ ଖୋର୍ଦ୍ଧା ଇଲାକା କୃଷ୍ଣପ୍ରସାଦ ପାଣ୍ଡି ସାସଲେଙ୍କା ଗ୍ରାମର ଏକ ବ୍ୟକ୍ତି ଗତ ଅମାବାସ୍ୟାରେ ସ୍ନାନ କରିବା ନିମନ୍ତେ ଯାଉଥିଲା । ବାଟରେ କେତେକ ଗ୍ରୁଣ୍ଠିଆ ଓ ଶୁଣ୍ଡିମାନେ ମଦପିଇ ବସିଥିଲେ । ସେମାନେ ତାକୁ ମଦପିଆ ହେବା ପାଇଁ କହିବାରୁ ସେ ଅସ୍ୱୀକାର କରନ୍ତେ ସମସ୍ତେ ତାହାକୁ ମେଳ ମାଡ଼ ମାରିଲେ ଓ ଟାଣିକି ନେଇଗଲେ । ସେଠା ଜମାଦାର ତାକୁ ଧମକାଇବାରୁ ସେ ଟ ୫୧ଙ୍କା ଦେଇ ଆଉ କିଛି ଟଙ୍କା ଦେବାକୁ କହିଲା ମାତ୍ର ଆଉ ଟଙ୍କା ନ ଦେବାରୁ ତାକୁ ବିଶେଷ ଅତ୍ୟାଚାର କରିଥିଲେ । ତତ୍ପରେ ତାହାର ମୃତଦେହ ଆଲେଶ୍ୱର ମହାଦେବ ନିକଟସ୍ଥ ଏକ ଗଛରେ ଟଙ୍ଗା ହୋଇଥିବାର ଦେଖାଗଲା । ଗଞ୍ଜାମ ଇଲାକା ରମ୍ଭାର ପୋଲିସ ସେହି ଶବକୁ ଗଞ୍ଜାମକୁ ପଠାଇ ଦେଇଥିଲେ । ତଦନନ୍ତର ମୋକଦମା ତଦାରଖ ଆରମ୍ଭ ହେଲା । ଏ ଖୋର୍ଦ୍ଧା ପୋଲିସ ଏହି ଘଟଣାକୁ ଆତ୍ମହତ୍ୟାର ଘଟଣା ପ୍ରକାଶ କରିଥିବାରୁ ଦାରୋଗା ସସପେଣ୍ଡ ହୋଇଅଛନ୍ତି । ଶୁଣିଲୁଁ ଯେ ବାଣପୁର ସବ୍‌ଇନସ୍ପେକ୍ଟର ଓ ଏକଜଣ ଜମାଦାର ମଧ୍ୟ ସସପେଣ୍ଡ ହୋଇଅଛନ୍ତି ।

ଏଠା କଲେଜ ଛାତ୍ରମାନଙ୍କର "କଲେଜ ଡିବେଟିଂ କ୍ଲବ" ନାମରେ ଗୋଟିଏ ସମାଜ ଅଛି । ସଭ୍ୟମାନେ ରଚନା ପାଠ ବକ୍ତୃତା ଏବଂ ତର୍କବିତର୍କ ସେହି ସଭାରେ କରନ୍ତି ଏବଂ ଏହା ଯେ ଶିକ୍ଷୋନ୍ନତିର ପ୍ରଶସ୍ତ ଉପାୟ ଏ କଥା ବୋଲିବା ବାହୁଲ୍ୟ । ଗତ ଶନିବାର ସକାଳେ ଏହି ସମାଜର ପ୍ରଥମ ବାର୍ଷିକ ଅଧିବେଶନ ହୋଇଥିଲା ଏବଂ ବାବୁ ହରିଚନ୍ଦ୍ର ଦତ୍ତ ଏମ୍, ଏ ସଭାପତିର ଆସନ ଗ୍ରହଣ କରିଥିଲେ । ଏ ସମ୍ବନ୍ଧରେ କ୍ଷୁଦ୍ର ଏ ଇଂରାଜୀ ପତ୍ର ଅମ୍ଭେମାନେ ପାଇଅଛୁଁ ମାତ୍ର ସ୍ଥାନାଭାବ ହେତୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ତହିଁର ସଂକ୍ଷେପ ମର୍ମ ଏହି କି ଅଧିବେଶନ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଥିଲା ଏବଂ ଶ୍ରୀଯୁକ୍ତ ଏମ୍ ସି ରାୟ ବାରିଷ୍ଟର, ବାବୁ ଅଭିରାମ ଭଞ୍ଜ ଏମ୍, ଏ, ବି, ଏଲ୍ ଓ ବାବୁ ବେଣୀମାଧବ ଦାସ ଏମ୍, ଏ, ଉପଯୁକ୍ତ ବକ୍ତୃତାମାନ ପ୍ରଦାନଦ୍ୱାରା ସଭ୍ୟମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ଲେଖକ ଦୁଃଖର ସହିତ ପ୍ରକାଶ କରିଅଛନ୍ତି କି ଏ ନଗରର ଅତ୍ୟଳ୍ପ ଭଦ୍ରଲୋକ ଉପସ୍ଥିତ ଥିଲେ ପୁଣି କଲେଜ ଓ ତଦଧୀନ ସ୍କୁଲର ଅଧ୍ୟାପକ, ଶିକ୍ଷକ ଏବଂ ଅନ୍ୟାନ୍ୟ ସ୍କୁଲର ଶିକ୍ଷକ ଅଧିକାଂଶ ଅନୁପସ୍ଥିତ ଥିଲେ । ବାସ୍ତବରେ ଏହା ଅତ୍ୟନ୍ତ ଦୁଃଖର ବିଷୟ । କଲେଜ ଛାତ୍ରମାନଙ୍କର ସୁଶିକ୍ଷା ଉପରେ ଦେଶର ଉନ୍ନତି ନିର୍ଭର କରେ ସୁତରାଂ ତହିଁରେ ଯତ୍ନପୂର୍ବକ ଉତ୍ସାହ ଓ ସହାନୁଭୂତି ଦେବା ସମସ୍ତଙ୍କର କର୍ତ୍ତବ୍ୟ । ନଗରବାସୀ ଭଦ୍ର ଓ ଶିକ୍ଷିତ ଲୋକମାନଙ୍କର ଏମନ୍ତ ଗୁରୁତର କର୍ତ୍ତବ୍ୟ ପାଳନରେ ହେଳା କରିବା ସାଧାରଣ ଅନୁଚିତର ସନ୍ଦେହ ନାହିଁ । ଆଶା କରୁଁ ଭବିଷ୍ୟତରେ ଏପରି ହେବ ନାହିଁ ଏବଂ ଛାତ୍ରମାନେ ଯଥାସାଧ୍ୟ ପରିଶ୍ରମ ଓ ମନୋଯୋଗଦ୍ୱାରା ଏହି ସମାଜକୁ ରକ୍ଷା କରିବେ ।

ବାଳକ ଅପରାଧୀଙ୍କର ସଂଶୋଧନାର୍ଥେ ଅଲିପୁର ଓ ହଜାରିବାଗ ଏହି ଦୁଇ ସ୍ଥାନରେ ଗୋଟିଏ ଲେଖାଏଁ ସଂସ୍କାର ବିଦ୍ୟାଳୟ ଅଛି । ସନ ୧୯୦୨ ସାଲରେ ଉକ୍ତ ଦୁଇ ବିଦ୍ୟାଳୟରେ ୧୫୨ ଏବଂ ତହିଁ ପୂର୍ବବର୍ଷ ୮୦ ବାଳକ ଭରତି

Split by PDF Splitter
Digitized by srujanika@gmail.com

ହୋଇଥିଲେ । ସନ ୧୯୦୧ ସାଲ ଡିସେମ୍ବର ମାସ ତା ୩୧ ରଖରେ ଉକ୍ତ ସ୍କୁଲର ବାଳକ ସଂଖ୍ୟା ୪୨୮ ରୁ ସନ ୧୯୦୨ ସାଲର ସେହି ତାରିଖରେ ୪୬୪ ହୋଇଥିଲା । ସନ ୧୮୯୯ ସାଲରୁ କ୍ରମାଗତ ବାଳକ ସଂଖ୍ୟା ବଢ଼ିବାରେ ଅଛି । ଗବର୍ଣ୍ଣମେଣ୍ଟଙ୍କର ଅବଧାରିତ ନିୟମାନୁସାରେ କୃଷକ ଶ୍ରେଣୀର ପିଲାମାନଙ୍କୁ ହଜାରିବାଗ ସ୍କୁଲକୁ ପଠାଯାଏ । ସେଠାରେ କୃଷି ଏବଂ ପଦାର୍ଥବିଜ୍ଞାନର ଶିକ୍ଷା ଦିଆଯାଏ । ଶିଳ୍ପୀ ଶ୍ରେଣୀର ପିଲାମାନେ ଅଲିପୁର ସ୍କୁଲକୁ ପ୍ରେରିତ ହୋଇ ନାନା ପ୍ରକାର ଶିଳ୍ପାଦି ବ୍ୟବସାୟ ଶିକ୍ଷା କରନ୍ତି । ସ୍କୁଲରୁ ଛୁଟି ପାଇଲା ଉତ୍ତାରୁ ତିନି ବର୍ଷ ପର୍ଯ୍ୟନ୍ତ ସେ କି ବ୍ୟବସାୟ କଲେ ଏବଂ ସ୍କୁଲରେ ଶିଖିଥିବା କାର୍ଯ୍ୟ କରି ପେଟ ପାଳେ କି ନା ତହିଁର ଅନୁସନ୍ଧାନ ନିଆଯାଏ । ମାତ୍ର ଅନୁସନ୍ଧାନର ଫଳ ଏ ପର୍ଯ୍ୟନ୍ତ ନିତାନ୍ତ ହତାଶ ଜନକ ରହିଅଛି । ଗତ ତିନି ବର୍ଷରେ ଅଲିପୁର ସ୍କୁଲରୁ ଛୁଟି ପାଇଥିବା ୧୬୧ ବାଳକ ମଧ୍ୟରୁ କେବଳ ଜ ୪୭ ଣ ସ୍କୁଲରେ ଶିଖିଥିବା ବ୍ୟବସାୟଦ୍ୱାରା ଗତବର୍ଷ ଜୀବିକା ନିର୍ବାହ କରିବାର ଦେଖା ଯାଇଅଛି । ସେହି ସମୟ ମଧ୍ୟରେ ହଜାରିବାଗରୁ ୨୨୭ ବାଳକ ଛୁଟି ପାଇଥିଲେ ସେ ଜ ୨୩୯ ଣ ମଧ୍ୟରୁ କେବଳ ଜ ୧୨ ଣ ସ୍କୁଲରେ ଶିଖିଥିବା ବ୍ୟବସାୟରେ ନିଯୁକ୍ତ ଥିଲେ । ପକ୍ଷାନ୍ତରେ ଜ ୬୮ ଣ କୃଷି କାର୍ଯ୍ୟ ଶିଖିଥିବା ପ୍ରତ୍ୟେକେ ଜ ୯୧ ଣ ସେହି ବ୍ୟବସାୟରେ ନିଯୁକ୍ତ ଥିଲେ ପୁଣି ଜ ୪୨ ଣ କୃଷିଶିକ୍ଷା ପାଇ ନ ଥିଲେହେଁ ସ୍କୁଲ ଛାଡ଼ିଲା ଉତ୍ତାରୁ କୃଷିଦ୍ୱାରା ପେଟ ପାଳୁଅଛନ୍ତି । ଏଥିରୁ ବଙ୍ଗେଶ୍ୱର ସିଦ୍ଧାନ୍ତ କରିଅଛନ୍ତି ଯେ ହଜାରିବାଗ ସ୍କୁଲରେ ଯଥାର୍ଥ ନୀତି ଅବଲମ୍ବିତ ହୋଇଅଛି ଏବଂ ସେଠାରେ କୃଷିଶିକ୍ଷାଦାନ ପ୍ରତି ବିଶେଷ ଯତ୍ନ ଦିଆଯାଉଅଛି । ଅଲିପୁର ସ୍କୁଲର ଶିକ୍ଷାପ୍ରଣାଳୀ ନାନା ଶ୍ରେଣୀର ଶ୍ରମଜୀବୀଙ୍କର ଶିକ୍ଷାର ଉପଯୋଗୀ କରିବା ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ରହିଅଛି ।

ସଡ଼କରେ ବାଜା ବଜାଇବା ।

ଏ ସମ୍ବନ୍ଧରେ ମାନ୍ୟବର କମିଶନର ସାହେବଙ୍କର ନିର୍ଦ୍ଧାରଣ ଗତ ତା ୮ ରଖର ପତ୍ରିକାରେ ପ୍ରକାଶ କରି ଆମ୍ଭମାନଙ୍କର ମନ୍ତବ୍ୟ ପାଠକମାନଙ୍କୁ ଜଣାଇଅଛୁଁ । କଲିକତାର ଅମୃତବଜାର ପତ୍ରିକା ନାମକ ଦୈନିକ ଇଂରାଜୀ ସମ୍ବାଦପତ୍ରରେ ଦେଖିଲୁଁ ଯେ ଉକ୍ତ ପତ୍ରିକା ଆମ୍ଭମାନଙ୍କ ମତ ସହିତ ଐକ୍ୟ ହୋଇଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟରେ ପୁନର୍ବାର ଆବେଦନ କରିବାକାରଣ ପରାମର୍ଶ ଦେଇଅଛନ୍ତି । ମାନନୀୟ କମିଶନର ସାହେବ ଅବଶ୍ୟ ଲୋକଙ୍କର ଅକାରଣ କଷ୍ଟ ଓ ମନସ୍ତାପ ଦୂର କରିବା ଉଦ୍ଦେଶ୍ୟରେ ଉକ୍ତ ନିର୍ଦ୍ଧାରଣ ଲିପିବଦ୍ଧ କରିଅଛନ୍ତି ଏବଂ ନିର୍ଦ୍ଧାରଣର ପ୍ରଥମ ଦଫାରୁ ତାହା ସ୍ପଷ୍ଟ ଜଣା ଯାଉଅଛି । ଯେବେ ସେ ତାହାଙ୍କର ଲିଖିତ ନ ୧୨୧ ମତ ଭଳି ଆଦେଶ ରହିତ କରି ପରମିଟ୍ କଥା ଅନୁସାରେ ପାସ ଦେବାର ଆଦେଶ ଦେଇଥାନ୍ତେ ତେବେ ଯଥେଷ୍ଟ ହୋଇଥାନ୍ତା । ମାତ୍ର ସେ ଜଣେ ଆଦେଶକୁ ଯୁକ୍ତ ରଖି ଉତ୍ସବର ଶୋଭା ଯାତ୍ରା ଏବଂ ଚତୁର୍ଥାଂଶ ମାଇଲ ମଧ୍ୟରେ ବାଜା ନ ବଜାଇବା ଏବଂ ବଡ଼ ୨ ଦାଣ୍ଡର ବାଦ୍ୟ ଓ ସମାରୋହର ପୁଲିସ ମୁଚଳିକା ଶରତ ନେବାର ନିୟମ କରିବାଦ୍ୱାରା ଭଲ କରିବାରୁ ଯାଇ ଅଧିକ ଅନର୍ଥ ଘଟାଇଅଛନ୍ତି । ଆଜ ତହିଁର ଗୋଟିଏ ଉଦାହରଣ ଦେଉଅଛୁଁ ଯଥା ।—

ଏ ନଗରର ତେଲଙ୍ଗା ଜାତିମାନେ ପ୍ରତିବର୍ଷ ଶ୍ରାବଣପୂର୍ଣ୍ଣିମା ସମୟରେ ଠାକୁରାଣୀପୂଜା କରନ୍ତି । ଘଟ ଆଣିବା ଏବଂ ବିସର୍ଜନ ବେଳେ ସଡ଼କରେ ବାଜା ବଜାଇ ନାନା ପ୍ରକାର ଆଡ଼ମ୍ବର ଉତ୍ସବ ସମାରୋହ କରନ୍ତି । ଗତ ଶୁକ୍ରବାର ସେହି କାର୍ଯ୍ୟର ସମାରୋହ ବାହାରିଥିଲା । ଏଥିରୁ ଦେବାନ ବଜାର ଓ ଚୁଡ଼ଙ୍ଗାସାହିର ଜାତିମାନେ ପୂର୍ବରୁ ଚେଷ୍ଟା କରି ରବିବାର ରାତ୍ରି ତା ୧୪ ଘଣ୍ଟାରୁ ଘା ୧୮ ଘଣ୍ଟା ପର୍ଯ୍ୟନ୍ତ ମାତ୍ର ବାଉଁଶଗଡ଼ର ଜାତିମାନେ ଅନେକ କଷ୍ଟରେ କେବଳ ତା ୧୭ ଓ ୧୮ ରଖ କିମନ୍ତେ ପାସ ପାଇଲେ । ସେମାନଙ୍କୁ ପୁଲିସ ଶରତ ଟ ୫୦ଙ୍କା ଲେଖାଏଁ ଦାଖଲ କରିବାକୁ ପୁଲିସ ହୁକୁମ ଦେଇଥିଲେ ମାତ୍ର ପଛକୁ ନ ବୁଝି ଖାଲି ହେଲେ । ଶୁଣିଲୁଁ କେଉଁ ଆଇନ ଅନୁସାରେ କି ଦରରେ ଶରତ ନିଆଯିବ ଓ କେଉଁ ହିସାବରେ ଦାଖଲ ହେବ ପୁଲିସ ସାହେବ ଜଣ ମାଜିଷ୍ଟ୍ରେଟଙ୍କୁ ପ୍ରଶ୍ନ କରିଅଛନ୍ତି । ତହିଁର ଉତ୍ତର ଦିଆଯାଇ ଅଛି କି ନା କହି ନ ପାରୁଁ । ଫଳେ ଦେବାନ ବଜାର, ଚାନ୍ଦିନୀଚକ ଓ ଚୁଡ଼ଙ୍ଗାସାହିରେ ଅନ୍ଧକାର ବାଜାର ପାସ ଦିଆ ନ ଗଲାରୁ ଜଣା ଯାଉଅଛି ଯେ ପୁଲିସର କର୍ମଚାରୀମାନେ ଉକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ବିଚାର ଏବଂ ଚତୁର୍ଥାଂଶ ମାଇଲ ଭିତରେ ପଡ଼ିଅଛୁ । ସେ ଅଞ୍ଚଳର ହିନ୍ଦୁମାନେ ଜନ୍ମବାର କାଳ କୌଣସି ଧର୍ମକାର୍ଯ୍ୟ କରି ପାରିବେ ନାହିଁ । ଏହାକୁ ଧର୍ମକାର୍ଯ୍ୟରେ ସରକାର ବାଧା ଦେବା କହ ଆଉ କ'ଣ ବୋଲାଯିବ ? ପୁଲିସ ଶରତ ଏଥର ନିଆ ଯାଇ ନାହିଁ ସତ୍ୟ ମାତ୍ର ଯେ ସ୍ଥଳେ ଭଲବ ହୋଇଥିଲା ଏବଂ କମିଶନର ସାହେବ ଆଦେଶ ଦେଇଅଛନ୍ତି ସେ ସ୍ଥଳେ ଅବଶ୍ୟ ହେବେ ନିଆଯିବ ନାହିଁ ବୋଲି କିଏ କହିବ ? ବାସ୍ତବରେ କମିଶନର ସାହେବଙ୍କର ଇଚ୍ଛାରେ ଯେଉଁ ଉତ୍ସବର ଲୋକଙ୍କ ଥାଉ ବରଂ ବଢ଼ିଅଛି । ଆଶା କରୁଁ ସାହେବ ମହୋଦୟ ଏହା ଅବଗତ ହୋଇ ତାହାଙ୍କର ପ୍ରଚାରିତ ନିର୍ଦ୍ଧାରଣ ସଂଶୋଧନ କରି ଲୋକଙ୍କର ଦୁଃଖ ଦୂର କରିବେ । ନଗରବାସିମାନଙ୍କର ଏ ସମୟରେ ନିଶ୍ଚିନ୍ତ ନ ରହି ଉକ୍ତ ଆଦେଶ ରହିତ କରିବାକାରଣ ଆବେଦନପତ୍ର ପଠାଇବା ଉଚିତ ।

ଦାର୍ଜିଲିଂ ସ୍ୱାସ୍ଥ୍ୟାଗାର ।

ଦାର୍ଜିଲିଂଠାରେ ଲୋଏସ ଜୁବିଲି ସ୍ୱାସ୍ଥ୍ୟାଗାର ନାମରେ ବ ୧୭ ବର୍ଷ ହେଲା ଗୋଟିଏ ସ୍ୱାସ୍ଥ୍ୟାଗାର ସ୍ଥାପନ ହୋଇଥିବାର ପାଠକମାନଙ୍କୁ ଜଣାଅଛି । କେବଳ ଦେଶୀୟ ବିଶେଷତଃ ବଙ୍ଗଦେଶୀୟଙ୍କର ହିତାର୍ଥେ ଏହା ସ୍ଥାପିତ ହୋଇଅଛି ଏବଂ କ୍ରମାଗତ ଏହାର ଉନ୍ନତି ହେଉଅଛି । ଗତବର୍ଷ ଅର୍ଥାତ୍ ସନ ୧୯୦୨ ସାଲର ରିପୋର୍ଟରୁ ଜଣାଯାଏ ଯେ ସେଠାରେ ୧୨ ଟା ୧ମ, ୪୦ ଟା ୨ୟ ଏବଂ ୪୭ ଟା ୩ୟ ଶ୍ରେଣୀର ଗୋଟିଏ ୯୯ ଟା ବଖରା ଅଥବା କୋଠରୀ ବାସ କରିବାର ସ୍ଥାନ ଅଛି ଯେ ତହିଁ ମଧ୍ୟରୁ ୮ଟା ସ୍ତ୍ରୀମାନଙ୍କ ସକାଶେ ଅଟେ । ପୁଣି ପ୍ରତ୍ୟେକ ଶ୍ରେଣୀ ଦୁଇଭାଗରେ ବିଭକ୍ତ ଯଥା—ହିନ୍ଦୁ ଓ ସାଧାରଣ । ହିନ୍ଦୁ ବିଭାଗର ଦୈନିକ [illegible] ଭଡ଼ା ୧ମ ଓ ୨ୟ ଶ୍ରେଣୀରେ ଯଥାକ୍ରମେ ଟ [illegible] ଓ ଟ ୧/୦ ଏବଂ ସାଧାରଣ ବିଭାଗର ଭଡ଼ା ଟ ୫୦ଙ୍କା ଓ ଟ ୪୧ ଙ୍କା ଅଟେ । ହିନ୍ଦୁ ବିଭାଗର ୩ୟ ଶ୍ରେଣୀର ଭଡ଼ା ନିର୍ଦ୍ଦିଷ୍ଟ [illegible] ଏହା ଛଡ଼ା ବଜା ଶରତ୍ରେ ଜ ୧୨ ଣ [illegible] ବାର ନିୟମ ଅଛି ଯେ ବଡ଼ଲୋକମାନେ [illegible] ପାଠ ଟଙ୍କା ଜମା କରିଅଛନ୍ତି । ଆହାର ଖର୍ଚ୍ଚ ଶରତ୍ ଏହି ଭଡ଼ାର ଅନ୍ତର୍ଗତ । ହିନ୍ଦୁ ବିଭାଗରେ ହିନ୍ଦୁ ଢଙ୍ଗରେ ଓ ସାଧାରଣ ବିଭାଗରେ ଇଂରାଜୀ ଢଙ୍ଗରେ ଆହାରର ବ୍ୟବସ୍ଥା ଅଛି । ଶୀତକାଳରେ ଅତ୍ୟନ୍ତ ଶୀତ ହେବାରୁ ଦାର୍ଜିଲିଂକୁ କେହି ଯାଆନ୍ତି ନାହିଁ । ସୁତରାଂ ମାର୍ଚ୍ଚମାସ ତା ୧୫ ରଖଠାରୁ ନଭେମ୍ବର ମାସ ତା ୨୦ ରଖ ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟାଗାର ଖୋଲା ଥାଏ । ଗତ ବର୍ଷରେ ଜ ୪୨୯ ଣ ଏଠାରେ ବାସ କରିଥିଲେ । ତହିଁ ପୂର୍ବବର୍ଷ ତୁଳନାରେ ସେଠାରେ ଲୋକଙ୍କର ପ୍ରକୋପ ଥିବାରୁ ଜ [illegible] ଣ ସେଠାରୁ ଯାଇଥିଲେ । ମାତ୍ର ଅନ୍ୟାନ୍ୟ ବର୍ଷଠାରୁ ଏ ବର୍ଷ ଅଧିକ ଲୋକ ସେଠାରେ ଆଶ୍ରୟ ନେଇଥିଲେ । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଏହାର କାର୍ଯ୍ୟକାରିତା କ୍ରମଶଃ ବଢ଼ୁଅଛି ଏବଂ ଯେ ଉଦ୍ଦେଶ୍ୟରେ ଏହା ସ୍ଥାପିତ ହୋଇଅଛି ତାହା ସିଦ୍ଧ ହେଉଅଛି । ଯଦ୍ୟପି ଏ ବଙ୍ଗଦେଶୀୟମାନେ ଏହାର ସ୍ଥାପକ ଥିବା ଥିଲେ ସ୍ଥାନର ଲୋକମାନଙ୍କ

Digitized by srujanika@gmail.com
Split by PDF Splitter

ମେଣ୍ଟଲେ ଏହା କ୍ରମଶଃ ପରିଚିତ ହେଉଅଛି । ଏବର୍ଷ ସମ୍ବଲପୁରର ୮୯ ଜଣ ଏବଂ ବଙ୍ଗୀୟ ପଣ୍ଡିତର ଏକଜଣ ସେଠାରେ ଅସୁସ୍ଥ ହୋଇଥିଲେ ତେଣୁ ଶାନ୍ତ ସାଧାରଣ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଏବଂ ନେତେବେଳେ ରୋଗମୁକ୍ତ ହେବା କାରଣ ଏହି ସ୍ୱାସ୍ଥ୍ୟାଗାରର ଅଶେଷ ହେଉଅଛି । ବର୍ଷିକ ବୃଦ୍ଧିରେ ୬ ୧୪୮ ଜଣ ସାଧାରଣ ସ୍ୱାସ୍ଥ୍ୟ ଲାଭ କରିବାପେ ଏବଂ ୬ ୩୦୧ ଜଣ ଆରୋଗ୍ୟ ଲାଭ ନିମନ୍ତେ ଯାଇଥିଲେ । ରୋଗୀଙ୍କ ମଧ୍ୟରେ ମାଲେରିଆ ଜ୍ୱର, ଦୁର୍ବଳତା, ଅଜୀର୍ଣ୍ଣ ଏବଂ ବହୁମୂତ୍ର ରୋଗୀଙ୍କ ସଂଖ୍ୟା ଅଧିକ ଥିଲା । ଉକ୍ତ ସ୍ୱାସ୍ଥ୍ୟାଗାରର ଅନେକ ଉପକାର ହୋଇଥିଲେହେଁ ରୋଗୀଙ୍କର ଶୀତଳ ସ୍ଥାନ ଦେଖୁ ତେଣେ ଲୋକଙ୍କର କଷ୍ଟ ହୋଇଥିଲା ମାତ୍ର ଅଜୀର୍ଣ୍ଣ, ରକ୍ତହୀନତା, ଦୁର୍ବଳ ଏବଂ ବହୁମୂତ୍ର ରୋଗୀଙ୍କର ଅତ୍ୟନ୍ତ ଉପକାର ହୋଇଥିଲା ଏବଂ କେତେକେତେ ବାସ କରିବାର ଏକ ସପ୍ତାହ ମଧ୍ୟରେ ସୁଫଳ ବୁଝିପାଇ ଆଶ୍ଚର୍ଯ୍ୟ ହୋଇଥିଲେ । ବାସ୍ତବରେ ଏହି ସ୍ୱାସ୍ଥ୍ୟାଗାରର ଉପକାରିତା ନିଃସନ୍ଦେହ ଅଟେ ଏବଂ ଯାହାଙ୍କର ସାମର୍ଥ୍ୟ ଓ ସଙ୍ଗତି ଅଛି ତାହାଙ୍କ ସେଠାରେ ଅସୁସ୍ଥ ହେବାକାରଣ ଅନାୟାସରେ ପରାମର୍ଶ ଦିଆଯାଇପାରେ ।

ପ୍ରାପ୍ତ

ଓଡ଼ିଆଙ୍କ ଦୁରବସ୍ଥା

(୯)

ପୁରାତନ ବର୍ତ୍ତମାନ ଓଡ଼ିଆଙ୍କ ମଧ୍ୟରେ ଅନେକ ଇଂରେଜୀରେ ଶିକ୍ଷିତ ଓ ଉପଯୁକ୍ତ ହୋଇଥିବାରୁ ଉଚ୍ଚ ଶ୍ରେଣୀମାନ ଓଡ଼ିଆମାନେ ଅଧିକ ପାଇବାର ଆଶା ଏବଂ ଅଙ୍କୁରିତ ହୋଇଅଛି ମାତ୍ର ସେ ଲତା ମାତ୍ର ପୁଷ୍ପ ଓ ଫଳବତୀ ହେବା ଦୂରେ ଥାଉ ଓଡ଼ିଆଙ୍କ ଅଜ୍ଞାତସାରରେ ଶୁଖିଗଲା । ଯେହେତୁ ଅଶାର ବିପରୀତ ପୂର୍ବାପେକ୍ଷା ଅଧିକ ବିଦେଶୀୟମାନେ ଉଚ୍ଚ ଓ ନିମ୍ନ ଶ୍ରେଣୀରେ ନିଯୁକ୍ତ ହେଉଅଛନ୍ତି, କିନ୍ତୁ ଏହାର କାରଣ ୭ମ ପ୍ରବନ୍ଧରେ ଦେଇଅଛୁ । ସମସ୍ତ ଉପଯୋଗୀ ମୁନସଫୀ ପଦ ବ୍ୟତୀତ ଉଚ୍ଚ ପ୍ରବନ୍ଧ ଲିଖିତ ବେନାମୁଣ୍ଡ ଓ ଖାଡେ ସରକାରୀ ଓ ବେସରକାରୀ ମେନେଜର ଉଚ୍ଚ ଶ୍ରେଣୀ ଓ ନିମ୍ନ ଶ୍ରେଣୀମାନପାଇଁ ଜଣେ ଉତ୍କଳୀ ପ୍ରାର୍ଥୀ ସେହି ଜଣେ ଉତ୍କଳ ସମ୍ପ୍ରଦାୟ ଉତ୍କଳରେ ନୋହି ଉପଯୁକ୍ତ ନ ଥିଲେ ସେ ତାହା ଅଦ ସତ୍ତ୍ୱ ନାକରୁ ବିଦେଶୀୟମାନେ ଅଳସ ଏବଂ ... ଏଦେଶରେ କୋଉକାରେ ଜଣ ହେଉ ... ଉପଯୁକ୍ତ ଓଡ଼ିଆ ନ ମିଳନ୍ତେ ? ଏଥିର ... କେହି କହି ପାରନ୍ତି କି ଓଡ଼ିଆଙ୍କ ... ତେତେ ଯୋଗ୍ୟ ଲୋକ ନ ଥିବାରୁ ମଧ୍ୟରେ ... ପ୍ରଥା ଥିବାରୁ ଏତାବେଳକେ ବିଦେ- ଶୀୟଙ୍କା ...

ଯାହା ଉପଯୁକ୍ତ ଲୋକ ଥିବାରୁ ହେଲା ଭାଷା ଅବ ତେଣେ ସ୍ଥାନପାଇଁ ଏଠାରେ ଲୋକ ଅଧିକ ହେବେ କେହି କେହି ବିଦେଶୀୟ ବଡ଼ ଲୋକ ଅପଣା ଅଧୀନସ୍ଥ କର୍ମପାଇଁ ଅପଣା ପରିଚିତ ସ୍ୱଦେଶୀ ଆଣିଥିଲେ କିନ୍ତୁ ସବୁ ବଡ଼ ସ୍ଥାନରେ ଓଡ଼ିଆମାନେ କେବଳ ଅଳ୍ପ ବିଦେଶୀୟ ଲୋକ ସ୍ଥାନରେ କାହିଁକି ଅସିବେ କି ? ଅତଏବ ମୂଳ କଥା ଏହି । ଏଥିର ଯୁକ୍ତିରୁ ଅସୁର ଉକ୍ତି ଏହି ଯେ ଇଂରେଜଙ୍କ ଶାସନର ପ୍ରଥମାଂଶରେ ବାଙ୍ଗେ ବଡ଼ ସ୍ଥାନ ସବୁ କମ୍ପାନୀ ଉପଯୋଗୀ ମୁନସଫୀ ପଦ ସବୁରେ ବା ଅଧିକାଂଶରେ ଓଡ଼ିଆମାନେ ନିଯୁକ୍ତ ହୋଇ ସୁଶୃଙ୍ଖଳରେ କର୍ମ ଚଳାଉଥିଲେ ଓ କେହି କେହି ବିଶେଷ ଯୋଗ୍ୟତା ଦେଖାଇ ବିଖ୍ୟାତ ହୋଇଥିଲେ (୫ମ ଓ ୮ମ ପ୍ରବନ୍ଧମାନ ଦେଖ) ସେ ସମୟରେ ଓଡ଼ିଆମାନେ ଇଂରେଜୀ ନ ଜାଣି ବଡ଼ ବଡ଼ କର୍ମ ଚଳାଉଥିଲେ, ଏତେବେଳେ ଇଂରେଜୀ ଜାଣି କାହିଁକି ଚଳାଇ ନ ପାରିବେ । ପୂର୍ବେ କିପରି ଓଡ଼ିଆମାନେ ନିଯୁକ୍ତ ହେଉଥିଲେ ବର୍ତ୍ତମାନ କାହିଁକି ହେଉ ନାହାନ୍ତି ଏହା ନିମ୍ନେ ଦର୍ଶାଉଅଛୁ, ଯଥା—

ପୂର୍ବେ ମନୋନୀତ ପ୍ରଥା ପ୍ରଚଳିତ ଥିଲା ଅର୍ଥାତ୍ ଓଡ଼ିଶାର କଲେକ୍ଟର ମେଜିଷ୍ଟ୍ରେଟ ସାହେବମାନେ ଓ କମିଶନର ସାହେବ ଯେଉଁମାନଙ୍କୁ ଉପଯୋଗୀ ଅବ ଉଚ୍ଚ କର୍ମ ସକାଶେ ମନୋନୀତ କରୁଥିଲେ ସେହିମାନଙ୍କ ନିଯୁକ୍ତ ଗବର୍ଣ୍ଣମେଣ୍ଟ ମଞ୍ଜୁର କରୁଥିଲେ, ଜଜସାହେବଙ୍କଦ୍ୱାରା ପରୀକ୍ଷିତ ଓ ମନୋନୀତ ହୋଇ ଓକିଲ ଓ ମୁନସଫମାନେ ନିଯୁକ୍ତ ହେଉଥିଲେ । ପୂର୍ବେ ବଡ଼ ଓ ଛୋଟ ହାଇକୋର୍ଟର ଓକିଲ ଥିଲେ ଓ ଛୋଟ ଓକିଲଙ୍କ ନିଯୋଗରେ ଜଜସାହେବଙ୍କର ପୂର୍ଣ୍ଣ ଅଧିକାର ଥିଲା । କଲେକ୍ଟରୀ ଫୌଜଦାରୀ ଓ ପୁଲିସ ମଧ୍ୟ ଆମଲାମାନଙ୍କର ଛୋଟ ବଡ଼ କର୍ମମାନ ନିଯୋଗ ବିଷୟରେ ଜିଲ୍ଲାଙ୍କର ସାହେବଙ୍କର ପୂର୍ଣ୍ଣ କ୍ଷମତା ଥିଲା କେବଳ ଡାକ୍ତର କର୍ମରେ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ଆବଶ୍ୟକ ଥିଲେହେଁ ତାହା କମିଶନରଙ୍କ ପ୍ରସ୍ତାବ ମତେ ହେଉଥିଲା । ଓଡ଼ିଶା ବଙ୍ଗଳାର ଅନ୍ତର୍ଗତ ଥିଲେହେଁ କର୍ମଚାରୀ ନିଯୋଗ ସମ୍ବନ୍ଧରେ ତାହା ଯେପରି ସ୍ୱତନ୍ତ୍ର ଥିଲା ଏବଂ କମିଶନର ଓ ଜଜସାହେବମାନେ ଯେପରି ଉତ୍କଳର ହର୍ତ୍ତା କର୍ତ୍ତା ଥିଲେ ସେମାନେ ଅପଣା ଅଧୀନସ୍ଥ ଓ ପରିଚିତ ଲୋକମାନଙ୍କ ମଧ୍ୟରୁ ଯଥାଯୋଗ୍ୟ ବାଛି ନିଯୁକ୍ତ ବା ମନୋନୀତ କରୁଥିଲେ କୌଣସି ବଡ଼ କର୍ମପାଇଁ ଏଦେଶରେ ଉପଯୁକ୍ତ ଲୋକ ନ ପାଇଲେ ବିଦେଶରୁ ଅଣାଉଥିଲେ ଯଥା ପ୍ରଧାନ ସଦର ଅମିନ ଆଲି (ସବଜଜ) ଏହି ପ୍ରକାରରେ ଓଡ଼ିଆମାନେ ପ୍ରାୟ ସବୁ ବା ଅଧିକାଂଶ ଦମ୍ପତ୍ତି, ବେନାମୁଣ୍ଡ

ଉଚ୍ଚ କର୍ମ ଓ ଓକାଲତିରେ ବାଇ ହୋଇ- ଥିଲେ ସୁତରାଂ ଓଡ଼ିଆଙ୍କ ଅବସ୍ଥା ଭଲ ଥିଲା ।

ମନୋନୀତ ପ୍ରଥାରେ ମୂଳରୁ ଥିଲା ଓ ସୁଶା- ସନ ହୋଇ ରହିଥାଏ । କିନ୍ତୁ ମନୁଷ୍ୟକୃତ କୌଣସି ପ୍ରଥା ଅବା ନିୟମ ଦୋଷଶୂନ୍ୟ ହୋଇ ନ ପାରେ । ଯାହାହେଉ ଉତ୍କଳରେ ଉକ୍ତ ପ୍ରଥା ମୋଟରେ ଫଳଦାୟକ ହୋଇଥିଲା । ସନ ୧୮- ୭୨ ସାଲର ଓଡ଼ିଆ ବନ୍ଦୋବସ୍ତରେ ସମସ୍ତ ଡେପୁଟି ଓଡ଼ିଆ ଥିଲେ ଓ ସଂଖ୍ୟା ଅନେକ ହୁଏ ତଥାଚ କେହି ଦକ୍ଷ ନ ଥିଲେ । କାର୍ଯ୍ୟ- କ୍ଷମ ଓ ବୁଦ୍ଧିମାନ୍ ଲୋକ ବାଛି କମିଶନର ଓ କଲେକ୍ଟର ସାହେବମାନେ ମନୋନୀତ କରି- ଥିବାରୁ ସେ ବନ୍ଦୋବସ୍ତ କାର୍ଯ୍ୟ ଏତେ ସୁନ୍ଦର ଓ ଏତେ ଠିକ ହୋଇଥିଲା ଯେ ଗତ ବନ୍ଦୋବସ୍ତ ଇଂରେଜୀ ପଢ଼ା ବି,ଏ, ଏମ୍,ଏ, ପ୍ରଭୃତି ପ୍ରତିଯୋ- ଗିତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଡାକ୍ତରଙ୍କ ଦ୍ୱାରା ହୋଇଥିଲେହେଁ ସେତେ ସୁନ୍ଦର ଓ ସେତେ ଠିକ ହୋଇ ନାହିଁ । ପୂର୍ବେ ଇଂରେଜ ହାକିମଙ୍କର ଦେଶୀୟ ଲୋକ ଓ ଅମଲାଙ୍କ ସଙ୍ଗେ ମେଳମେଳ ଓ କାରବାର ଅଧିକ ଥିବାରୁ ଯୋଗ୍ୟାଯୋଗ୍ୟ ସ୍ୱୟଂ ଚିହ୍ନି ପାରୁଥିଲେ ଓ ଯେ ଯେଉଁ କର୍ମର ଉପଯୁକ୍ତ ତାକୁ ସେହି କର୍ମରେ ନିଯୁକ୍ତ କରୁଥିଲେ । ଏ ଜାତୀୟ ମେଳମେଳ ପୂର୍ବେ କିପରି ହେଉଥିଲା ଓ ଏବେ କାହିଁକି ଅଭାବ ଓଡ଼ିଆଙ୍କ ପକ୍ଷରେ କେତେ ହାନିକର ହୋଇଅଛି ଏହା ନିମ୍ନେ ଲେଖୁଅଛୁ, ଯଥା—

(୧) ସେ ସମୟରେ ବଳିତ ପ୍ରଥମାବସ୍ଥା ଜାତ ଥିବା ଓ କୁଟିର ନିୟମ କଠିନ ଥିବାରୁ ଇଂରେଜ ହାକିମମାନେ ସର୍ବଦା ଏ ଦେଶରେ ରହୁ- ଥିଲେ ଓ ଅନ୍ୟ ଇଂରେଜ ନ ଥିବା ଅବା ଅଳ୍ପ ଥିବାରୁ ସେମାନେ ଦେଶୀୟଙ୍କ ସଙ୍ଗେ ମିଶୁ- ଥିଲେ । [୨] ମୋଫସଲ ଗସ୍ତରେ ଇଂରେଜ ହାକିମମାନେ ପ୍ରଜାଙ୍କଠାରେ ଘୋଡ଼ାରେ ଯାଇ ଯାଆନ୍ତି ଗାଁ ପ୍ରଧାନ ପ୍ରାଣମାନଙ୍କରେ ଛେଉ ପକାଇ ଦୁଇ ତିନି ଦିନ ରହୁଥିଲେ ଓ ପ୍ରଜା- ଅଭାବ ବୁଝି ଦେଖୁଥିଲେ । ଏଣୁ ଦେଶୀୟ ଲୋକଙ୍କ ସଙ୍ଗେ ଦେଖା ସାକ୍ଷାତ ଓ ଅଳାପ ହେଉଥିଲା । [୩] କଲେକ୍ଟର, ମେଜିଷ୍ଟ୍ରେଟ- ମାନେ ନିଜେ ଖୋଲା ମିଶନରେ ଅନେକ କ୍ଷଣ ରହି କଲେକ୍ଟରୀ ଓ ଫୌଜଦାରୀ ଦରଖାସ୍ତ ମାନ ନେଉଥିଲେ ଏବଂ ଅମଲା ଛଡ଼ା ପ୍ରଜାଙ୍କର ସରକାରୀ ମକଦ୍ଦମା ସବୁର ଖବର ବୁଝୁଥିଲେ । ଏ ସୂତ୍ରେ ସେମାନେ ଅମଲାଙ୍କ ଓ ଅନ୍ୟ ବହୁ ଲୋକ ଉତ୍ତମ ପରିଚିତ ହେଉଥିଲେ ଓ ଅନେକ ଲୋକ ସଙ୍ଗେ ବ୍ୟବହାର ହେଉଥିଲା । [୪] ସେ ସମୟେ ... ଙ୍କର ଅଧିକାଂଶ କାର୍ଯ୍ୟ (ପ୍ରାୟ ସବୁ ଦେଖୁଥିଲେ ଚଳେ) ଦେଶୀୟ ଭାଷାରେ

Digitized by srujanika@gmail.com

Split by PDF Splitter

ଦେଇଥିଲେ । ଏ ଦେଶରେ ବାଳକମାନେ ଓଡ଼ିଆ ଭଗବଦ୍‌ଗୀତାମାନ ଶୁଣି ସେ ସବୁରେ ବୃତ୍ତମାନ ହାତରେ କଢାଉଥିଲେ ଓ ଅମ୍ଭମାନେ ଓଡ଼ି-ଆରେ ଲେଖୁଥିଲେ । ମନ୍ତବ୍ୟ ନିଷ୍ପତ୍ତିର ଓ ଅନ୍ୟ କ୍ଷୁଦ୍ର ବଙ୍ଗଶ ସବୁରେ ବାଳକମାନେ ଗେଲକାଷ୍ଠ ବଢାଉଥିଲେ ଓ ଅମଲାମାନେ ଯେ ସବୁ ଓଡ଼ିଆରେ ଯାହା କରୁଥିଲେ ତାହା ସେ-ମାନେ ଶୁଣି ସଂଶୋଧନ ଅବା ଅନୁମୋଦନ କରୁଥିଲେ । ପ୍ରାୟ ସନ ୧୮୬୦ ପର୍ଯ୍ୟନ୍ତ ବାଳିକ ମାନେ ମକଦମା ବସ୍ତରେ କଲମ ଧରୁ ନ ଥିଲେ । ଅମଲାମାନେ ସାକ୍ଷିଙ୍କ ବାଜବନ୍ଦ ଲେଖୁ ଥିଲେ ଓ ହାକିମଙ୍କ ନିଷ୍ପତ୍ତିମାନେ ଖେବକାଷ୍ଠ [ବସ୍ତୁ ପରକର୍ତ୍ତେ] ଲେଖୁଥିଲେ । ଏଥିରେ ବୋଧ ଏହି କି ଅମଲାଙ୍କର ଅପଥା କ୍ଷମତା ଓ ଉପାର୍ଜନ ଥିଲା । ମାତ୍ର ଇଂରେଜମାନେ ବାଧ ହୋଇ ଦେଶୀୟ ଭାଷା କଷ୍ଟେଶବଶ ସ୍ଥଳ ଉତ୍ତମ ରୂପେ ଶିକ୍ଷା କରୁଥିଲେ । ଦେଖ, ୨ ଯାଉ ଜାଣୁଥିଲେ ଏଣୁକରି ସେମାନେ ଦେଶୀୟ ଲୋକଙ୍କ ସଙ୍ଗେ ସମ୍ମିଶି ଓ ସେମାନଙ୍କ ଗତି ବିଧି ସନ୍ଧାନ ଜାଣିବାର ସୁବିଧା ଥିଲା ଓ ଦେଶୀୟ ଲୋକଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଆଦର ଥିଲା । ଅଧିକନ୍ତୁ ଅମଲାଙ୍କ ସଙ୍ଗେ ସର୍ବଦା ସାକ୍ଷାତ ଓ ଦାରବାର ଥିବାରୁ ସାମାନ୍ୟ ଅମଲା-ଠାରେ ବିଶେଷ ଗୁଣ ଥିଲେ ତାହା ସେମାନେ ଜାଣିପାରି ଫଳ ପ୍ରଦାନ କରୁଥିଲେ । ଏହି ପ୍ରଣା-ଳରେ ୬ମ ପ୍ରବନ୍ଧ ଲିଖିତ ଧର୍ମପ୍ରସାଦ ବାବୁ ଡେପୁଟି ମାଜିଷ୍ଟ୍ରେଟଙ୍କ ପଦରୁ ଉନ୍ନତ ଏତେ ଉନ୍ନତ ଲାଭ ଏତେ ସ୍ୱଭାବ ହୋଇ ଥିଲେ, ଦୁର୍ଲଭପ୍ରସାଦ ଓ ଗୋବିନ୍ଦପ୍ରସାଦ ବାବୁ ମାନେ ଡେପୁଟି କାର୍ଯ୍ୟରେ ବିଶେଷ ଯୋଗ୍ୟତା ଦେଖାଇ ବଙ୍ଗଦେଶରୁ ପ୍ରେରିତ ହୋଇଥିଲେ । ଅନ୍ୟ ଡେପୁଟିମାନେ ଭଲ ନ ଥିଲେ । ଏ ଜିଲାର ବାବୁ ଲକ୍ଷ୍ମୀକାନ୍ତ ଦାସ ଅମଲାଶ୍ରେଣୀରୁ ଯୁକ୍ତିର ସୁନ୍ଦର ହୋଇ ଏପରି ଗୁଣ ଦର୍ଶାଇ ଥିଲେ ଯେ ଯାହା ଅନ୍ତରରେ ଅଛି ହେବାର ଆଶା ଥିଲା ମାତ୍ର ପାଇଲ ହୋଇପାରିଲି । ବର୍ତ୍ତମା-ନର ପ୍ରଥା ପୂର୍ବେ ଥିଲେ ପ୍ରଶଂସିତ ବାବୁମାନ ନଙ୍କର ଉତ୍ତମ ଗୁଣ ପ୍ରକାଶ ପାଇ ନ ଥାନ୍ତା ଓ ସେମାନେ ହାକିମ ନ ହୋଇ ଅମଲାଶ୍ରେ-ଣୀରେ ପଡ଼ିଥାନ୍ତେ । ଉପର୍ଯ୍ୟୁକ୍ତ ହାକିମମାନ-ଙ୍କରୁ ମନୋନୀତ ପ୍ରଥା ଉତ୍କଳପକ୍ଷରେ ମଙ୍ଗଳ-ପ୍ରଦ ଥିଲା । ଏ ପ୍ରବନ୍ଧ ଦୀର୍ଘ ହୋଇଥିବାରୁ ଅବଶିଷ୍ଟ ଏ ପତ୍ରେ ପ୍ରକାଶ କରବି । ଏ ବିଷ-ୟଟି ଗୁରୁତର ଥିବାରୁ ଅନେକ ଲେଖିବାକୁ ହେଉଅଛି । ଅତଏବ ସମ୍ପାଦକ ଓ ପାଠକମ-ହୋଦୟ ବିରକ୍ତ ନ ହେବେ ।

ସାମ୍ପ୍ରତିକ ସଂବାଦ ।

କଲିକତା ଗେଜେଟ୍ ।

ବମ୍ପାଇ ରେ, ଉଦବାର୍ଦ୍ଧ ଓ, ମେଲାଶ ଏତ ଲସନ ନାବ ପା ୫ ଏପ୍ରିଲଠାରୁ ସ୍ତୁଳକ ବିହିର ଶର୍ଭିନ ପଦରେ ନିଯୁକ୍ତ ହେଲେ ।

ବାବୁ କଷାକାନ୍ତ ଘୋଷ ଡ, ଏଲ ନୂଆଗାଁ ଓ ଜାଗରାଣ ଖାତ ଓ ଲକ୍ଷ୍ମୀପୁରକ ଅବୋଲ୍ଲ ମୁନସଫ ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ରହିଲେ । ବର୍ତ୍ତମାନ ଖାଜଗ୍ରାମରେ ପାର୍ଶ୍ଵ କରିବେ ଓ ୪ର୍ଥ ଶ୍ରେଣୀର ମୁନସଫ ପଦରେ ନିଯୁକ୍ତ ହେଲେ ।

ବାବୁ ସବ୍ ଜେଶ୍ରୀ ବରଦାନୁନ କମିଶନ ପାଇମୁଳ ଅଲ ବଢ଼ିଶାଲ ଜିଲ୍ଲେ ଜେକାବଡ଼ା ସବ୍ ଜୁଡ଼ିସନ ବଦଳ ହେଲେ ।

ଏହି ମେଜରମେଣ୍ଟ ସ୍କୁଲର ଦ୍ଵିତୀୟ ଓ ୪ର୍ଥ ଶ୍ରେଣୀର ଛାତ୍ରମାନେ ଶେଷ ପରୀକ୍ଷାରେ ପାସ କରିଅଛନ୍ତି ।
୧ ଗୌରଚନ୍ଦ୍ର ପ୍ରଧାନ ଘୋଷ ୨ ଲକ୍ଷ୍ମଣ ନାଥ ଦାସ

ଏ ସପ୍ତାହରେ ଏ ନଗରରେ ଶୀତ ସମ୍ବାଦର ଖବରର ଏବେଳେ ଶୀଘ୍ର ଏବ କଟକରେ ମେଘ ବର୍ଷି ହୋଇଅଛି ଓ ଏଥିରେ ଅତାଦ ଉତ୍ତମ ଭଲ । ସାଧାରଣତଃ ସବୁ କଲେରାର ଓ ଗ୍ରୀଷ୍ମ ହ୍ରାସ ଅଛି ।

ଏ ନଗରର ଖାସମହାଲ ତହସିଲଦାର ବାବୁ ରଘୁନାଥ ପାଇକ୍ରୀ ଏକ ମାସ ମେଡ଼ିକାଲ ଛୁଟିରେ ହୋଇଅଛନ୍ତି ଓ ସୋ-ହନ ବାର୍ଦ୍ଦ୍ଧ ଦେଇ ଓଡ଼ିଆ ଅନେକ ପାଇଅଛନ୍ତି । ଏଥିପାଇଁ ମହୋଦୟ ବାବୁଙ୍କ କାର୍ଯ୍ୟ ଅଧିକାର ମନ୍ଦ ବୋଲି ସମସ୍ତେ କହୁଅଛନ୍ତି, କାର୍ଯ୍ୟରେ ଅନୁପଯୁକ୍ତ ବୋଧ ହେଲେ ।

ଏଠା ସଦର ମହକୁମାର ଡେପୁଟୀ ମାଜିଷ୍ଟ୍ରେଟ ମି. ମର୍ଗ୍ରିଣ୍ଡ ସ୍ଥାନରେ ଯାଉଁ ଏକ ବରୁଣ ବାବୁ ମାଜିଷ୍ଟ୍ରେଟ ନିଯୁକ୍ତରେ ମାଡ଼ଶରେ କାରଣ ଗାଁରେ ଅଛନ୍ତି । ମାଜି-ଷ୍ଟ୍ରେଟ ମହୋଦୟ ତାହାଙ୍କ ବଦଳରେ କେବେ ସବ୍ ଓ ସାହେବଙ୍କ ପେଟରେ ଦରଖାସ୍ତ ପ୍ରେରଣ କରିଥିଲେ । ମଣ୍ଡି ଓ ସାହେବ ଦଳ କରୁଣ ମାଲ୍ଲରେ ଯାଇଣ ନୂଆଗାଁଠାରୁ ଜିଲ୍ଲାରେ ରହିଲ ସାହେବଙ୍କର ଉଲ୍ଲେଖ ଦରଖାସ୍ତ ପଢ଼ିଲେ ମହଦାନରେ ମାଜିଷ୍ଟ୍ରେଟ ସାହେବଙ୍କ ସ୍ଥାନ ଏବେ ନେଇ-ବଦଳ ହୋଇଅଛି । ଜରୁରି ମନୀ ମୋକଦମା ସବୁ ଓ ତାହାଙ୍କ ଛାଣି ତଦନ୍ତ । ମଣ୍ଡି ଓ ସାହେବଙ୍କଠାରୁ ହିଁ ହେଲେ ।

ଭଗବାନ ଶୁଭଙ୍କ ବର୍ଷା ହୋଇଥିଲେହେଁ ଅଭାବ ପଡ଼ିମାଣ ହେତୁ ସେ ସବୁ ଆଗରେ ଅଧିକ ଭଲ ହେଲା ଚେଷ୍ଟା ନାକମାନଙ୍କର ବଡ଼ଦେଇ ଉପକାର ହୋଇ ନାହିଁ ।

ଯୁକ୍ତିଙ୍କ ଆଦ୍ୟ ବ୍ରଜନାଥ ଦେବ ସ୍ୱାମୀ ଉତ୍କଳ ଠାରେ ଦର୍ଶନର ସୁନା ଓ ରୂପା କନ୍ଦମୂଳ ଅଲଙ୍କାରମାନ ଦେଖ ପାଇବେ । ସୁତରା ଅନୁସାରେ ଏବ ଏପରିକି ଦେଖ ଏସ ପାଉ ନାହାନ୍ତି ।

କ୍ଷିପ୍ରା ପ୍ରଭାବେ ଅଧିକ ଉତ୍ପନ୍ନ ହୋଇଥିବାର ସମ୍ବାଦ ମିଳଇ । ବର୍ତ୍ତମାନ ଆହୁରି ମିରାଇଥିବେ ଲୋକେ ମନୁଷ୍ୟମାନଙ୍କ ମେଘ ଦେଖୁଥିଲେ । ସେମାନଙ୍କର ଭଙ୍ଗିବା କାରଣ ହେଲା ରାଜ୍ୟର ଅନାଟନ ହୋଇଥିବା ପାଇକମାନେ ୬୦ ଶହ ଏବ ଏକ ୬ ୧୫ ଶହ ।

ଅଧିକ ବଢ଼ାଇଲେ । ଏଠାରେ ବର୍ଷା ଭାଗରେ ଯାହା ଅଧିକ ହେବାରୁ ଅନେକ ବିଶେଷ ଆଶା କରୁଅଛି ।

ବର୍ଷାର ଦଣ୍ଡ ଗୋପାଳଚନ୍ଦ୍ରଙ୍କେ ସହ ବୃକ୍ଷ ଓ ଫୁଲର ମାଗରେ ପ୍ରତି ଏକ ୨.୪ ଘଣ୍ଟା ବର୍ଷିଲେ ବର୍ଷା ଅଧିକ ହୋଇଥିଲା । ଦେଶରେ ଗତ ଦୁଇଦିନ ବର୍ଷାରେ ଜଳ ପଡ଼ିଥିଲା । ସେହି ଦିନ ମଧ୍ୟରେ ଉତ୍ତମ ବୃଷ୍ଟି ହେଲାରୁ କାର୍ଯ୍ୟ ଏବଂ ଲୋକେ ବୃଦ୍ଧିପାଇଲେ ।

ସମ୍ପ୍ରତି କ୍ରମେ ହୋଇଥିବା ସାହେବଙ୍କର ରୋଗର ଦରଜ ଗଲେ ସେମାନଙ୍କର ଉଠାଇବାର ଆଜ୍ଞା ହୋଇଅଛି । କଟକର ଏକ ସେମାନଙ୍କର ଅଧ ଡାକ୍ତର ଦେଖିବାର ପୂର୍ବରୁ ହିଁ ହୋଇଥିବାରୁ ସେଠାରେ ପୂର୍ବରେ ପ୍ରବେଶ କରାଯାଇ ନାହିଁ ।

ଅନୁମାନରେ ସମ୍ରାଟ ଓ ସାମ୍ରାଜ୍ୟ ଅଧିକାରରେ କର୍ମ-ମାନ ହୋଇ ଦେଶର ଛାତ୍ର ଲୋକମାନଙ୍କ ପରୀକ୍ଷାର ପାଇବ ତାର ବହୁଥିବା କଥା ପାଠକମାନଙ୍କ ଜଣାଇଅଛି । ବର୍ତ୍ତମାନ ଅବଶତ ଦେଖି ଯେ ଏହିପ୍ରକାରେ ଅନେକ ଅନେକ ସହୋଦର ଅଭ୍ୟର୍ଥନା ହୃଦୟରେ ମାନଙ୍କୁ ମନ ପାଇବ ଦାନ କରିଅଛନ୍ତି । ତଥାପି ସେମାନଙ୍କ ଦେବକ ଦାନର ନ ୧ ଜଣକୁ ସହାୟରେ ଦାନ ଏବଂ ପାଠକମାନେ ଏଥିରେ ଭିଜିବେ ନ ।

ଅନୁମାନରେ ଦଶ ସହାୟିକା ଶ୍ରୀ କର୍ମ ଅଧିକ ସନ୍ତୁଷ୍ଟର କାର୍ଯ୍ୟ କରିବାକୁ ନ ପାଇ ଲୋକମାନେ କାର୍ଯ୍ୟକାଳ ଜଣିତ ହୋଇଅଛି ।

ଅଲବଦାଠାରେ ବଙ୍ଗର ଉତ୍ତରରେ ହୋଇଥିବାର ସମ୍ବାଦ ମିଳିଲା । ଏହା ହେବା ଫଳରେ ପ୍ରକୃତି ଦୂର ନଦୀର ବନ୍ଦରରେ ଲୋକମାନେ ଅବସ୍ଥାନ କରୁଅଛନ୍ତି । ସେଠାରେ ଉପୁଜ ଦେବଳେ ଶେଷ ଯୋଗ୍ୟ ଜନାର ସେଠା ମଧ୍ୟ ପ୍ରଭୃତିଠାରୁ ଦେଖିଲେ ଏହା ଦେଖାଇ ଓ ତାହାଙ୍କ ନାମ ଅଟେ ସୁନ୍ଦର ଅଧିକାର୍ଯ୍ୟ ସ୍ଥଳର ବଡ଼ । ବହୁତ ସ୍ଥାନର ଏହି ସହ ଲୋକ ନିଜେ ଲୋକମାନଙ୍କ ଶ୍ରଦ୍ଧା ହୋଇଅଛି । ସେଥିରୁ ଉଦ୍ଧାର ପାଇବା ଜୀବିକାର୍ଯ୍ୟ ସମ୍ଭବନା ଅଛି ।

ସୁବିଧା ଏମାନଙ୍କର ଆଉ ଦେଖିବାକୁ ପାଇନ ଏହି ସନ୍ତୁଷ୍ଟତାର ଏପରି ନ ଥାଉ ପୁରୁଷମାନଙ୍କ ଅନେକ ସମୟ ଜଣାଉଛି ।

ମଫସଲ ସମ୍ବାଦ ।

ଯାଜପୁର ଅନ୍ତର୍ଗତ ମାଙ୍ଗୁଲି ଗ୍ରାମର ଥାନାଦାର ଲତିଫୁର ଗଲେ ଦିନ ଆଳି ଗ୍ରାମର ପ୍ରବେଶ କରିବା ଲୋକଙ୍କ ଠାରେ ଚୋର ପ୍ର ଜଣ ବାବୁ ପାଇଥିଲେ ଉପରେ ଆଦେଶ ପଠା ଦେଇବା ମଧ୍ୟ ସୋମନାଥ ପ୍ରାୟ ଏକ ସୁସ୍ଥ ହେବାକୁ ସେମାନଙ୍କୁ ଅବସ୍ଥାନରେ ଅଛି । ଏପରି ହେତୁ ଏ ଭଲବାନ୍ ଏହି ଦେଖିଲା ଗୁଡ଼ିକ ଗୁରୁତର ସବୁ ମାତ୍ର ଧାଡ଼ା ଦଳ ସ୍ଵଭାବ ହଳଦି ଦେଇ ଗ୍ରାମକର୍ମୀ ଅନୁଭବ ଦେଇଅଛି । ତାହାରେ ବାବୁ ଏ ମାମଲ ଅନ୍ତରରେ ଏକ ଆସାମୀ ଦୁଇଜଣ ଅଛି, ତାଙ୍କ ଉପଗୁଡ଼ାକ ଦାୟିତ୍ଵ ହୋଇଲା ।

ଗତ ସପ୍ତାହର ଶୁକ୍ର ବାବୁ ୮ଙ୍କ ଏହା ବହୁଲଙ୍କେ ଏ ଜାଗାରେ ଚିକିତ୍ସା ହୋଇପାରିଛୁ ପ୍ରଥମେ ଏକ ଏହି ଓ ଉକ୍ତ ସମସ୍ତ ସମୟରେ ଜନାଇ ଏହି ଦେଇ ଏକ ଦେଶ ଦେଶରୁ ଅନେକ ଲୋକଙ୍କର ଏହା ଉନ୍ନ ହୋଇଥିବା ଏ ଜନତାର ହେବା ପାଇଁ ପୂର୍ବରେ ପ୍ରତିଶ୍ରୁତ ପର୍ଯ୍ୟନ୍ତ

Digitized by srujanika@gmail.com

ଅନେକଙ୍କର ପର୍ଯ୍ୟନ୍ତ ହୋଇଥିଲା । ଏ ବର୍ଷ ପୂର୍ବ ପର୍ଷ୍ଟି ମଧ୍ୟରେ ହେବାର ବୋଧ ହେଲା ।

ଲୋକଙ୍କ ଅନ୍ତଃପୋଷଣ ଘଉଚଇଁ ... [illegible] ଯୋଗ୍ୟମାନଙ୍କ ନାମରେ ଗଲ୍ଲଥିବା 'କଲାହାଣ୍ଡି ମହକମା' ... ଅବାଲପତ୍ର ଟୋଲ ନେବା କାରଣ ମହାମାନ୍ୟ ହାଇକୋର୍ଟରେ ମୋକଦ୍ଦମା କରିବା କାରଣ ମୁଦ୍ରାଇମାନେ ମହଲର ବୃହଁବାରୁ ଶ୍ରୀଯୁକ୍ତ ସରକାର ମାନେକ୍ଟ ଖାଜା ଛାଡଣ କରି ହେଉଅଛନ୍ତି ।

ଏ ଅଞ୍ଚଳରେ ପ୍ରଚୁର ଗ୍ରାମ୍ୟ ବୃଷ୍ଟି ହେଉଅଛି ଧାନ କ୍ଷେତ୍ରରେ ପ୍ରଚୁର ଜଳ ହୋଇ ଥିବାରୁ କେଉଁଠାରେ କାର୍ଯ୍ୟ ଉତ୍ତମରୂପେ ଚାଲୁ ଅଛି ।

ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ବିଶ୍ୱନାଥ ମହାପାତ୍ର—ଶିକ୍ଷୋନ୍ନତି ପ୍ରିୟ ସଜ୍ଜନ ମୟୂରଭଞ୍ଜର ମହାରାଜା ତାହାଙ୍କ ପ୍ରକାଶିତ ମହାରାଣୀଙ୍କ ଖଣ୍ଡେ ଏ ଦାନ କରିବାର କୃତଜ୍ଞତାସହିତ ସ୍ୱୀକାର କରି ମହାରାଜାଙ୍କର ଉଦାର ... ସ୍ୱଦେଶବତ୍ସଲତା ପ୍ରଭୃତି ଗୁଣର ପ୍ରଶଂସା କରିଅଛନ୍ତି ।

ଶ୍ରୀ ବ୍ରଜେନ୍ଦ୍ରନାଥ ଘୋଷ—ଜୟପୁର ମଧ୍ୟମ ସ୍କୁଲର ହେଡ଼ ପଣ୍ଡିତ ଗୋବିନ୍ଦଚନ୍ଦ୍ର ମହାପାତ୍ର ଜୟପୁର ଗଡ଼ାଙ୍କ ବିବାହ ପାଇଁ ସଙ୍ଗେ ହିନୋଇଲ ଯାଇ ସେଠା ଫେରନ୍ତା ଜମ୍ବୁଲୋଟାରେ ଓଲଉଠାରେ ପ୍ରାଣତ୍ୟାଗ କରିବାରୁ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଅଛନ୍ତି । ମହାପାତ୍ର ମହାଶୟ ଉତ୍କଳ ସାହିତ୍ୟର ଜଣେ ଯୋଗ୍ୟ ସେବକ ଥିଲେ । ତାହାଙ୍କର ଅକାଳମୃତ୍ୟୁରେ ଉତ୍କଳର କ୍ଷତି ହୋଇଅଛି ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲଶ୍ରୀଯୁକ୍ତ ମାନନୀୟ ଉତ୍କଳଦୀପିକାର ସୁଯୋଗ୍ୟ

ସମ୍ପାଦକ ମହାଶୟ ସମୀପେଷୁ ।

ସବିନୟ ନିବେଦନମିଦଂ ।

ମହାଶୟ !

ଶ୍ରୀଯୁକ୍ତ ବାବୁ ଦାମୋଦର ପଟ୍ଟନାୟକଙ୍କଦ୍ୱାରା ରଚିତ "ଜାତୀୟ ସଙ୍ଗୀତ" ନାମକ ଖଣ୍ଡିଏ ପୁସ୍ତକ ପ୍ରକାଶିତ ହେବାର ଦେଖି ଆନନ୍ଦିତ ହୋଇଅଛୁଁ । ଉକ୍ତ ମହାଶୟ ତାଳଚେରରେ ଥିବାସମୟରେ ତାହାଙ୍କଠାରୁ କେତେକଗୋଟି ସଙ୍ଗୀତ ଶୁଣିଥିଲୁଁ, ବର୍ତ୍ତମାନ ତାହା ପୁସ୍ତକାକାରରେ ପ୍ରକାଶିତ ହେବାର ଦେଖି ସେହି ପୁସ୍ତକର ମହତୁଦ୍ଦେଶ୍ୟ ସମ୍ବନ୍ଧରେ କେତେକଗୋଟି କଥା ଲେଖିବାକୁ ଉଦ୍ୟତ ହେଲୁଁ, କାରଣ "ବାର୍ତ୍ତୟବୈଫଲ୍ୟମସହ୍ୟ ଶଲ୍ୟଂ, ଗୁଣାଧିକେ ବସ୍ତୁନି ମୌନିତା ଚେତ୍, ଖଲତ୍ୱମଲ୍ପୀୟସି ଜଲ୍ପିତେଽପି, ତଦସ୍ତି ବନ୍ଦୀ ଭ୍ରମଭୂମିକେୟଂ" ଅର୍ଥାତ୍ ଉତ୍ତମ-ସମ୍ବନ୍ଧରେ ଯଦି କିଛି କୁହା ନ ଯାଏ ତେବେ ସେହି ବକ୍ତୃତାର ବିଫଳତା ଚରିତ୍ରଗତ ଅସହ୍ୟ ଶଲ୍ୟପରି ପୀଡ଼ାଦାୟକ ହୁଏ । କହିବାଦ୍ୱାରା ବନ୍ଦୀତା ପ୍ରକାଶ ପାଇଲେହେଁ ତାହା ସହ୍ୟ ମାତ୍ର ମୌନତା ସହ୍ୟ ନୁହେ ।

ପ୍ରଥମତଃ ପୁସ୍ତକର ମଲାଟ ଉପରେ ସାର୍ ବାକ୍ ସୂତରାଂ ମହାର୍ଘ ଗୋଟିଏ ବାକ୍ୟ ଦେଖିଲୁଁ, ତାହା ଏହି :— "ଦଣ୍ଡକ କୀର୍ତ୍ତିବନ୍ତ, ଜୀବନ ମୂଲ୍ୟ ଅନନ୍ତ, ମୂରକ ଖାଲି ବଞ୍ଚିବା ଅଟେ ରଣ"। ସ୍ଥଳନରେ କବି ଯାହା କହିଅଛନ୍ତି ତାହା ସେହିପରି । "କୀର୍ତ୍ତିର୍ଯସ୍ୟ ସ ଜୀବତି" ଅର୍ଥାତ୍ କୀର୍ତ୍ତିଶାଳୀ ଅମର ସୁତରାଂ ଜୀବନ ଅମୂଲ୍ୟ ଅଟେ । କୀର୍ତ୍ତିହୀନ ଲୋକ ଥିବା ନ ଥିବା ସମାନ । ଉଲ୍ଲିଖିତ ବାକ୍ୟଟି ସର୍ବଦା ଉପଦେଶ ବା ଦୃଷ୍ଟାନ୍ତ ସ୍ଥଳମାନଙ୍କରେ ଜନମୁଖରୁ ବ୍ୟବହୃତ ହେବ । ମହାକବି କାଳିଦାସଙ୍କର ଏହିପରି ଭାବଗର୍ଭିତ ବାକ୍ୟଦ୍ୱାରା ପ୍ରତିଷ୍ଠା ହୋଇଥିଲା । ପୁସ୍ତକଟି ଯଥାଯୋଗ୍ୟ ପାତ୍ରରେ ଉତ୍ସର୍ଗିତ ହୋଇ କବିଙ୍କର ଅସାଧାରଣ ମାତୃଭକ୍ତି ଓ ପୁତ୍ରବାତ୍ସଲ୍ୟ ଏବଂ ଜାତୀୟ ଜୀବନର ପରିଚୟ ଦେଉଅଛି । ଆଉ ମଧ୍ୟ ପାରିଜାତମାଳା ଭଗବତୀ ସ୍ୱର୍ଗୀୟା ସୁଲକ୍ଷଣା ଦେବୀଙ୍କ ଉଦ୍ଦେଶ୍ୟରେ ଯେ ଗୀତ ରଚିତ ହୋଇଅଛି ତାହା ଅସଙ୍ଗତ ନୁହେଁ । ସୁଲକ୍ଷଣା ଦେବୀ ଯେ ଉତ୍କଳର ବରଣୀୟା କନ୍ୟା ତାହା ଭକ୍ତକବି ମଧୁସୂଦନ, ପ୍ରକୃତିର ସ୍ନେହଚନ୍ଦନର ରାଧାନାଥ ଏବଂ ଫକୀରମୋହନ ଏମାନଙ୍କଦ୍ୱାରା ପ୍ରମାଣିତ, ପାରିଜାତମାଳା ଦେଖିଲେ ସୁଲକ୍ଷଣା ପ୍ରଶଂସ୍ୟା କି ନା ? ସହଜରେ ବୋଧହେବ, ଏ ଗୀତଦ୍ୱାରା ଅବଶ୍ୟ ଉତ୍କଳ ଲଲନାମାନଙ୍କର ଚକ୍ଷୁ ଫିଟିଏ ଫିଟିପାରେ । ଜାତୀୟ ସଙ୍ଗୀତ ପ୍ରକାଶର ଉଦ୍ଦେଶ୍ୟ କବି ସ୍ୱଲିଖିତ ନିବେଦନରେ ସାଧୁ ଅଥଚ ସରଳଭାଷାରେ ବିଶଦ ରୂପରେ ବୁଝାଇ ଦେଇଅଛନ୍ତି । ବାସ୍ତବରେ ଏପରି ପୂର୍ବ ଗୌରବ ସ୍ମରଣଦ୍ୱାରା ଜନସାଧାରଣଙ୍କ ମନରେ ଉତ୍ସାହ ଜାତ ହୋଇ ମହାର୍ଘ ଜୀବନ ପ୍ରଦାନ କରେ ।

ଗ୍ରନ୍ଥାରମ୍ଭରେ ସରସ୍ୱତୀ ଓ ଲକ୍ଷ୍ମୀଦେବୀଙ୍କର ସ୍ତୁତିଦ୍ୱାରା ଉତ୍କଳର ବିଦ୍ୟା, ଧନାଭାବର କାମନା କରାଯାଇ ଅଛି । ଏ ସ୍ତବ ଦୁଇଗୋଟି ପାଠ କଲେ କବିଙ୍କର ସ୍ୱଦେଶାନୁରାଗ ପ୍ରତିପନ୍ନ ହୁଏ । ତତ୍ପରେ ଉତ୍କଳର ଅତୀତ ଗୁଣଗାନ । ଏହାଦ୍ୱାରା ଯେଉଁ ଉପକାର ହୁଏ ତାହା ପୂର୍ବରୁ କୁହାଯାଇ ଅଛି । ... ... ତଦନନ୍ତର ହାଦଶପୃଷ୍ଠାପର୍ଯ୍ୟନ୍ତ ଯେ କବିତାଗୁଚ୍ଛ ଲିଖିତ ହୋଇଅଛି ; ତାହା ଗମ୍ଭୀରଶିକ୍ଷା, ଉପଦେଶରେ ପୂର୍ଣ୍ଣରହି ରଚୟିତାଙ୍କର ମନୋହାରିତ୍ୱ ଓ ସ୍ୱଦେଶବତ୍ସଲତାର ପରିଚୟ ଦେଉଅଛି । ବାସ୍ତବରେ ଏପରି ଉଚ୍ଚୋପଦେଶପୂର୍ଣ୍ଣ - କବିତା - ମହାରତ୍ନ - ହାର ଉତ୍କଳ ମାତାର ଗଳାକୁ ସୁନ୍ଦର କରିଅଛି, ଉକ୍ତ ପଦ୍ୟମାନଙ୍କର କେତେକ ଅଂଶ ନିମ୍ନରେ ଉଦ୍ଧୃତ ହେଲା :—

୧ । ଶୁଣ ହେ ସୁବନ୍ଧୁ ପୁଣ୍ୟ ନିବେଦନ,
ଜିତେନ୍ଦ୍ରିୟ ହେଲେ ସଫଳ ଜୀବନ ।

୨ । ଯତନ ନ କଲେ ଉତ୍କଳ ଲଲନା,
ଉତ୍କଳର ଦୁଃଖ ଯିବ କା ଯିବ ନା ।

୩ । ଗାଅ ଏକତାର ଜୟ, ଜାତୀୟ ଗୌରବ ଜୟ,
ଜାତୀୟ ଜୀବନଲାଗି ନାଚାଉଲ ଭୁବନେ ।

୪ । କନକ ନାଲ ରତନ, ରମ୍ୟ ଅଳଙ୍କାରମାନ,
ସୁନ୍ଦର ହୃଦୟଙ୍କେ ନୁହେ ସମାନ ।

୫ । "ସ୍ୱର କାଳ ପୁଙ୍ଖପଣ, ଅମ୍ଳାନ ମର୍ଯ୍ୟାଦା ପୌରୁଷ,
ଉଠ ୨ ବାନ୍ଧ ଅସ୍ତ୍ର ଏବେ ଜୀବନ ରଣେ" ।

୬ । "ଗରଜ ଗଠନ, ଜ୍ଞାନ ଉପାର୍ଜ୍ଜନ,
ମନ୍ତ୍ରର ସାଧନ, ଶରୀର ପତନ" ।

୭ । "ଶତ ଯୋଗିବଳ, ନୃହର ସମ୍ବଳ,
ଏକବାଣ ତେଜ ଭାରୀ ; ସୁକର୍ମର ବଳ,
ଅଟେ ମହାବଳ ତୁଅ କର୍ମ ଯୋଗଯୋଗୀ" ।

ଏହିପରି ପ୍ରତ୍ୟେକ ପାଦରେ ଭୂରସତ ଲିଖିତ ଅଛି । ଅତଃପର ଦେଶହିତୈଷୀ ଧନୀ, କବି, ଜ୍ଞାନୀମାନଙ୍କର ଗୁଣଗାନ ... ପ୍ରତିପଦ୍ୟ ବ୍ୟକ୍ତିଙ୍କ ନିକଟରେ କୃତଜ୍ଞତା ସ୍ୱୀକାର ଓ ଦେଶର ମଙ୍ଗଳନିମନ୍ତେ ପ୍ରାର୍ଥନା । ଗୁଣୀର ଗୁଣଗାନ କରିବା ଓ ଉପକାରୀଙ୍କ ନିକଟରେ କୃତଜ୍ଞ ରହିବା ଅବଶ୍ୟ ସତ୍ଶିକ୍ଷାର ଫଳ କହି ବାକୁ ହେବ । ଏ କବିତା ପାଠ କଲେ ବୋଧ ହେବ ଯେ ଯେଉଁମାନଙ୍କର ଯେ ୨ ଗୁଣର ଆଧିକ୍ୟ ଅଛି ତାହାଙ୍କର ସେହି ଗୁଣ ଛଡ଼ା ଅନ୍ୟ ଅତ୍ର ବର୍ଣ୍ଣିତ ହୋଇ ନାହିଁ । ତନ୍ମଧ୍ୟରେ ଅତ୍ୟୁକ୍ତି ନାହିଁ ବୋଲିଲେ ଚଳେ । ଏଥିରେ କାହାରି ଲେଶମାତ୍ର ନ ଥିବାରୁ ଏହା କାବ୍ୟ ନ ହୋଇ ଅବଶ୍ୟ ପ୍ରଶଂସନୀୟ । ଗୁଣୀର ଗୁଣଗାନଦ୍ୱାରା

ଏହିମାନଙ୍କ ଫଳ ହୁଏ ଯେ ଉତ୍କଳମାନେ ପ୍ରଶଂସିତ ଗୁଣର ଅନୁକରଣ କରିବାକୁ ଶିକ୍ଷା କରନ୍ତି ଏବଂ ନିଜର ଜୀବନ ତଦ୍ଦ୍ବାରା ଉଜ୍ଜ୍ୱଳ ହୁଏ । ଉତ୍କଳର ସମସ୍ତେ କଣ ସ୍ୱଦେଶ ହିତୈଷୀ ହୁଅନ୍ତି ବା ହେବେ ନାହିଁ । ହିତୈଷିମାନଙ୍କର ଗୁଣଗାନଦ୍ୱାରା ସୁଶିକ୍ଷିତ ଧନୀଗଣମାନଙ୍କ ହୃଦୟରେ ଅବଶ୍ୟ କିଛିନା କିଛି ସ୍ୱଦେଶ ହିତସାଧନ ଇଚ୍ଛା ବାଢ଼ିଉଠି ଚଳାଇ ଦେଖା ଯାଉଅଛି । ଏହା ଅବଶ୍ୟ ପ୍ରଶଂସାର କଥା । ପୂର୍ବର ଲୋକମାନେ କିଛି ବର୍ତ୍ତମାନ ସ୍ୱର୍ଗରୁ ଓହ୍ଲାଇ ଆସିବେ ନାହିଁ । ଯେଉଁମାନେ ଅଛନ୍ତି ସେମାନଙ୍କଦ୍ୱାରା ସମାଜର ଉନ୍ନତି ଆଶା କରାଯିବ ଓ ଯାଉଅଛି । ପୂର୍ବଲୋକେ ସେକାଳରେ ଯେପରି ପ୍ରଶଂସାର୍ହ ଥିଲେ; ଏକାଳରୁ ସେହି ପ୍ରଶଂସିତମାନେ ସେହି-ପରି । ସୁତରାଂ ତାହା ଦୋଷାବହ ନୁହେଁ । ଯଦ୍ୟପି ଏଥିରେ କୌଣସିଠାରେ ଅଳ୍ପ ଦୋଷ ଥାଏ ତେବେ “ହଂସୋ ହି କ୍ଷୀରମାଦତ୍ତେ, ତନ୍ମିଶ୍ରା ବର୍ଜୟତ୍ୟପଃ” ଏହି ନ୍ୟାୟଗ୍ରହଣରୁ ତାହା କରିବାରେ ଗୁଣୀଗଣର ଧର୍ତ୍ତବ୍ୟ ନୁହେଁ ।

ସ୍ଥୂଳରେ କହିବାକୁ ଗଲେ ଏହା ପୁସ୍ତକ ସରଳ, ସୁଲଳିତ ଓ ହୃଦୟଗ୍ରାହୀ ହୋଇଅଛି । ଏ ପ୍ରକାର ପୁସ୍ତକ ପ୍ରକାଶଦ୍ୱାରା ଉତ୍କଳର ଗୋଟିଏ ଅଭାବ ପୂର୍ଣ୍ଣ ହୋଇଥିବାରୁ ଉତ୍କଳ ଅବଶ୍ୟ ଗ୍ରନ୍ଥକାରଙ୍କଠାରେ ଋଣୀ । ବାସ୍ତବରେ ଉକ୍ତ ଏହାକୁ ନିଃସ୍ୱାର୍ଥଭାବରେ ପ୍ରକାଶ କରି ଅନ୍ୟବାଦାର୍ହ ହୋଇଅଛନ୍ତି । କେବଳ ଏହା ସ୍ୱଦେଶାନୁରାଗରେ ଅନୁପ୍ରାଣିତ ହେବାରୁ ଆଶା କରାଯାଉଅଛି ଯେ ଏହା ସାଧାରଣରେ ଆଦୃତ ହୋଇ ସ୍ୱକୀୟ ଉଦ୍ଦେଶ୍ୟ ସାଧନ କରିବ । ଇତି ।

	କଟକ
୬।୮।୦୩	ଶ୍ରୀ ବାସୁଦେବ ରଥଶର୍ମା
	ଗୋପୀନାଥପୁର ଶାସନ ଅଠଗଡ଼

ମୂଲ୍ୟପ୍ରାପ୍ତ ।

ଶ୍ରୀ ବାବୁ ଜଗନ୍ନାଥ ମହାପାତ୍ର	କଟକ	୫ ୦
,, ଦାମୋଦର ସାହୁ	ଉଦୟଗିରି	୫ ୦
,, ଲକ୍ଷ୍ମୀଧର ମହାନ୍ତି ଡ଼ାକ୍ତର କାଶୀପୁର ମଣ୍ଡଳ		୫ ୦
,, ବାସୁଦେବ ପଟ୍ଟନାୟକ	କଟକଣ୍ଟକପଡ଼ା	୫ ୦
,, ଜଗଦୀଶ ମିଶ୍ର	ଭୁବନେଶ୍ୱର ଭଦ୍ରକ	୫ ୨
,, ଦଧି ଦାସ	କେନ୍ଦ୍ରାପଡ଼ା ଭାଇ	୫ ୦
ଭଦ୍ରକ ପ୍ରଧାନବିଦ୍ୟାଳୟର ଲାଇବ୍ରେରୀ		୫ ୦
ଶ୍ରୀ ବାବୁ ବିଶ୍ୱନାଥ ଦେବ ...		୫୦
,, ଗୋବିନ୍ଦ ମହାନ୍ତି	ସାହାନପୁର ଖାନଖା	୫ ୦
,, କେଶବାନନ୍ଦ ପତି	ବ୍ରା ଖା ଜଗନ୍ନାଥପୁର	୫ ୦
,, ରାମଚନ୍ଦ୍ର ଶତପଥୀ କଟକଡାକଘର		[illegible]

,, ବିଶ୍ୱନାଥ ପଣ୍ଡା ପୋଷ୍ଟମାଷ୍ଟର ଜୟପୁର		୫ ୦
,, ଚନ୍ଦ୍ରଶେଖର ଦାସ	ବାଲି	୫ ୦
ମହନ୍ତ ଶ୍ରୀରାମ ଦାସ	ବଲ୍ଲଭମଠ	୫ ୦

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଆମ୍ଭେ ଗତ ଅକ୍ଟୋବର ମାସରେ କଟକ ମେଡିକେଲ ସ୍କୁଲରୁ ଫୋର୍ଥ ଇୟାରର ଏକ୍ଜାମିନେସନରେ ପାସ କରି ମେଡ଼େଲ ସହିତ ଡିପ୍ଲୋମା ପ୍ରାପ୍ତ ହୋଇଅଛୁଁ । ଆମ୍ଭେ କୌଣସିଠାରେ ଚାକିରି ନ ପାଇବା ପର୍ଯ୍ୟନ୍ତ ଏଠାରେ ପ୍ରାକ୍ଟିସ କରିବାକୁ ଇଚ୍ଛା କରୁଁ । ଅତଏବ ଯେଉଁମାନଙ୍କର ଆବଶ୍ୟକ ହେବ ଡାକିଲେ ବାଧିତ ହେବୁଁ ।

ଭୁଲଶୀପୁର	ମିସ ତାରା ସାହୁ
କଟକ	
୨୦।୮।୧୯୦୩	ଟେଷ୍ଟ ହସ୍ପିଟାଲ ଆସିଷ୍ଟାଣ୍ଟ

ଶ୍ରୀ ବ୍ୟାସ ମହାମୁନିଙ୍କ କୃତ ସଟୀକ ଗୀତାପଞ୍ଚାଧ୍ୟାୟ— ସ୍ୱର୍ଗ ପଣ୍ଡିତଙ୍କ ପ୍ରୀତ୍ୟର୍ଥ ଶ୍ରୀ ଚଇତନ୍ୟ ଦେବ ଶର୍ମାଙ୍କ କୃତ ଅର୍ଥାନୁବାଦ ଓ ଭାବବ୍ୟାଖ୍ୟା ଏବଂ ଶ୍ରୀଧର ସ୍ୱାମୀଙ୍କ ଟୀକା ସହିତ ପ୍ରଥମବାର ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂମାନଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ଏହି ମନୋମୁଗ୍ଧକାରୀ ଗ୍ରନ୍ଥର ବିଶେଷ ପରିଚୟ ଦେବା ଅନାବଶ୍ୟକ ପାଠକ ଏଥିରୁ ଖଣ୍ଡିଏ କିଣି ପାଠ କଲେ ସବିଶେଷ ଜାଣିପାରିବେ । ବିଶେଷ କହିବା ବାହୁଲ୍ୟ ।

ଏ ପୁସ୍ତକର ମୂଲ୍ୟ ଶ୍ରୀ ୧ ଶ୍ରଦ୍ଧ ୧୦ ।୫
ଭିଗମାଣ୍ଡଲ ଟ ୦ ।୬

କଟକ	
୧୫।୮।୧୯୦୩	ଶ୍ରୀ ଚତୁର୍ଭୁଜ ଦାସ

ନୂତନ ! ନୂତନ ! ନୂତନ
“ ଜଗନ୍ନାଥ ମୂର୍ତ୍ତି ”

ମୂଲ୍ୟ ଟ ୨ ମୂଲ୍ୟ ଟ ୨

ଭାରତବାସୀଙ୍କର ଯୋଗ୍ୟତର ଏହି ମୂର୍ତ୍ତି ଦେଖିବାକୁ ଗୋଟିଏ ସୁନ୍ଦର ଫୁଲଗଛ ପରି । ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଲାଗି ଏହାର ଚତୁର୍ଦ୍ଦିଗରେ ନାନାଦି ରଙ୍ଗର ସାଜ ଏହା ହୋଇ ଉଜ୍ଜ୍ୱଳ ପ୍ରକାଶ ପାଉଅଛି । ଏହା ଶାନ୍ତି ରଙ୍ଗର ସମାଗମରେ ନିର୍ମିତ । ଏହା ପରି ବାହାରେ ... ଆଜିଯାଏ ଏକର ବୋଧହେବା ଅନୁମାନର ପରରେ ମୁଦ୍ରିତ

ଅଛେ । ଏହାର ରଙ୍ଗ ଓ ଉଜ୍ଜ୍ୱଳତା ସମ୍ବନ୍ଧରେ ଆମ୍ଭେମାନେ କିଛିସ୍ କହୁଅଛୁଁ କି ଗ୍ରାହକମାନେ ପୁରୁଷ ଖୁଡ଼ାନୁଦର୍ଶନ ଏହାକୁ ବ୍ୟବହାର କଲେ ନିଜ କଥା ଜାଣିଲେ ଏହାର ରଙ୍ଗ ବା ଦେଖି ନଷ୍ଟ ହୁଏ ନାହିଁ । ଯଦି ଦେବାରୁ ରଙ୍ଗ ମଳିନ ହୋଇଯାଏ ତେବେ ହିଂସ୍ର ଉକ୍ତ ଖଣ୍ଡ ଶୁଣିରେ ମାଜ ଦେଲେ ପୁଣି ଉଜ୍ଜ୍ୱଳ ହୋଇ ଯିବ । ଲୋକେ ମନେ କରିବେ ଏହି ଅଙ୍ଗୁଳିର ମୂଲ୍ୟ ଟ ୨୦୦୦ କା ।

ଏହାର ବାସ୍ତବିକ ମୂଲ୍ୟ ଟ ୨ ଙ୍କା ମାତ୍ର । ଏହି ଭଳି ବା ଗୋଟି୪ଙ୍କ ଲୁ ଟ ୨୪ ଙ୍କା । କେହି ଏହା ଥରେ ଏହି ଭଳି କିଣିଲେ ବଜାର ମୂଲ୍ୟରେ ଶୁଣ ପାରି ଗୋଟିଏ “ଉଷ୍ଣଲେଟ୍ ଓୟାଚ” ଅର୍ଥାତ୍ ହାତ ପର ହାତରେ ପିନ୍ଧିବାର ଘଣ୍ଟା ପାଇବେ । ଅଧି ତତୋଧିକ ଖରିଦଦାର ବଜାରମୂଲ୍ୟରେ ଲଭିଲର ଗୋଟିଏ ଓୟାଚ୍ ଫେସ୍ ବଜାଇବାର ସୁନ୍ଦରତା ଓ ଗୋଟିଏ ଟେବଲ ପୁରସ୍କାର ସ୍ୱରୂପ ପାଇବେ ।

ଜଳବାୟୁ ଘଡ଼ି ଯନ୍ତ୍ର

ଏହି ଜବାନ୍ତ ସୁନ୍ଦର ବଡ଼ଠଳ ଘଡି ଡେଙ୍ଗ ଭୂଷଣ ଓ ସମ୍ପ୍ରତି ଉପଯୁକ୍ତ ସ୍ୱରୂପ ଦୁଇଗୋଟି କାର୍ଯ୍ୟ ସାଧନ କରେ । ଗୃହଭିତରଦ୍ୟାସ କରିବା ଲାଗିଲେ ଭୁଆର ଦକ୍ଷିଣ ଦୋଳାଳାଇ ଅଧାର ମଧ୍ୟରେ ଭଲ ଖୁଲିଲେ ଦେଲେ ଏହାର ସମ୍ମୁଖ ଭାଗରେ ଗୋଟିଏ ସ୍ତ୍ରୀ ଅର୍ଦ୍ଧ ମୂର୍ତ୍ତି ଦେଖାଇ ବାହାର ହେଲେ ଅଷ୍ଟିଠାରୁ ଥାଏ ।

ମୂଲ୍ୟ ଟ ୩ ଙ୍କା

ସେହିପରି ଗୋଟିଏ ସ୍ତ୍ରୀ ସିକାର ବଳାଉଥିବା ଘଡିର ମୂଲ୍ୟ ଟ ୩ ଙ୍କା

ଗ୍ରାହକମାନଙ୍କୁ ଇଂରାଜୀରେ ଠିକ୍ ଓ ପରିଷ୍କାର ପଠାଇବାକୁ ପ୍ରାର୍ଥନା କରୁଅଛୁଁ । ନାମ ଠିକଣା କରି ଲେଖିବା ହେବେ । ଭି, ପିରେ ଜିନିଷ ପଠାଉଛୁ ମଧ୍ୟ ଡାକମାସୁଲ ଭି, ପି, କମିଶନ ଖରଚ ପୃଥକ ଦେବାକୁ ହେବ ।

J. FRANK & Co.

ଓୟାଚମେକର ଏବଂ ଯୁଏଲର୍ସ

... ନଂ ... ଷ୍ଟ୍ରିଟ୍ ... କଲିକତା

Digitized by srujanika@gmail.com

ବିଜ୍ଞାପନ ।

J. KIPPAX & Co.'s

PREPARATIONS.

ଯେ, କିପାକ୍ସ ଏଣ୍ଡ କୋମ୍ପାନିର

ଔଷଧ ।

ଜ୍ୱରନାଶକ ବଟିକା—ଏହା ଚୋଷ୍ଟବଦ୍ଧ ସବୁ ସର୍ବପ୍ରକାର ନୂତନ ଓ ପୁରାତନ ମାଲେରିୟା ଜ୍ୱର, ପ୍ଲୀହା ଓ ଯକୃତ ସଂଯୁକ୍ତ ଜ୍ୱର ଓ ଅନ୍ୟ ପ୍ରକାର ଜ୍ୱରର ଅବ୍ୟର୍ଥ ଓ ଆଶୁ ଫଳପ୍ରଦ ମହୌଷଧ । ଏହା କୁଇନାଇନର ଦୋଷ ନଷ୍ଟ କରେ । ଜ୍ୱର ଥିବା ଓ ନ ଥିବା ଉଭୟ କାଳରେ ଏହି ଔଷଧ ସେବନ କରଯାଏ ।

୧୫ ଗୋଟି ବଟିକା ପରିପୂର୍ଣ୍ଣ ଗୋଟିଏ କୌଟାର ମୂଲ୍ୟ ଟ ୧୯

କଫ ଲେକେଞ୍ଜେସ ବା ମିଠାଇ—ଏହା ସର୍ବପ୍ରକାରକଫ ଓ କାଶ ରୋଗର ପ୍ରଧାନ ଔଷଧ

୧୬ ଗୋଟି ବଟିକାପୂର୍ଣ୍ଣ ଏକଶିଶିର ମୂଲ୍ୟ ଟ ୦ ୫

ଶ୍ୱାସ ରୋଗର ଔଷଧ—କିଛିକାଳ ଏହି ଔଷଧ କ୍ରମାଗତ ନିୟମିତରୂପେ ବ୍ୟବହାର କଲେ ଶ୍ୱାସରୋଗ ଏକାବେଳେ ଆରୋଗ୍ୟ ହୁଏ । ଆଉ କେବେ ହୁଏ ନାହିଁ ।

ଗୋଟିଏ ଶିଶିର ମୂଲ୍ୟ ଟ ୧ ।

ପର୍ଗେଟିଭଲର୍ଡି ଫ୍ରୁଟ—ଏହା କୋଷ୍ଠ ପରିଷ୍କାରର ଔଷଧ । ସର୍ବଦା ଅଥବା କେବେ କୋଷ୍ଠ ପରିଷ୍କାର ନ ହେବା ଓ ଅର୍ଶ ରୋଗରେ ଏହା ପରମ ଉପକାରୀ ଅଟେ । ଅନ୍ୟ ବିରେଚକ ପରି ଏହା ବ୍ୟବହାର ଉତ୍ତାରେ ଦସ୍ତ ହେବାକୁ ହୁଅଇ ନାହିଁ ।

୧୦ ଗୋଟି ଫ୍ରୁଟ୍ ବା ଫଳପୂର୍ଣ୍ଣ ଗୋଟିଏ କୌଟାର ମୂଲ୍ୟ ଟ ୧୯

ଉପରଲିଖିତ ଏବଂ ଅନ୍ୟାନ୍ୟ ଔଷଧର ବିସ୍ତାରିତ ତାଲିକା କିମ୍ବା ସ୍ୱାସ୍ଥ୍ୟଦାରଙ୍କୁ ପ୍ରାର୍ଥନା କଲେ ପ୍ରାପ୍ତ ହେବ ।

ଈଶ୍ୱରଚନ୍ଦ୍ର ଗୁପ୍ତ କମ୍ପାନି
ନଂ ୧୬୭ ନମ୍ବର ଧରମତଲା ଷ୍ଟ୍ରିଟ, ନଂ ୧ ନମ୍ବର
ନିଉ ମାରକେଟ ଏବଂ ନ ୫୧ ନମ୍ବର
ଓଲ୍ଡ କୋର୍ଟହାଉସ ଷ୍ଟ୍ରିଟ କଲିକତା ।

ଡାକ୍ତର ମେଜର ସାହେବଙ୍କ ଆବିଷ୍କୃତ, ବହୁବର୍ଷ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଅପୂର୍ବଗୁଣ ! ପ୍ରତ୍ୟକ୍ଷଫଳ;

ଚଳିତ୍ତା ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବୃଦ୍ଧାପି, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୁରଲଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତହୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ର ଦେଓ ତେଢ଼ାଖୋଲରୁ ଲେଖିଅଛନ୍ତି—"※※※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଜନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନିଷ୍ଟ ପକାଇ ଦେଲା ସେଥିରେ ପାରଦ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉର ୩ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ବଉଦର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର ହେଉ ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

... ଏସ୍ ବୋମ୍ପାନି କଲିକତା, ଧନ୍ୟ ତୋମାର !

Digitized by srujanika@gmail.com

Split by PDF Splitter

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ ସେହି

" ଇଲେକ୍‌ଟ୍ରୋ ସାଲସା "

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଅନୁମତ୍ୟନୁସାରେ ରେଜିଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ । ବିଶେଷ ପ୍ରଶଂସିତ !!!

ଶୁଦ୍ଧ ଓ ଅକୃତ୍ରିମ ।

ଅନ୍ୟ ଯାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡାକ୍ତରଙ୍କ ପ୍ରସ୍ତୁତ କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥବା ଯାହାଙ୍କୁ ଘୋରଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା—ନିଜ ଗୁଣରେ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା:—ପ୍ରତ୍ୟହ ଯେଉଁପରି ହଜାର ହଜାର ବିକ୍ରି ହେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା:—ଜଗଦ୍ବିଖ୍ୟାତ ଡାକ୍ତର ମେଜର ସାହେବଙ୍କ ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ଶକ୍ତି ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅତ୍ୟାଶ୍ଚର୍ଯ୍ୟ କାର୍ଯ୍ୟକାରିତା ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଦମନ କରିଦିଏ । ୨୪ ଘଣ୍ଟା ସେବନ ମାତ୍ରେ ରୋଗୋପଶମ ସ୍ପଷ୍ଟରୂପେ ଅନୁଭବ କରାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ ନବ ଉତ୍ସାହ ଓ ନବ ଜୀବନର ସ୍ଥାପନ କରେ ।

ବୈଜ୍ଞାନିକ ଆଲୋଚନା ବଳ କାର୍ଯ୍ୟ ପୁଣି ଫଳ ଅଶେଷ ।

ଇଲେକ୍‌ଟ୍ରୋ ସାଲସା:—ବ୍ୟାଙ୍କ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଗେଜେଟରେ ପ୍ରଚଳିତ ଓ ବର୍ଣ୍ଣିତ ହୋଇଥିବା ସ୍ୱଦେଶୀ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଙ୍କ ତୁଳନା ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗଙ୍କୁ ଚାପି ରଖେ ନାହିଁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ, କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳରେ ଏହା ପ୍ରମାଣିତ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟ କାରିତା ଗୁଣ ଥିବାରୁହିଁ ଏହି ଅଳ୍ପ କାଳ ମଧ୍ୟରେ ଏହି ଔଷଧ ଭାରତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି, ଯେଉଁଠାରୁ ଅନେକ ଔଷଧ ବିଲୁପ୍ତ ହେଉଅଛି ସେଠା ଅଧିବାସୀମାନେ " ଇଲେକ୍‌ଟ୍ରୋ ସାଲସାର " ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ଦାତବ୍ୟ ଚିକିତ୍ସାଳୟରେ ଉପଯୁକ୍ତ ରୋଗିଙ୍କ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିୟା, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସଦୃଶ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ପ୍ରତିକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଏକାଧାରରେ ଏତେ ଅଧିକଗୁଣସମ୍ପନ୍ନ ଔଷଧ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା-ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, ଗଣ୍ଠିବାତ, ଅସ୍ଥି କିମ୍ବା ସନ୍ଧିର ଫୁଲିବା ଉଠିବା, କୁଷ୍ଠ ଅଣ, କୁଲ ଗରମି ଓ ପାରଦ ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପାଦତଳରେ ପାଣ୍ଡୁ ଲକ୍ଷଣର ଚିହ୍ନା ବା କଳାଦାଗ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି କିମ୍ବା ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ଚର୍ମର କଣ୍ଡୁୟନ ଘାଆଦି ପୁଣି ପାଗ ଓ କରମି ଜନିତ ଇତ୍ୟାଦି ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୁର୍ବଳ ଶୁକ୍ର ଗାଢ଼ କରିବାକୁ ସ୍ୱପ୍ନଦୋଷ ମେହ ଦୂର କରିବାକୁ—ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହ ବାଟେ ପ୍ରସ୍ରାବ ହେବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ଆଗରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ. ଜନ୍ମ ମଇଥୁନରେ ଶାରୀରିକ କାର୍ଯ୍ୟ ଜର୍ଜରିତ ବସ୍ତୁମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ନାୟବିକ ଦୁର୍ବଳତା, ମୂତ୍ର ଧରିରଖିବା, ଚକ୍ଷୁର ଅସ୍ଥିରତା, କାର୍ଯ୍ୟକରିବାକୁ ଅଶ୍ରଦ୍ଧା, ଚଳିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା:—ର ଗୁଣାବଳୀ ପ୍ରମାଣ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ । ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜର୍ଜରିତ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର କଠିନ ନିୟମର ବନ୍ଧନ ନାହିଁ । ସୁସ୍ଥ ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରିପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

" ଇଲେକ୍‌ଟ୍ରୋ ସାଲସା " ହିଁ କେବଳ ପ୍ରକୃତ ଔଷଧ । ଯେହେତୁ କୌଣସି ରୋଗୀଙ୍କୁ ଅକୃତକାର୍ଯ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପ୍ରତ୍ୟହ ଆମକୁ ପ୍ରାପ୍ତ ହେଉଅଛି । ଶୀଘ୍ର ପ୍ରମାଣିତ ଓ ନିରୂପିତ ହେବା ପ୍ରତ୍ୟେକ ସାଧାରଣ ଜାଣିପାରିବେ

ମୂଲ୍ୟ ପ୍ରତି ଶିଶି ଟ ୨୧ ·ଶିଶି ଟ ୫॥

୬ଶିଶି ଟ ୧୦ ଡାକ ଟ ୨୦

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ଔଷଧ ;—ଅନୁମତି—ଡାକ୍ତର ମେଜର, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ବିଲାତ ଅନୁମତି । ସ୍ୱୟଂ କର୍ଣ୍ଣଲ ହେମାଙ୍ଗ ଏନ୍‌କେ ଓ ସ୍ୱାମୀ—'କଲିକତା, ଭେଷଜ ଏଣ୍ଡ କୋମ୍ପାନୀ, ୨ କଲିକତା,

Digitized by srujanika@gmail.com

Split by PDF Splitter

ବିଜ୍ଞାପନ।

ଅନ୍ୟ ଡାକ୍ତରଙ୍କ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ।

ଚିକିତ୍ସା ଜଗତର ନୂତନ ଆବିଷ୍କାର!   **ଡ୍ୟାନଜୀନ।**   ହତାଶ ପ୍ରାଣର ଏକମାତ୍ର ଆଶା!!

DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ ପ୍ରସିଦ୍ଧ, ଅତ୍ୟାଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ମେହ—

ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟ, ସାଙ୍ଘାତିକ ବହୁମୂତ୍ର, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଭାଗ୍ୟ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା। ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବଲ ଲତା ଓ ଗୁଳ୍ମ କର୍ଯ୍ୟାସ ସହିତ ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅଯୁରଣ, [illegible] ଓ ଗ୍ଲିସିରିନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନକାର ପ୍ରକ୍ରିୟାର ପରିଷ୍କାରକର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି। ଯେବେ ତୁମେ ମନେ କରଥାଅ ତୁମର ରୋଗ ଅସାଧ୍ୟ ଯଦି ତୁମର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ। ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ। ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ [illegible] ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ!!! ଅନେକଙ୍କର ଧାରଣା ଅଛି ପାପ ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ। କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ଧାରଣା "ଡ୍ୟାନଜୀନ" ଏକାବେଳେ ଦୂରୀଭୂତ କରିଦେଇଅଛି ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ତାହା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ। ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ। ଡ୍ୟାନଜୀନର ଗୁଣ ପ୍ରାପ୍ତି [illegible]

ଡ୍ୟାନଜୀନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍କାରୀ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂସ୍ରବ ନାହିଁ ତଥାପି ଏହାର ଏକ ଅତ୍ୟାଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରକୁ ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସଦ୍ଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଲ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି। ସେଥି ନିମନ୍ତେ ଏହା ଜଗତର ବନ୍ଧୁ ଓ ଘର ଦେବତା ଜାଣ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ?

୧। ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨। ଗରମୀ ଓ ପାରଦ ଘଟିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩। ବାତ ସମ୍ବନ୍ଧୀୟ ପୀଡ଼ା।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୂତ୍ରମୂଳ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାରି ଦେବା। ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କର, ମୂତ୍ରକୃଚ୍ଛ୍ର, ଶୁଷ୍କସେ କ୍ଷୀଣ, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି। ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା।— ଗରମୀ ଓ ତଜ୍ଜନିତ ପାରଦ ବ୍ୟବହାର ପ୍ରଯୁକ୍ତ ସନ୍ଧିଗଣ୍ଠି ବା ଦେହରେ ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଝଡ଼ିପଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ଫୋଟକା, [illegible] ଖାଜିର, ଭଗନ୍ଦର, ନାଳୀ ଘାଏ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି। ବାତ ସମ୍ବନ୍ଧୀୟ ପୀଡ଼ା।—ଗଣ୍ଠିରେ ବେଦନା ସମସ୍ତ [illegible] କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରେ ଦୈନିକ ଏକ [illegible] ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ।

ମୂଲ୍ୟ ପ୍ରତି ବୋତଲ ଟ ୧।, ୩ବୋତଲ ଟ ୩।୦, ୬ବୋତଲ ଟ ୭। ଓ ୧୨ବୋତଲ ଟ ୧୪। ପ୍ୟାକିଂ ୧ ଠାରୁ ୨ବୋତଲ ଟ ୦।୵ ଅଣା, ୪ ଠାରୁ ୧୨ବୋତଲ ଟ ୦।୷ ଅଣା।

L. B. G. & Co. Calcutta Registered Telegraphic address "DANZIN" CALCUTTA.

ସୋଲ ଏଜେଣ୍ଟ—ଲଣ୍ଡନ, କର୍ମୀ, ସଲେନ, ଅଲ, ବ, ଜ, ଏଣ୍ଡ କୋଂ କଲିକତା

---

୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ହାନିକାରକ ଦ୍ରବ୍ୟ ନାହିଁ। ମୂଲ୍ୟ ପ୍ରତି କୌଟା ଟ ୦।୵ ଡଜନ ଟ ୨।୵ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦।୷

ଡାକ୍ତର ମାର୍ଟିନଙ୍କର "ଅପ୍ରେଷ ମେଷ"।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ।

ମୂଲ୍ୟ ପ୍ରତି କୌଟା ଟ ୧।୦ ଡଜନ ଟ ୧୦।୧ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦।୷

ଏଜେଣ୍ଟସ—ଅଲ, ବ, ଜ ଏଣ୍ଡ କୋଂ କଲିକତା

Digitized by srujanika@gmail.com

ବିଜ୍ଞାପନ ।

ଜାହ୍ନି ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେଉଁ ବହୁ ଦୁର୍ଦ୍ଦମ୍ୟ ହଠିଲ ଜାହ୍ନି ଦେଉଛନ୍ତି ସେମାନଙ୍କ ଏ ଔଷଧ ଦିନ୍ତରେ ଲଗିବା ମାତ୍ର ସତ୍ୟ ସତ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ବିଜା ନିଶ୍ଚୟ ଦୁଇଦିନ ମଧ୍ୟରେ ହରିଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ଦିଆଯାଏ ।

ମୂଲ୍ୟ ପ୍ରତି ଡବା ଟ ୦ ୫ ଅଣାମାତ୍ର ।

ଯେଉଁମାନଙ୍କର ସେମନ୍ତ ସାହୁ ରୋଗ ହେଉ ପଡ଼ିବ ଜଳାତଙ୍କ ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ସାହୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ଉତ୍କଳରେ ଏପ୍ରକାର ଅର୍ଥ୍ୟେ ଜନକ ମହୌଷଧ ଆଉ ଦ୍ୱିତୀୟ ବାହାର ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରଜା, ମହାରଜା, ଜମିଦାର, ହାକିମ ପ୍ରଭୃତିଙ୍କଠାରୁ ନିଜାନ୍ତ ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଅରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହୋଇଅଛନ୍ତି । ଅନେକ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ସାହୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର ।

ଏକତ୍ରରେ ଦେଢ଼ ଡ ବା ବାର ଗୋଟି ଡବା ନ ନେଲେ ଅଧିକ କେଲେ ବିଶେଷ ସୁବିଧା ଦିଆଯାଏ । ସମସ୍ତେ ଆପଣା ନାମ, ଆଉ ଠିକଣାର ଜିଲା ଭିନ୍ନ ରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୮।୦୮   ଶ୍ରୀ ଧନଞ୍ଜୟ ସେନ ।

ଦେବ ଉତ୍କଳପ୍ରେସ, ବାଲେଶ୍ୱର ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL

Agent Cuttack.

ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

ଅନେକ ପରିଚିତ ଯୁଗେ

ଉତ୍କଳ ଜନକର୍ତ୍ତୃ ଭଗ ଜନକଙ୍କର ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଉଚିତ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ବର୍ଣ୍ଣନ କରି ପତ୍ର ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ସର୍ବସୁଲଭଜ୍ୱରାଦି ନାଶକ ଚୂର୍ଣ୍ଣ ।

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜୀବନ ରକ୍ଷାକ ଔଷଧ ଅନୁପାନ ଭେଦରେ ପ୍ରୟୋଗ କଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୂଳରୋଗ, ସ୍ନାୟୁଦୋଷ, ମେହ ଆଦି ବାୟୁଜ୍ୱର, କାଶ, ଶ୍ୱାସ, କୃମି, ଶାନ୍ତ ଏବ ଦୁର୍ବଳତାର ପ୍ରାୟ ସମସ୍ତ ପୀଡ଼ା, ଉକ୍ତ ବ୍ୟାଧି ଅଟେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଇତ୍ୟାଦି ରୋଗଙ୍କର ସବୁ ଶୀଘ୍ର ନିବାରଣ ହୁଏ । ଅତ୍ୟନ୍ତ ଅଧିକ ଚିନ୍ତା ଆଉର ଦୌର୍ବଲ୍ୟ ଶାରୀରିକ ବା ମାନସିକ ଅବସନ୍ନତାର ଶାନ୍ତିକାରକ [illegible]

ଚକ୍ଷୁରେ ନେତ୍ରାଭିଷ୍ୟନ୍ଦ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି ଜ୍ୱର ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୫ ।

ଲ ୧ ର ୪ ୨୫

ଶ୍ରୀ କୃଷ୍ଣ ବଟିକା ।

ଏହି ଔଷଧ ସର୍ଦ୍ଦିସ୍ତମ୍ଭଧାରରେ ଏକ ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ସର୍ଦ୍ଦି ସ୍ତବ୍ଧତା ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ଉପଯୁକ୍ତ ଫଳଲାଭ କରି ପାରିବେ ଏବଂ ଯାବତୀୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅନ୍ତମୂଳ ଜାଣୁଥିଲେ । ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୫ ମାତ୍ର ।

ବାଲ୍ୟଜୀବନରସାୟନ ।

(ଦେଶୀୟ ଆଳସା)

ଏଥିରେ ଉପଦଂଶ (ଗରମି) ପାରା ଦୋଷଜନିତ ଶରୀରରେ ଦଗ୍ଧ ଚର୍ମ ଘାଆ ଶ୍ୱେତକୋଷ୍ଠି ଓ [illegible] ପ୍ରଭୃତି ବସ୍ତୁ ଅବ୍ୟର୍ଥ ହୁଏ । ଅଧିକନ୍ତୁ ଇନ୍ଦ୍ରି ପରିଷ୍କାର କରି ଶରୀରର ପୁଷ୍ଟି [illegible] କରେ ଏହା ସମସ୍ତ ଋତୁରେ ବ୍ୟବହାର [illegible]

ଏକ ଶିଶିର ମୂଲ୍ୟ ଟ ୧୮ ମାତ୍ର ।

ଏକବେଳେ ଛଅଟି ଶିଶି ନେଲେ ଟ ୫୧ ଙ୍କା [illegible]

ଚୌଧୁରୀ ବଜାର	}	ଶ୍ରୀ ଉଦୟ ଭଗ [illegible]
		ଅନ୍ନପୂର୍ଣ୍ଣା
କଟକ	}	ଆୟୁର୍ବେଦୀୟ ଔଷଧାଳୟ

ଉତ୍କଳ ଦୀପିକାର ବିଜ୍ଞାପନ ଛାପିବାର ନିମିତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ସମ୍ପୂର୍ଣ୍ଣ ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ୵
ଷଷ୍ଠସ୍ତମ୍ଭ	୫ ୬ ୧
ପୃଷ୍ଠା ଏକ ସ୍ତମ୍ଭକୁ	ଟ ୩୧

ମାତ୍ର ଦୋଷଣରେ ଘଟନାରେ ଯେଉଁ ବିନ୍ଦୁମାନଙ୍କର ନିକଟ ଭିତରୁ ତୀର୍ଥ ୨୦ ୫ ଗାଲି ଲାଗ ଦେଇ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହା ପ୍ରଥମ ଅଟନ ହେବ ଓ ତୁଲନା ଲଥାନ୍ତରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପ୍ରଦାନ କରିବାକୁ ହେବ ।

[illegible]

Split by PDF Splitter
Digitized by srujanika@gmail.com

[RE]GISTERED No. C 81

343

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

THE UTKAL DIPIKA.

ଖ ୩୮ ଶ | CUTTACK, SATURDAY THE 29th August 1903. | ଅଗ୍ରିମ ୨ ୩୯
ସ ୩୫ ସଂ | ଶ ୧୪ ଠ ଭାଦ୍ର ସନ ୧୩୧୦ ସାଲ ଶନିବାର | ପଶ୍ଚାଦ୍ଦେୟ ୨ ୬୯

WANTED

An additional teacher on Rs. 40 per mensem, strong in English and History, having experience in teaching, to take up the higher classes of the Khurda H. E. School (Puri). Preference will be given to a graduate who guarantees to stick to the post for 3 years. Applications with testimonials should reach the secretary on or before the 15th September.

Khurda, 26-8-03 — Sd. J. E. F. PEREIRA, *Secretary.*

WANTED

A Tahasil Amin for the Kothadesh Khasmahals on a salary of Rs. 20 a month. Applications with testimonials will be received by the undersigned up to the 15th September next. Preference will be given to one, who has experience in accounts, survey and settlement works. The candidate must be ready to furnish security of Rs. 200 in cash.

Dated Nimapara The 24th August 1903. — G. S. Mahanty, *Tahasildar*

NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

Oriya Alphabet and Spelling Book. For Infant Class and Standard I ...	As. 1
Oriya L. P. Science Reader	,, 3
Oriya L. P Arithmetic ...	,, 4
Oriya U. P. Science Reader	,, 4
Oriya U. P. History Reader (Bengal) ...	,, 3
Oriya U. P. Geography Reader	,, 3
Oriya U. P and Middle Vernacular Arithmetic ...	,, 8
Oriya U. P. Literature Book	,, 3
Oriya U. P. and M. V. Practical Geometry and Mensuration	,, 4
Oriya M. V. Science Reader	7
Oriya M. V. History Reader	,, 4
Oriya M. V. Literature Book	,, 6
Oriental Drawing Books 1&2	As. 4 each
Do. 3 and 4 ...	As 3
Macmillan's "Official" Copy Books Nos. 1, 2, 3, 4, 6, 8, 10, 12,	5 pice
Arnold's Civil Service Copy Books Nos. 1, 2, 3, 4, 4a, 5,	5 pice
"O. M. P." Blank Drawing Books As. 1 & As.	1 6
Senior Teachers' Manual	,, 12 0
Junior Teachers' Manual	,, 10 0
Dr. Sircars English Reader I.	4 0
Do. Do. II.	5 0
Simple English Reader (Dhar)	6 0

C.L.S. School Books as follows:—

Senior Teacher's Manual	As. 12 0
Grammatical Primer	,, 2 0
Manual of English Grammar	,, 6 0
1st Standard English Book	,, 1 6
New English First Reader	,, 4 0
Do. Second ,,	,, 6 0
Do. Third ,,	,, 8 0
Do. Fourth ,,	,, 10 0
Do. Fifth ,,	,, 12 0
Do. Sixth ,,	,, 12 0

Discount allowed to Booksellers and Schools. Buyers will find it to their advantage to buy direct from the Orissa Mission Press.

For any of these books apply to:—

R. J. GRUNDY.
Supt. Orissa Mission Press,
CUTTACK.

NOTICE.

Is hereby given that the Commissioner's old office building and the connected buildings as they stand, will be sold. The purchaser should remove them and clear the site within two months from date of order.

Intending purchasers should submit their offers to the undersigned up to 1st September.

The undersigned does not bind himself to accept the highest, or any offer.

Cuttack Dated 7-8-03. — F. A. A. COWLEY, Executive Engineer Mahanadi Division.

Split by PDF Splitter

Digitized by srujanika@gmail.com

NOTICE.

Wanted a Temporary Clerk to arrange English records of my office for 6 months on a salary of Rs. 15 per month. None need apply who has not acquired a thorough knowledge in English and has no experience in office work and in classification of English Records. Applications to be received by the undersigned up to the 25th instant.

Baramba Manager's office
The 10th August 1903
M. M. Patnaik
Manager

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉ-ଅଛି ଯେ କଟକ ମ୍ୟୁନିସିପାଲିଟୀ ବଡ଼ା ଓ ଯୁବଲି କରିଷ୍ଣ ମଧ୍ୟରେ ଯେଉଁ ବ୍ୟକ୍ତିମାନେ ଅପଣା ଘୋଡ଼ା ଚରାଇବାକୁ ଇଚ୍ଛା କରୁଥିବେ ସେମାନେ କଟକ ମ୍ୟୁନିସିପାଲ ଅଫିସରେ ସେକ୍ରେଟାରୀଙ୍କ ନିକଟରେ ପ୍ରତ୍ୟେକ ଘୋଡ଼ାକୁ ମାସିକ ମୂଲ୍ୟ ୮ ୦ ଅଣା ଓ ପ୍ରତ୍ୟେକ ବାଛୁରୀକୁ ତିନି-ଅଣା ହିସାବରେ ଅଗ୍ରୀମ ଦାଖଲ କରି ଅପଣା ଘୋଡ଼ାଗୁଡ଼ିକଙ୍କୁ ସଙ୍ଗରେ ନେଇ ପଠାଇବେ । ଏକ ମାସରୁ ଊଣା ସମୟ ସକାଶେ ମଧ୍ୟ ପୂର୍ବ-ରେଟ ନିଆ ଯିବ ।

ପ୍ରକାଶ ଥାଉ କି ଯେଉଁ ଲୋକମାନେ ଘୋଡ଼ା ଚରା-ଇବା ଟଙ୍କା ଦାଖଲ ନ କରି ଉକ୍ତ ଜଗାରେ ଚରାଇବେ ତାହାର ଘୋଡ଼ାକୁ ଅଟକ ରଖାଯିବ ଓ ଜରିମାନା ନିଆଯିବ ।

28-8-03
Ramsankar Roy
Vice Chairman
Cuttack.

ବିଜ୍ଞାପନ ।

ଉତ୍କଳସାହିତ୍ୟ-ସମାଜ

ଦ୍ୱିତୀୟ ଅଧିବେଶନ ।

ସଭାପତି—ଶ୍ରୀଯୁକ୍ତ ମଧୁସୂଦନ ଦାସ ବି, ଏ,
ବିଷୟ —ପ୍ରାଚୀନ ଓଡ଼ିଆଭାଷା ଓ ସାହିତ୍ୟ
ସ୍ଥାନ —କଟକ ଟ୍ରେନିଂସ୍କୁଲ
ସମୟ —ଅଗଷ୍ଟ ତା ୨୯ ଖ ଶନିବାର ସନ୍ଧ୍ୟା ୬½ ଘଣ୍ଟା

ସଭ୍ୟ ଓ ସାହିତ୍ୟାନୁରାଗୀ ଭଦ୍ରମହୋଦୟଙ୍କର ଉପସ୍ଥିତି ପ୍ରାର୍ଥନୀୟ ।

୨୫।୮।୧୯୦୩ } ଶ୍ରୀ ବିଶ୍ୱନାଥ କର
ସମ୍ପାଦକ

NOTICE.

ପାଲଲହଡ଼ା ରାଜ୍ୟ ଅନ୍ତର୍ଗତ ବହୁଦେଶ ବନ ଖଣ୍ଡରେ ବର୍ତ୍ତମାନ ଅମାରକୁ ତଳତ ବର୍ଷରେ ଉକ୍ତ ବନ ହଜାର ଟଙ୍କାର ଧାନ ବିକ୍ରି ହେବ । ଧାନ ଯେ ଲୋକଙ୍କୁ ପାଞ୍ଚପାଣିଆ ଗୌଣିରେ ୫୮ ୯ ଙ୍କା ପଡ଼ିବ । ଯାହାର କିଣିବାର ଇଚ୍ଛା ସେ ଅନ୍ତ ଅଗଷ୍ଟରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ଦରଖାସ୍ତ କରନ୍ତୁ । ଧାନ ବ୍ରାହ୍ମଣୀ ନଦୀରେ ଅବସ୍ଥା ଉଦମ୍ଭାରାଖ ପର୍ଯ୍ୟନ୍ତ ଗୌଣିବନ୍ଧକୁ ସହଜରେ ଡଙ୍ଗାଦ୍ୱାରା ଯାଇପାରେ ।

Manager's office
Pal Lahara
24—8—03.
M. YUSUF.
Offy. manager
Pal Lahara State.

ଚମତ୍କାର ସଉଦା !

ବିଲାତିଆର ବୃତ୍ତାନ୍ତ ।

ପୃଥିବୀରେ ଅପୂର୍ବ ବ୍ୟାପାର

ଅମ୍ଭମାନଙ୍କର ଦୁର୍ଗାପୂଜାର ଦୋକାନ ଖୋଲିବା ପାଇଁ

କେବଳ ୫ ୧୯ ଙ୍କା ମୂଲ୍ୟରେ ଛାଡ଼ୁ ।

ଗୋଟିଏ ଘଣ୍ଟା (ବିଙ୍ଗ ଘିର ପାକେଟ) ଚେନ୍ ଓ ଲକେଟ୍ ସହିତ, ଗୋଟିଏ କେମିକେଲ ସୁନାର ମୁଦି, ଏକ ଯୋଡ଼ି ବେଲଜିୟମ ଚଶମା ଏକ ବାର୍ଲ ରୁମାଲ ଓ ଏକ ଶିଶି ସୁବାସିତ ତେଲ ଦେବୁ ।

ପ୍ରାପ୍ତି ସ୍ଥାନ
ଦେ ମିଶ୍ର ଏଣ୍ଡ କୋଂ
ମଣିପଡ଼ା, କୋଚବିହାର
। ଜ । ଡ଼ୁଙ୍ଗରି
ବଙ୍ଗଦେଶ

ନୂତନ ! ନୂତନ ! ନୂତନ

"କବରୀ ଭୂଷଣ"

ମୂଲ୍ୟ ୫ ୨ ମୂଲ୍ୟ ୫ ୨

ନାରୀମାନଙ୍କର ଖୋଷାର ଏହି ନୂଆ ଚେଇଁବାକୁ ଗୋଟିଏ ନୂତନ ପ୍ରକାରର ଫୁଲ । ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହାର ଚଉଦିଗରେ ବାଙ୍କ ବାଙ୍କ ଏବଂ ଘୁଞ୍ଚା ଘୋର ଉଜ୍ଜ୍ୱଳ ପ୍ରକାଶ କରୁଅଛି । ଏହା ଖାଣ୍ଟି ଇଂରାଜୀ ସାଜସଜ୍ଜାରେ ନିର୍ମିତ । ଏତ ପର ବାହାରେ ଲଂଗରା ଦାଳରର ବାହାରକୁ ଆସେ । ଏହିପରି ଚିତ୍ତାକର୍ଷକ ଅଳଙ୍କାର ଆମ୍ଭମାନଙ୍କ ପାଖରେ ସ୍ୱଳ୍ପ ଅଛି । ଏହାର ରଙ୍ଗ ଓ ଉଜ୍ଜ୍ୱଳତା ସମ୍ବନ୍ଧରେ ଆମ୍ଭେମାନେ ଅଧିକ ଲେଖୁଅଛୁଁ ନ ଗ୍ରାହକମାନେ

ପ୍ରକୃତ ସୁନାମୂଲ୍ୟରେ ଏହାକୁ ବ୍ୟବହାର କରନ୍ତୁ । ବେଳ ଜମା ହୋଇ ଗଲେ ଏହାର ରଙ୍ଗ ବା ଚେକନ ନଷ୍ଟ ହୁଏ ନାହିଁ । ଯେବେ କେବେ ରଙ୍ଗ ମଳିନ ହୋଇଯାଏ ତେବେ ତିନ୍ତେଏ ଧନ୍ ଖଡ଼ି ଗୁଣ୍ଡରେ ମାଜି ଦେଲେ ପୁଣି ଉଜ୍ଜ୍ୱଳ ହୋଇ ଯିବ । ଲୋକେ ମନେ କରନ୍ତି ଏହି ଅଳଙ୍କାର ମୂଲ୍ୟ ୫ ୨୦୦୦ ଙ୍କା ।

ଏହାର ବାସ୍ତବ ମୂଲ୍ୟ ୫ ୨ ଙ୍କା ମାତ୍ର । ଏହି ଡାକବା ଗୋ୧୨କଁଲୁ ୫୨୪ ଙ୍କା । କେହି ଏଠା ଥରେ ଏହି ଉପହାର କିଣିଲେ ବିନାମୂଲ୍ୟରେ ଭି ପାଇ ଗୋଟିଏ "ରିଷ୍ଟଲେଟ ଓ୍ୱାଚ" ଅର୍ଥାତ୍ ବାଲା ଘଣ୍ଟା ହାତରେ ପିନ୍ଧିବାର ସୁବିଧା ପାଇବେ । ଅଧିକ ଉପହାର ଖରିଦଦାର ବିନାମୂଲ୍ୟରେ ନିକେଲର ଗୋଟିଏ ଓ୍ୱାଚ୍ ଫେସ୍ ବିନାମୂଲ୍ୟ ଶୃଙ୍ଗାରଛ ଓ ଗୋଟିଏ ଟେବଲ୍ ପୁରସ୍କାର ସ୍ୱରୂପ ପାଇବେ ।

ଉଇଡାଲି ସହିତା ଘଣ୍ଟା,

ଏହି ଘଣ୍ଟାର ସ୍ୱଭାବ ଚରିତ୍ର ସତ ଚିକି କୁଞ୍ଚିଣ ଓ ଷ୍ଟୟର ହାପର ସ୍ୱରୂପ ହୃଦନାଟ ଦାର୍ଶି ଶ୍ରୀନ କରେ । ଏହି ଡାକବାକୁ ଦ୍ୱିତୀୟ କମ୍ପେନ ରୂପାର ସୁକ୍ଷ୍ମ ଗୋଲାକାର ଥାଳ ମଧ୍ୟରେ ସତ ସୁନ୍ଦର ଦେଖି ଏହାର ସମ୍ମୁଖ ଭାଗରେ ଗୋଟିଏ ସ୍ତ୍ରୀ ଅଙ୍କ ମୂର୍ତ୍ତି ଦେଖାଇ ବଡ଼ ଚମତ୍କାର ଅଛି ଚାଲୁଥାଏ ।

ମୂଲ୍ୟ ୫ ୩ ଙ୍କା

ସେହିପରି ଗୋଟିଏ ସ୍ତ୍ରୀ ଓ୍ୱାଚର କାଳ୍ପନିକ ଉତ୍ତମ ମୂଲ୍ୟ ୫ ୩ ଙ୍କା

ଗ୍ରାହକମାନଙ୍କୁ ଠିକଣାରେ ଚିଠି ଓ ଫରମାସ ପଠାଇବାକୁ ପ୍ରାର୍ଥନା କରୁଅଛୁଁ । ନାମ ଆଉ ଠିକଣା ଭଲ ଲେଖିବା ହେବେ । ଭି, ପିରେ ଦ୍ରବ୍ୟ ପଠାଇବ ମାତ୍ର ଡାକମାସୁଲ ଭି, ପି, ଉଭୟ ଖରଚ ପୃଥକ୍ ଦେବାକୁ ହେବ ।

S. FRANK & Co.
ଓ୍ୱାଚମେକର୍ ଏବଂ ଜୁଏଲର୍ସ
ନ ୧୭ ମଲ୍ଲ ରୋଡ଼ ଲେନ
ବହୁବଜାର କଲିକତା

Split by PDF Splitter
Digitized by srujanika@gmail.com

ଉତ୍କଳଦୀପିକା ।

ଭାରତରେ ପ୍ଲେଗ ରୋଗର ପ୍ରକୋପ କ୍ରମେ ବଢୁଅଛି ଗତ ତାଲିକାରେ ୩୬୯୩ ମୃତ୍ୟୁ ଦେଖିଥିଲୁଁ । ଏ ସପ୍ତାହରେ ପ୍ରକାଶିତ ତାଲିକାରେ ୬୮୯୬ ମୃତ୍ୟୁ ଅର୍ଥାତ୍ ପ୍ରାୟ ଦୁଇଗୁଣ ଦେଖିଲୁଁ । ତହିଁ ମଧ୍ୟରେ ଏକା ବମ୍ବେଇରେ ୪୫୬୮ ମହୀଶୂରରେ ୮୦୩ ଓ ମଧ୍ୟଭାରତରେ ୩୭୮ ଅଟେ । ଅନ୍ୟାନ୍ୟ ପ୍ରଦେଶର ମୃତ୍ୟୁ ଧର୍ତ୍ତବ୍ୟ ନୁହେ ।

ଗତ ପ୍ରକାଶିତ ସାପ୍ତାହିକ ରିପୋର୍ଟରେ ଦେଖିଲୁଁ ଯେ ମଧ୍ୟପ୍ରଦେଶରେ କେବଳ ୬୮୩ ଜଣ କାର୍ଯ୍ୟଦ୍ୱାରା ଏବଂ ୧୨,୩୫୨ ଜଣ ଖଇରାତ ସାହାଯ୍ୟ ପାଉଥିଲେ । ଖଇରାତ ଅକ୍ଷମ ଲୋକଙ୍କୁ ଦିଆଯାଏ । ସୁତରାଂ ତାହା ବଳବତ୍ ରହିବ । ମଜୁରିମାନେ ମୂଳ ସକାଶେ ସାହାଯ୍ୟ କାର୍ଯ୍ୟ ନ ନେଉଥିବାରୁ ବର୍ତ୍ତମାନ ସକାଶେ ଦୁର୍ଭିକ୍ଷ ଶେଷ ହେବାର ବୋଲା ଯାଇପାରେ ।

ସରକାରୀ ସମ୍ବାଦ ପ୍ରଚାର ହୋଇଅଛି ଯେ ଶାସନ କାର୍ଯ୍ୟର ସୁବିଧା ନିମନ୍ତେ ବେରାର ପ୍ରଦେଶକୁ ମଧ୍ୟପ୍ରଦେଶ ସଙ୍ଗେ ଯୋଗ କରିବାକାରଣ ଭାରତ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରିବାରେ କଲିକତାସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟେରୀ ତାହା ମଞ୍ଜୁର କରିଅଛନ୍ତି ଏବଂ ସେହି ଆଦେଶ ପାଳନର ନିହିତ ବନ୍ଦୋବସ୍ତ ଶୀଘ୍ର ହେଉଅଛି । ବେରାର ଅନ୍ୟ ବମ୍ବେଇ ସଙ୍ଗେ ଯୋଗ ହେବାର ଯେ କଥା ଉଠିଥିଲା ତାହା ହେଲା ନାହିଁ । ମଧ୍ୟପ୍ରଦେଶ ଗୋଟିଏ ଛୋଟ ଶାସନ ଏବଂ ତହିଁ ସଙ୍ଗେ ବେରାର ଯୋଗ ହେବଦ୍ୱାରା କାର୍ଯ୍ୟ ଚଳାଇବ ନାହିଁ ।

କଲିକତାର ଗତ ପୁଲିସ ରିପୋର୍ଟରୁ ପ୍ରକାଶ ଯେ ସନ ୧୯୦୧ ସାଲରେ ଚୋରି ଡକାଏତି ଇତ୍ୟାଦିରେ ଟ ୨,୩୩,୬୮୫ଙ୍କା ର ଦ୍ରବ୍ୟ ଚୋରି ଯାଇଥିଲା ଏବଂ ତହିଁମଧ୍ୟରୁ ଟ ୧,୩୪,୨୯୩ଙ୍କାର ଦ୍ରବ୍ୟ ପୁଲିସଦ୍ୱାରା ପୁନଃ ପ୍ରାପ୍ତ ହୋଇଥିଲା । ସନ ୧୯୦୬ ସାଲରେ ସେହିପରି ଟ ୨,୯୨,୨୦୨ଙ୍କାର ଦ୍ରବ୍ୟ ଚୋରି ଏବଂ ଟ ୧,୬୪,୮୦୮ଙ୍କାର ଦ୍ରବ୍ୟ ବାହାର ହୋଇଥିଲା । ଅତଏବ ସନ ୧୯୦୧ ସାଲର ଶତକଡ଼ା ପ୍ରାୟ ୫୩ ରୁ ସନ ୧୯୦୬ ସାଲରେ ଶତକଡ଼ା ୫୬ ବାହାରିବା ଅନେକ ଦୂର ଅନୁକୂଳ ଅଟେ । ଚୋରି ଯିବା ଦ୍ରବ୍ୟ ମଧ୍ୟରେ ଶତକଡ଼ା ୧୫ କଗଦ ଟଙ୍କା ଥିଲା ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଗତ କଲିକତା ଗେଜେଟରେ ଦେଖିଲୁଁ ଯେ ଏଠା ଜିଲ୍ଲା ବୋରଡର ବୃତ୍ତିଧାରୀ ଶିବପୁର କଲେଜର ଛାତ୍ର ବାବୁ ଅରଜୁନ ଭୂୟାଁ କଲିକତା ବିଶ୍ୱବିଦ୍ୟାଳୟର ବି, ଇ, ପରୀକ୍ଷାରେ ପାସ କରି ୨ୟ ଶ୍ରେଣୀରେ ୪ର୍ଥ ସ୍ଥାନ ଲଭିଅଛନ୍ତି । ପ୍ରଥମ ଶ୍ରେଣୀରେ ୬ ଜଣ ପାସ କରିଥିବାରୁ ଭୂୟାଁ ୧୦ମ ସ୍ଥାନ ଲଭିବାର ବୋଲାଯିବ । ଅନେକ କାଳରେ ଜଣେ ଓଡ଼ିଆ ଏଠା ଜିଲ୍ଲା ବୋରଡର ବ୍ୟୟ ଓ ଯତ୍ନରେ ପାସ କରିବାକୁ ସମର୍ଥ ହେଲେ ଏଥିପାଇଁ ଆମ୍ଭେମାନେ ଭୂୟାଁ ଏବଂ ବୋରଡ ଉଭୟଙ୍କର ମଙ୍ଗଳବାଦ ପ୍ରଦାନ କରୁଅଛୁଁ । ବୋରଡଙ୍କୁ ଅନୁରୋଧ ଯେ ଭୂୟାଁ ମହାଶୟ ଉପଯୁକ୍ତ କାର୍ଯ୍ୟ ପାଇବା ବିଷୟରେ ସାହାଯ୍ୟ କରି ଓଡ଼ିଆ ଛାତ୍ରଙ୍କର ମନୋଯୋଗ ଇଞ୍ଜିନିୟରିଂ ଶିକ୍ଷା ପ୍ରତି ଅଧିକ ପରିମାଣରେ ଆକର୍ଷଣ କରନ୍ତୁ ।

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ମହୀଶୂରର ଭୂତପୂର୍ବ ମନ୍ତ୍ରୀ ସ୍ୱର୍ଗୀୟ ସର୍ କେ; ଶେଷାଦ୍ରିଙ୍କର ସ୍ମୃତି ପାଣ୍ଠିରେ ଟ ୭୨,୫୮୮ଙ୍କା ସଂଗୃହୀତ ହୋଇଅଛି । ଭାରତର ରାଜା ମହାରାଜା ଓ ସାଧାରଣ ଲୋକଙ୍କଠାରୁ ବିଲାତ ଓ ଆମେରିକାର ବଡ଼ ବଡ଼ ଲୋକମାନେ ଚାନ୍ଦା ଦେବାରେ ମୁକ୍ତହସ୍ତ ହୋଇଅଛନ୍ତି । ସ୍ମୃତି କମିଟି ସ୍ଥିର କରିଅଛନ୍ତି କି ଗୋଟିଏ ସ୍ମୃତି ଗୃହ ନିର୍ମାଣ ହେବ ଏବଂ ତହିଁମଧ୍ୟରେ ଶେଷାଦ୍ରିଙ୍କର ଗୋଟିଏ ମୂର୍ତ୍ତି ରହିବ । ଯେବେ ତହିଁରୁ କିଛି ଟଙ୍କା ବଳିବ ତେବେ ସେହି ଘର ସଙ୍ଗେ ଗୋଟିଏ ପୁସ୍ତକାଗାର ଯୋଗ ହେବ । ବଙ୍ଗଳାରେ କେତେ ସ୍ୱଦେଶୀୟ ଅସାଧାରଣ ଲୋକଙ୍କର ସ୍ମୃତି ଚିହ୍ନ ସ୍ଥାପନର ପ୍ରସ୍ତାବ ହୋଇଅଛି ମାତ୍ର ଏତେ ଟଙ୍କା କାହାରି ସକାଶେ ଉଠିବା କିମ୍ବା କୌଣସି ପ୍ରସ୍ତାବ ଶୀଘ୍ର କାର୍ଯ୍ୟରେ ପରିଣତ ହେବାର ଦେଖାଯାଇ ନାହିଁ । ମହୀଶୂର ବାସିମାନେ ଏତେ ଦୂର ସଫଳ ହୋଇଅଛନ୍ତି ଏହା ଶେଷାଦ୍ରି ମହୋଦୟଙ୍କର ଅସାଧାରଣ ପ୍ରତିଭା ଏବଂ ସ୍ମୃତି କମିଟିର ଦୃଢ଼ଅଧ୍ୟବସାୟର ଫଳ ବୋଲିବାକୁ ହେବ । ସତ୍କାର୍ଯ୍ୟରେ ଅଦମ୍ୟ ଯତ୍ନ ଓ ଚେଷ୍ଟା ଥିଲେ ତାହା କେତେବେଳେ ବିଫଳ ହୁଏ ନାହିଁ ଏବଂ କେବଳ କଥାରେ କିଛି ଫଳ ହୁଏ ନାହିଁ ।

ବିଲାତର ବିଖ୍ୟାତ ଲର୍ଡ ସାଲିସବରି ଗତ ତା ୨୨ ରଖରେ ଏ ସଂସାରରୁ ବିଦାୟ ହୋଇ ଯିବାର ସମ୍ବାଦ ତାରଯୋଗେ ପ୍ରଚାରିତ ହୋଇଅଛି । ତାହାଙ୍କର ବୟସ ୭୩ ବର୍ଷ ହୋଇଥିଲା । ଲର୍ଡ ବିକନସଫିଲ୍ଡଙ୍କ ମୃତ୍ୟୁ ଉତ୍ତାରୁ ସେ ବିଲାତର ରକ୍ଷଣଶୀଳ ଦଳର ନେତା ହୋଇଥିଲେ ଏବଂ ଯେତେବେଳେ ଉକ୍ତ ଦଳ ଅଧିକାର ପାଉଥିଲେ ସେ ପ୍ରଧାନ ମନ୍ତ୍ରୀ ପଦ ପ୍ରାପ୍ତ ହେଉଥିଲେ । କେବଳ ଏକବର୍ଷ ହେଲା ସେ ବାର୍ଦ୍ଧକ୍ୟ ହେତୁ ଉକ୍ତ ପଦ ଏବଂ ରାଜନୈତିକ ଚର୍ଚ୍ଚାରୁ ଅବସର ନେଇ ନିଶ୍ଚିନ୍ତ ରହିଥିଲେ । ତାହାଙ୍କର ବିଶେଷ ପୀଡ଼ାର କଥା ପୂର୍ବରୁ ଶୁଣା ନ ଥିଲା । ଏଥିରୁ ବୋଧ ହୁଏ ଅଧିକ ରୋଗ ଯନ୍ତ୍ରଣା ତାହାଙ୍କୁ ଭୋଗ କରିବାକୁ ହୋଇ ନାହିଁ । ସେ ଜଣେ ଖ୍ୟାତ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ୨୩ ବର୍ଷ ବୟସ ବେଳେ ପାର୍ଲିଆମେଣ୍ଟର ମେମ୍ବର ନିର୍ବାଚିତ ହୋଇ ଅଳ୍ପଦିନରେ ତୀକ୍ଷ୍ଣ ବୁଦ୍ଧି ଓ ପ୍ରଗାଢ଼ ଅଧ୍ୟବସାୟର ପରିଚୟ ପ୍ରଦାନ ପୂର୍ବକ ଜନସାଧାରଣଙ୍କର ମନୋଯୋଗ ଆକର୍ଷଣ କରିବାକୁ ସମର୍ଥ ହୋଇଥିଲେ । କ୍ରମେ ସରକାରୀ ଉଚ୍ଚ ପଦମାନ ଅଧିକାର ଓ ତହିଁ ମଧ୍ୟରେ ଦୁଇଥର ଭାରତର ଷ୍ଟେଟ ସେକ୍ରେଟେରୀ ହୋଇଥିଲେ । ସେ ଅନେକ ରାଜନୈତିକ ଜଟିଳ ପ୍ରଶ୍ନର ସନ୍ତୋଷଜନକ ମୀମାଂସା କରି ଯଶ ରଖି ଯାଇଅଛନ୍ତି । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ବିଧାନ କରନ୍ତୁ । ତାହାଙ୍କର ଜ୍ୟେଷ୍ଠପୁତ୍ରର ବୟସ ପ୍ରାୟ ୪୬ ବର୍ଷ ଅଟେ । ସେ ପିତାଙ୍କର ସୁନାମ ରକ୍ଷା କରନ୍ତୁ ।

ପୁନାର ବାଲଗଙ୍ଗାଧର ତିଲକଙ୍କ ନାମରେ ଦୀର୍ଘକାଳରୁ ଯେ ଫଉଜଦାରୀ ମୋକଦ୍ଦମା ଚାଲୁଥିଲା ଗତ ତା ୨୪ ରଖରେ ତାହା ନିଷ୍ପତ୍ତି ହୋଇଅଛି । ଆସିଷ୍ଟାଣ୍ଟ ସେସନ ଜଜ ଶ୍ରୀଯୁକ୍ତ କ୍ଲେମେଣ୍ଟ ସାହେବ ମିଥ୍ୟା ସାକ୍ଷ୍ୟଦେବା ଏବଂ ଅନ୍ୟାୟ କଏଦ ରଖିବା ଉଭୟ ଅଭିଯୋଗ ତିଲକଙ୍କ ଉପରେ ପ୍ରମାଣ ହେବାର ସିଦ୍ଧାନ୍ତ କରି ମା ୧୮ ସ କଠିନ ପରିଶ୍ରମସହିତ କଏଦ ଏବଂ ଟ ୧୦୦୦୯ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ସେହିଦିନ ସେସନ ଜଜଙ୍କଠାରେ ଅପିଲ ହୋଇ ଜାମିନରେ ପ୍ରାର୍ଥନା ହେବାରେ ଟ ୧୦୦୦୦୯ଙ୍କାର ମୁଚଲିକା ଏବଂ ଟ ୧୦୦୦୦ ଙ୍କା ଜାମିନନାମାରେ ଛାଡ଼ିବା ନିମିତ୍ତ ଆଦେଶ ହୋଇଅଛି । ସେଦିନ କଚେରିରେ ଦର୍ଶକଙ୍କର ଭିଡ଼ ଭାରୀ ହୋଇଥିଲା ଏବଂ ସରକାରୀ ପୁଲିସ ଓ ଘୋଡ଼ସୁଆର ଦଳ ପୂର୍ବରୁ ଉପସ୍ଥିତ ଥିଲେ ଯେ ଦଣ୍ଡର ଆଦେଶ ହେବାମାତ୍ରେ ତିଲକଙ୍କର ଚତୁର୍ଦ୍ଦିଗରେ ବେଢ଼ି ଜେଲକୁ ନେଇ ଯାଇଥିଲେ । ପୁଣି ଜଜ ସାହେବଙ୍କ ଆଦେଶମତେ କଚେରିକୁ ଆଣି ଜାମିନରେ ମୁକ୍ତ ହେଲେ । ଶ୍ରୀଯୁକ୍ତ ବାଲଗଙ୍ଗାଧର ତିଲକ ପାଠକମାନଙ୍କଠାରେ ଅପରିଚିତ ନୁହନ୍ତି ସେ ଯେମନ୍ତ ବିଦ୍ୱାନ ଓ ବୁଦ୍ଧି ତେମନ୍ତ

Split by PDF Splitter
Digitized by srujanika@gmail.com

Split by PDF Splitter

ଦେଶ ହିତୈଷିତାନମନ୍ତେ ଦେଶ ବନ୍ଦେଣରେ ବଞ୍ଚ୍ୟ । ସୁତରାଂ ତାହାଙ୍କର ଦଣ୍ଡରେ ଲୋକଙ୍କର ମନ ଅତ୍ୟନ୍ତ ଦୁଃଖିତ ହୋଇଅଛି । ସେ ଏଥିପୂର୍ବେ ଥରେ କୋଲହାପୁର ଟମାବଦମାରେ ଏବଂ ଆଉଥରେ କେଶରୀ ସମ୍ପାଦକ ମୋକଦ୍ଦମାରେ ଦଣ୍ଡିତ ହୋଇଥିଲେ । ଅପିଲ ବିଚାରର ଫଳକୁ ସମସ୍ତେ ଚାହିଁ ବସିଅଛନ୍ତି ।

ଆମ୍ଭେମାନେ ଅନନ୍ଦସହକାରେ ଅବଗତ ହେଲୁଁ ଯେ ବାବୁ ହାଲଦାର ମିଶ୍ର ବି, ଏ, ମୟୂରଭଞ୍ଜ ରାଜ୍ୟର ବାମନଘାଟି ସବଡିଭିଜନର ଅସିଷ୍ଟାଣ୍ଟ ସବଡିଭି଼ଜନାଲ ଅଫିସର ନିଯୁକ୍ତ ହୋଇଅଛନ୍ତି । ... ବର୍ଷ ସେଟେଲମେଣ୍ଟ ଅଥବା ... ସୁଲ ସବଡିଭିଜନରେ ନିଯୁକ୍ତ ହୋଇଥିଲେ ସେ ବହୁ ମଧ୍ୟରେ ଏକଜଣ ଥିଲେ । ମାତ୍ର ସେ ଇସ୍ତଫା ଦେଇ ମୟୂରଭଞ୍ଜ ମହାରାଜାଙ୍କର ଉଚ୍ଚଶ୍ରେଣୀର କର୍ମଚାରୀ ଦଳରେ ଭରତି ହୋଇ ନେକନାମ ସହକାରେ ନାନାସ୍ଥ ପଦରେ ଯୋଗ୍ୟତା ସହକାରେ କାର୍ଯ୍ୟ କଲା ହେତୁରୁ ବାଂଛିତ ମତେ ଉନ୍ନତି ପାଇଅଛନ୍ତି । ଏକମାତ୍ର ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ଛଡ଼ା ମୟୂରଭଞ୍ଜର ଉଚ୍ଚଶ୍ରେଣୀର କର୍ମଚାରୀ ଦଳରେ ଓଡ଼ିଆର କେହି ବାକି ଥିବାର ସୂଚନା କେହି ନାହିଁ ବରଂ ଏ ବିଷୟରେ ସମୟେ ସମୟେ ଅଭେଦ ସ୍ପର୍ଦ୍ଧା ଶୁଣା ଯାଉଅଛି । ଦେବଦେବନାଥ ପୂର୍ବେ ମହାରାଜା ଏ ଦଳରେ ଏକ ଅଭ୍ୟର୍ଥନା କରିବାକୁ ଚାହୁଥିଲେ ତ ଯୋଗ୍ୟ ଓଡ଼ିଆ ଥାଉଲେ ସେ ଅଧିକ ସଂଖ୍ୟକ ଗ୍ରହଣ କରିବେ । ହାଲଦାର ମିଶ୍ରଙ୍କ ନିଯୁକ୍ତିଦ୍ୱାରା ମହାରାଜା ବାହାଦୁର ନିଜ ବାକ୍ୟର ସାର୍ଥକତା ପ୍ରମାଣ କରିଅଛନ୍ତି ଏବଂ ଓଡ଼ିଆଙ୍କର କୃତଜ୍ଞତା ଭାଜନ ହୋଇଅଛନ୍ତି । ଏତିକି ମିଶ୍ର ମହାଶୟ ଆପଣା କର୍ତ୍ତବ୍ୟପାଳନରେ ନିଷ୍ଠା, ନିରପେକ୍ଷତା, ବୁଦ୍ଧିମତ୍ତା ଓ ଦୃଢ଼ତା ଦେଖାଇ ପାରିଲେ ଉତ୍ତରୋତ୍ତର ନିଜର ଉନ୍ନତି ସଙ୍ଗେ ସ୍ୱଦେଶୀୟଙ୍କର ଉନ୍ନତିର କାରଣ ହେବେ । ଆମ୍ଭେମାନେ ଏକାନ୍ତ ଆଶା କରୁ ସେ ଏହି ଗୁରୁ ଦାୟିତ୍ୱ ଉତ୍ତମରୂପେ ବହନ କରିବାକୁ ସମର୍ଥ ହେବେ । କ୍ୟାୟ ବୁଦ୍ଧି ଓ ପରିଶ୍ରମ ସହିତ କାର୍ଯ୍ୟ କଲେ ଅବଶ୍ୟ ଭଲ ହେବ । ସକଳ ବାଟରେ କେହି ବଣା ହେବାର ଦେଖା ଯାଉ ନାହିଁ ।

ଗତ ପୂର୍ବ ଶୁକ୍ରବାର ଅପରାହ୍ନରେ ଶ୍ରୀଯୁକ୍ତ ମଧୁସୂଦନ ଦାସ ଉକୀଲଙ୍କର ଆମନ୍ତ୍ରଣମତେ ତାହାଙ୍କ କୋଠିରେ ଅନେକ ସ୍କୁଲ ଏ କଲେଜର ଛାତ୍ର ଏବଂ ତହିଁ ସଙ୍ଗେ ଅଳ୍ପ ଇଉରୋପୀୟ ଏବଂ ଦେଶୀୟ ମହିଳା ଓ ଭଦ୍ରଲୋକଙ୍କର ଗୋଟିଏ ସମ୍ମିଳନ ହୋଇଥିଲା । ଛାତ୍ରମାନେ କ୍ରିକେଟ ଖେଳ ଓ କୌତୁକଖେଳ ଗୀତ ବାଦ୍ୟ ଶ୍ରବଣାଦି ଅମୋଦ କରୁଥିଲେ ଏବଂ ଯଥାବିଧି ଜଳପାନାଦି ବନ୍ଦୋବସ୍ତ ହୋଇଥିଲା । କଦାପି ପୂର୍ବେ ସ୍କୁଲବର୍ତ୍ତୀ ରହୁଲେ ବ ଶ୍ରୀଯୁକ୍ତ ଦେ, ଜ, ଗୁପ୍ତଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀମାନ୍ ସୌରେନ୍ଦ୍ରନାଥ ଗୁପ୍ତ ଉଚ୍ଚ ବିଦ୍ୟାଶିକ୍ଷା ନିମନ୍ତେ ଅମେରିକାକୁ ଯାଉ ଥିବେ ବୋଲି ତାହାଙ୍କୁ ସମ୍ମେହରେ ବିଦାୟ ଦେବା ଏହି ମେଳନର ଉଦ୍ଦେଶ୍ୟ । ସେ ସୁଦୀର୍ଘ ଅମେରିକାରେ ପାଠ ପଢ଼ି ସଯୋଗ୍ୟ ଯୋଗ୍ୟ ହୋଇ ଫେରି ଆସିବେ । ଏଥିପାଇଁ ତାହାଙ୍କୁ ଉପଦେଶ ଏବଂ ଆଶୀର୍ବାଦ ପ୍ରଦାନ କଲେ । ପରିଶେଷରେ ଛାତ୍ରମାନଙ୍କ ସମ୍ବୋଧନ ପୂର୍ବକ କହିଲେ ଯେ ଛାତ୍ରମାନେ ଦେଶର ଆଶା ସ୍ଥଳ ଏବଂ ସେମାନଙ୍କର ଶିକ୍ଷା ଓ ଚରିତ୍ରର ଉନ୍ନତି ସେ ଏକାନ୍ତ କାମନା କରନ୍ତି ଓ ସେମାନଙ୍କ ସଙ୍ଗେ ମିଶି ଉପଦେଶ ଦେବାକୁ ସର୍ବଦା ପ୍ରସ୍ତୁତ । ସେ ପ୍ରତି ରବିବାର ସକାଳ ୮ଟାଠାରୁ ୧୦ଟା ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ଦେଖା ଦେବାକୁ ପ୍ରସ୍ତୁତ ରହିବେ । ଯଦି କେହି ଛାତ୍ର ଇଚ୍ଛା କରନ୍ତି ସେ ଅବାଧେ ତାହାଙ୍କ କୋଠିକୁ ଆସି ଦେଖା କରିବ । ଛାତ୍ରମାନଙ୍କ ପ୍ରତି ଏପ୍ରକାର ସ୍ନେହ ଓ ସହାନୁଭୂତି ବର୍ତ୍ତମାନ ତଥା ଏବଂ ସାଧାରଣ ହିତ ସାଧନର ଗୋଟିଏ ପ୍ରଧାନ ଉପାୟ ଅଟେ । ଆଶା କରୁଁ ଛାତ୍ରମାନେ ଏ ସୁଯୋଗ ପ୍ରତି ଅବହେଳା କରିବେ ନାହିଁ ଏବଂ ... ମାନେ କଲେଜ ଛାଡ଼ି ଅନ୍ୟାନ୍ୟ ଦେଶ କାର୍ଯ୍ୟକ୍ଷେତ୍ରରେ ପଶିଅଛନ୍ତି ସେମାନେ ମଧ୍ୟ ଏ ସୁଯୋଗର ଫଳ ଭୋଗୀ ହେବାକୁ ଚେଷ୍ଟା କରିବେ । ସତ୍ସଙ୍ଗର ଫଳ ଅପାର ଏ କଥା କହିବାର ଛାତ୍ରମାନଙ୍କ ଅଜଣା ନାହିଁ । କେବଳ ସାଧନ ଅବଶ୍ୟକ ।

ବଡ଼ଲାଟଙ୍କର ପୂର୍ବ ଏକ ମହାରାଜା ଭାରତର ଉନ୍ନତି ବିଷୟରେ ଉକ୍ତ କାର୍ଯ୍ୟ କରିଥିବାରୁ ଗବର୍ଣ୍ଣମେଣ୍ଟ ପ୍ରସନ୍ନ ହୋଇ ତାହାଙ୍କୁ ହାଉଦାରୁର ଏକ ଅଦ୍ଭୁତ ଦ୍ରବ୍ୟ ପୁରସ୍କାର ଦେଇଥିଲେ ଏବଂ ସେ ଦ୍ରବ୍ୟ ସରକାରଙ୍କ ଗୌରବ ସ୍ୱରୂପ ଭଣ୍ଡାରରେ ସୁରକ୍ଷିତ ହୋଇଥିଲା । ଗବର୍ଣ୍ଣର ଜେନେରାଲ ଲର୍ଡ କର୍ଜନ ବାହାଦୁର ମହାରାଜାଙ୍କୁ ଗୋଟିଏ ୩୫ ଶତ ଟଙ୍କାର ରୂପାର ବସ୍ତୁର ବଦଳରେ ସେହି ହାଉଦାରୁର ଦ୍ରବ୍ୟ ଦେବାକୁ ଇଚ୍ଛା କଲେ । ମହାରାଜା ନିଜ ବ୍ୟୟରେ ସେ ଦ୍ରବ୍ୟ ବିଲାତକୁ ପଠାଇ ଦେଇଅଛନ୍ତି । ଉକ୍ତ ଦ୍ରବ୍ୟ ନ୍ୟୁଯାର୍କରେ ସରକାରୀ ତୋଷାଖାନାରେ ରହିଅଛି କି ନା ? ତାହା କ୍ରୟ ହୋଇ ତହିଁର ମୂଲ୍ୟ ସରକାରୀ ଖଜଣାଖାନାରେ ଜମା ହେବ କି ନା ? ଯେବେ ତାହା ଏପର୍ଯ୍ୟନ୍ତ ଲର୍ଡ କର୍ଜନଙ୍କର ନିଜ ଦଖଲରେ ରହିଅଛି ଏବଂ ମହାରାଜା ଇଚ୍ଛା ପୂର୍ବକ ଲର୍ଡ କର୍ଜନଙ୍କୁ ନ ଦେଇ ତାହାଙ୍କ କଥାମତେ ଦେଇଥିବେ ତେବେ ତାହା ମହାରାଜାଙ୍କ ଦେଇ ଦିଆଯିବ କି ନା ? ଏହି ପ୍ରଶ୍ନମାନ ଶ୍ରୀଯୁକ୍ତ ମାକନିଲ ସାହେବ ଭାରତ ସଚିବଙ୍କୁ ପାର୍ଲିଆମେଣ୍ଟ ସଭାରେ ପ୍ରଶ୍ନ କରନ୍ତେ ଭାରତ ସଚିବ ଲର୍ଡ ହାମିଲଟନ ଉତ୍ତର ଦେଇଅଛନ୍ତି ଯେ ଉକ୍ତ ହାଉଦାରୁର ଦ୍ରବ୍ୟ ପୂର୍ବରେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କର ଥିଲା ଓ ତାହା କମ୍ପାନୀଙ୍କ ସମୟ ଅବସ୍ଥାରେ ମହାରାଜାଙ୍କର ଗୋଟାଏ ଖାଲି ଘରେ ପଡ଼ିଥିଲା । ମହାରାଜାଙ୍କର ତହିଁରେ ଆଦର ନ ଥିବାରୁ ଗବର୍ଣ୍ଣର ଜେନେରାଲ ଆଗ୍ରହ ଜାଣିପାରି ତାହା ନେଇ ଦେବାକୁ କହିଲେ । ମାତ୍ର ମହାରାଜା ମୂଲ୍ୟ ନେବାକୁ ନାସ୍ତି କରି ଉପହାର ଦେବାକୁ କହିଲେ । ତହିଁରେ ଲର୍ଡ କର୍ଜନ ହୁକୁମ ଦେଲେ ଯେ ଉପହାର ଦେଲେ ତୋଷାଖାନାର ବସ୍ତୁମାନଙ୍କ ପରି ସେ ଉପହାର ନେଇ ନ ପାରନ୍ତି । ମହାରାଜାଙ୍କର ବିଚାରରେ ସନ୍ତୁଷ୍ଟ ଦେଖି ଲର୍ଡ କର୍ଜନ ୮୯ ପାଉଣ୍ଡ ମୂଲ୍ୟର ଗୋଟିଏ ... ବସ୍ତୁ ତାହାଙ୍କୁ ଦେଇ ତହିଁ ବଦଳରେ ଉକ୍ତ ଦ୍ରବ୍ୟ ନେଇଅଛନ୍ତି । ସେ ଦ୍ରବ୍ୟ ୩୦ ପାଉଣ୍ଡ ବ୍ୟୟରେ ମରାମତ ହେଲା ଉତ୍ତାରୁ ... ଦ୍ୱାରା ତହିଁର ମୂଲ୍ୟ ୧୦୦ ପାଉଣ୍ଡ ଅନୁମାନ ହୋଇଅଛି । ଅର୍ଥାତ୍ ଲର୍ଡ କର୍ଜନ ୮୯ ପାଉଣ୍ଡର ବସ୍ତୁ ବଦଳରେ ଯାହା ନେଇଅଛନ୍ତି ତହିଁର ମୂଲ୍ୟରୁ ୩୦ ପାଉଣ୍ଡ ମରାମତ ଖରଚ ବାଦ ଦେଲେ ୭୦ ପାଉଣ୍ଡର ଦ୍ରବ୍ୟ ପାଇଅଛନ୍ତି । ଏ ସମ୍ବନ୍ଧରେ କାଳଭରେ କେଶେ ସାହା ହେବେ କଥା ପ୍ରକାଶ କରିଅଛନ୍ତି । ଯାହା ହେଉ ଲର୍ଡ କର୍ଜନଙ୍କ ପରି ଉଚ୍ଚପଦସ୍ଥ ନ୍ୟାୟପରାୟଣ ସଦାଶୟ ବ୍ୟକ୍ତି ପ୍ରତି ଏ କଥାଟା ଲାଗୁ ହେବାକୁ ହେବ ଏବଂ ତାହାଙ୍କ ନାମରେ ଏପରି କଥା ଶୁଣି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ ।

ଗଞ୍ଜାମରେ ଓଡ଼ିଆଭାଷା ।

ଗଞ୍ଜାମବାସିମାନେ ଗଞ୍ଜାମ ଜିଲ୍ଲାକୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନରୁ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଅଧୀନକୁ ଆଣିବାକାରଣ ଗବର୍ଣ୍ଣମେଣ୍ଟ ନିକଟରେ ଯେଉଁ ଆବେଦନ କରିଅଛନ୍ତି ତହିଁ ନିମନ୍ତେ ସେ ଜିଲ୍ଲାର ନେତାମାନେ ଗୋଟିଏ ଆବେଦନପତ୍ର ଗବର୍ଣ୍ଣମେଣ୍ଟଙ୍କୁ ପଠାଇବାକୁ ପଠାଇବାର ଚେଷ୍ଟା କରୁଅଛନ୍ତି । ଏହି ଆବେଦନପତ୍ରରେ ସେମାନେ ଦର୍ଶାଇଅଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ୨ ଲକ୍ଷ ୫୦ ହଜାର ଲୋକଙ୍କ

Digitized by srujanika@gmail.com

Split by PDF Splitter

ଏବଂ ୭ ଲକ୍ଷ ୬୫ ହଜାର ଓଡ଼ିଆ ବାସ କରନ୍ତି । ଏଥିରୁ ଗତ ତା ୫ ରିଖର 'ପ୍ରଜାମିତ୍ର'ରେ ସେହି ଅଙ୍କମାନଙ୍କର ଗୋଟିଏ ପ୍ରତିବାଦ ବାହାରିଅଛି । ପ୍ରଜାବନ୍ଧୁର ଲେଖକ ତହିଁର ପୋଷକତାରେ ଗତ ସେନସସ୍ ରିପୋର୍ଟରୁ ନିମ୍ନଲିଖିତ ଅଙ୍କମାନ ଉଦ୍ଧାର କରିଅଛନ୍ତି ଯଥା—

ଜିଲା	ସମଗ୍ର ଜନସଂଖ୍ୟା	ଓଡ଼ିଆସଂଖ୍ୟା
ଗଞ୍ଜାମ	୧୬,୮୯,୧୪୨	୧୨,୭୪,୯୬୫
ମାଲ	୩,୨୧,୧୧୪	୮୭,୬୮୩
ମୋଟ	୨୦,୧୦,୨୫୬	୧୩,୬୨,୬୪୮

ସହଯୋଗିଙ୍କର ଉପରଲିଖିତ ତାଲିକାରେ ବିଶାଖପଟଣା ଗୋଦାବରୀ କୃଷ୍ଣା ପ୍ରଭୃତି ଜିଲାର ସମଗ୍ର ଜନସଂଖ୍ୟା ଓ ତହିଁ ମଧ୍ୟରେ ଓଡ଼ିଆଭାଷୀଙ୍କର ସଂଖ୍ୟା ଲେଖାଅଛି । ମାତ୍ର ବିଶାଖପଟନ ଛଡ଼ା ଅନ୍ୟ ଜିଲାମାନଙ୍କରେ ଓଡ଼ିଆଙ୍କ ସଂଖ୍ୟା ଅଳ୍ପ ଥିବା ଏବଂ ବିଶାଖପଟନର ଅଙ୍କରେ ଦୃଷ୍ଟି ମାତ୍ରେ ଭ୍ରମ ଜଣା ଯିବାରୁ ସେ ଅଙ୍କମାନ ଛାଡ଼ିଦେଲୁଁ । ସହଯୋଗିଙ୍କୁ ଅନୁରୋଧ ଯେ ତାହାଙ୍କ ପ୍ରକାଶିତ ଅଙ୍କମାନ ପୁନଃଦୃଷ୍ଟି କରି ସଂଶୋଧିତ ଅଙ୍କ ପ୍ରକାଶ କରିବେ । ଯେମନ୍ତ କି ଗୋଟିଏ ଅଙ୍କର ଭ୍ରମ ଦେଖାଇ ଗଞ୍ଜାମର ଅଙ୍କମାନ ନିର୍ଦ୍ଦୋଷ ନ ଥିବାର କେହି କହି ପାରିବ ନାହିଁ । ବିଶାଖପଟନର ଲୋକସଂଖ୍ୟା ଏକକୋଟି ୨୦ ଲକ୍ଷରୁ ଅଧିକ ବୋଲି ମନକୁ ଆସୁ ନାହିଁ ଏବଂ କୌଣସି ଜିଲାରେ ମୋଟ ସଂଖ୍ୟା ସଙ୍ଗେ ଓଡ଼ିଆ, ତେଲଙ୍ଗା ଓ ତାମିଲଭାଷିଙ୍କର ସମଷ୍ଟି ମିଳୁ ନାହିଁ । ସମ୍ଭବତଃ ଅନ୍ୟାନ୍ୟଭାଷୀଙ୍କୁ ଛାଡ଼ି ଦିଆଯାଇଅଛି । ତାହାହେଲେ ସେ କଥା ଲେଖିବାର ଉଚିତ ଥିଲା । ଗଞ୍ଜାମ ଜିଲାର ୧୨ ପଣ ଲୋକ ଓଡ଼ିଆ ମାତ୍ର ଏଦନ୍ତର୍ଗତ ମାଲ ବା ଗଡ଼ଜାତର ଲୋକଙ୍କ ମଧ୍ୟରେ ଓଡ଼ିଆ ବୃଦ୍ଧ-ପଣ ଥିବା ନୁହନ୍ତି ଏହା ବଡ଼ ଅଦ୍ଭୁତ ବୋଧ ହେଉଅଛି । ଦୁଃଖର ବିଷୟ ମାନ୍ଦ୍ରାଜ ଏଲକାର ସେନସସ ରିପୋର୍ଟ ଆମ୍ଭମାନଙ୍କର ଦେଖିବାର ସୁବିଧା ନାହିଁ । ନହୁବା ଠିକ ଅଙ୍କ ପ୍ରକାଶ କରିବାକୁ ଚେଷ୍ଟା କରନ୍ତୁ ।

ଭାରତର ସୈନିକ ବ୍ୟୟ ବୃଦ୍ଧି ।

ଭାରତର ସୈନିକ ବ୍ୟୟ ବୃଦ୍ଧି କରିବା ଅଥବା ବିଲାତର ସୈନିକ ବ୍ୟୟର କେତେକ ଅଂଶ ଭାରତରୁ ଆଦାୟ କରିବା ଉଦ୍ଦେଶ୍ୟରେ ବିଲାତର ଯୁଦ୍ଧ ମନ୍ତ୍ରୀ ଯେଉଁ ପ୍ରସ୍ତାବ କରିଥିଲେ ଏବଂ ଯହିଁରେ ବିଲାତର ମନ୍ତ୍ରୀଦଳ ସଙ୍ଗେ ଭାରତସ୍ଥ ଷ୍ଟେଟ ସେକ୍ରେଟରୀ ମଧ୍ୟ ସମ୍ମତ ହୋଇଥିଲେ ସେ ପ୍ରସ୍ତାବ ଯୋଡ଼ିଏ ଥିଲା ଯଥା;—ଗୋଟିଏ ଦକ୍ଷିଣ ଅଫରିକାରେ ୨୫୦୦୦ ସୈନ୍ୟ ରଖି ତହିଁର ଅର୍ଦ୍ଧେ ଖାସ ଭାରତ ସକାଶେ ସଂଗୃହୀତ ରହିବା ହେତୁରେ ତହିଁର ବ୍ୟୟ ଭାରତରୁ ଆଦାୟ କରିବା ଏବଂ ଅନ୍ୟଟି ବିଲାତରେ ସୈନ୍ୟ ପ୍ରସ୍ତୁତ କରିବାର ଅଧିକା ବ୍ୟୟ ହେତୁ ପ୍ରତି ବର୍ଷ ଭାରତର ରାଜସ୍ୱରୁ ଏକ କୋଟି ୧୬ ଲକ୍ଷ ଟଙ୍କା ଆଦାୟ କରିବା । ଏହି ଦୁଇ ପ୍ରସ୍ତାବ ମଧ୍ୟରୁ ପ୍ରଥମଟି ପରିତ୍ୟକ୍ତ ହେବାର ପାଠକମାନଙ୍କୁ ଗତ ସପ୍ତାହରେ ଜଣାଇଅଛୁଁ । ପରିତ୍ୟାଗ ହେବା ପୂର୍ବେ ପାର୍ଲିଆମେଣ୍ଟର ସାଧାରଣ ଏବଂ ସମ୍ଭ୍ରାନ୍ତ ଉଭୟ ଶାଖାରେ ପ୍ରତିବାଦ ହୋଇଥିଲା ଏବଂ ଲଣ୍ଡନ ନଗରରେ ଗୋଟିଏ ବୃହତ୍ ପ୍ରତିବାଦ ସଭା ହୋଇଥିଲା । ଭାରତ ବନ୍ଧୁ ସର୍ ଚାର୍ଲସ୍ ଡିଲକ୍ ସେହି ସଭାର ସଭାପତି ହୋଇଥିଲେ ଏବଂ ଅନେକ ବଡ଼ ବଡ଼ ସାହେବ ଯଥା ସର୍ ଉଇଲିୟମ୍ ମାର୍କବାଇ, ସର୍ ଚାର୍ଲସ୍ ଲସନ୍, ସର୍ ଓମାଲି, ସର୍ ଓଡ଼େରବରନ୍, ଅଧ୍ୟାପକ୍ ମରିସନ, ଡାକ୍ତର ନ୍ୟୁଟନ୍ ପ୍ରଭୃତି ଉପସ୍ଥିତ ଥିଲେ । ଉକ୍ତ ସଭାରେ ନିମ୍ନ ଲିଖିତ ନିର୍ଦ୍ଧାରଣମାନ ସର୍ବସମ୍ମତିରେ ଅବଧାରିତ ହୋଇଥିଲା ଯଥା;—

୧ । ଦକ୍ଷିଣ-ଅଫରିକାରେ ଇଂଲଣ୍ଡ ସୈନ୍ୟ ସଞ୍ଚିତ ରଖିବା ବ୍ୟୟର ଏକ ଅଂଶ ଭାରତରୁ ଆଦାୟ କରିବାର ଯେ ପ୍ରସ୍ତାବ ହୋଇଅଛି ଏ ସଭା ତହିଁର ଘୋର ପ୍ରତିବାଦ କରୁଅଛି ଏବଂ ଯେଉଁ ସ୍ଥଳେ ଭାରତ ସେନାକୁ ସାମ୍ରାଜ୍ୟର ସଞ୍ଚିତ ସେନା ମନେ କରି ଇଂଲଣ୍ଡ ସେଠାରୁ ଅନେକ ସୈନ୍ୟ ଦକ୍ଷିଣ-ଅଫରିକା, ଚୀନ ଏବଂ ସୋମାଲିଲାଣ୍ଡକୁ ନେଇଯାଇଅଛନ୍ତି ସେ ସ୍ଥଳେ ଦକ୍ଷିଣ ଅଫରିକାରେ ରଖାଯିବା ସୈନ୍ୟଦଳକୁ ଭାରତର ସଞ୍ଚିତସେନା ମନେ କରି ତହିଁର ବ୍ୟୟ ଭାରତ ମୁଣ୍ଡରେ ଲଦିବା ଗୋଟିଏ ଛଳ ଅଟେ ଓ ଏ ସଭା ତାହା ଅଗ୍ରାହ୍ୟ କରୁଅଛି ।

୨ । ବିଲାତରେ ସୈନ୍ୟଦଳ ପ୍ରସ୍ତୁତ କରିବାର ଅଧିକା ବ୍ୟୟ ହେତୁ ତହିଁର ଏକ ଅଂଶ ଅର୍ଥାତ୍ ପ୍ରତି ବର୍ଷ ୧ କୋଟି ୧୬ ଲକ୍ଷ ଟଙ୍କା ଭାରତରୁ ଆଦାୟ କରିବାର ଯେ ପ୍ରସ୍ତାବ ହୋଇଅଛି ଏବଂ ଯାହାକୁ ଭାରତ ପ୍ରତି ନିତାନ୍ତ ଅନିଷ୍ଟକର ବୋଲି ଭାରତର ଗବର୍ଣ୍ଣର ଜେନେରଲ ଅତ୍ୟନ୍ତ ନିନ୍ଦା କରିଅଛନ୍ତି ସେହି ବ୍ୟୟ ଭାରତ ଉପରେ ନିତାନ୍ତ ଅବଶ୍ୟର ପୂର୍ବକ ଲଦା ହୋଇଥିବାରୁ ଏ ସଭା ତହିଁର ଘୋର ପ୍ରତିବାଦ କରୁଅଛି ।

୩ । ଭାରତବାସିଙ୍କର ଦରିଦ୍ରତା ଏବଂ ଦୁର୍ଭିକ୍ଷ ଓ ମହାମାରୀଜନିତ ଦୁଃଖ ଦର୍ଶନରେ ଏ ସଭା ବିବେଚନା କରନ୍ତି କି ସେମାନଙ୍କ ଉପରେ ଉପରଲିଖିତ ନୂଆ ବୋଝମାନ ଲଦିଲେ ସେମାନଙ୍କର କ୍ଲେଶ ବଢ଼ିବା ଅନିବାର୍ଯ୍ୟ ହେବ ଏବଂ ସେମାନଙ୍କ ପ୍ରତି ବିଲାତର କର୍ତ୍ତବ୍ୟକର୍ମର ତ୍ରୁଟି ହେବ । ଭାରତର ନିଃସହାୟ ଲୋକଙ୍କୁ ଏମନ୍ତ ଅନ୍ୟାୟ ଆଘାତରୁ ରକ୍ଷା କରିବା କାରଣ ଏ ସଭା ବିଲାତ ବାସିଙ୍କୁ ଅନୁରୋଧ କରୁଅଛନ୍ତି ।

ଉପର ଲିଖିତ ନିର୍ଦ୍ଧାରଣମାନ ସର୍ବାଂଶରେ ନ୍ୟାୟସଙ୍ଗତ ହୋଇଅଛି ଏବଂ ନ୍ୟାୟବାନ୍ ଲୋକମାନେ ଏ ସମସ୍ତ ଅନୁମୋଦନ କରିବେ ଏ କଥା କହିବା ବାହୁଲ୍ୟ । ବାସ୍ତବରେ ବିଲାତରେ ଅନେକ ନ୍ୟାୟବାନ୍ ଲୋକ ଅଛନ୍ତି ବୋଲି ଅନ୍ୟାୟ କଥା କାହାରଠାରୁ ଜାତ ହେଲେ ତାହା ସ୍ଥିର ରହି ପାରେ ନାହିଁ । ସେଠାର ଅଧିକାଂଶ ସମ୍ବାଦପତ୍ର ଏ ସଭାର କାର୍ଯ୍ୟ ସମର୍ଥନ କରିଅଛନ୍ତି । ଅସହାୟ ପ୍ରତିନିଧି ହୀନ ଗରିବ ଭାରତବାସିଙ୍କର ଦୁଃଖରେ ଏପ୍ରକାର ସହାନୁଭୂତି ଏବଂ ତାହା ଦୂର କରିବା କାରଣ ଏତେ ଯତ୍ନ କରିଥିବାରୁ ଆମ୍ଭେମାନେ ସମସ୍ତ ଭାରତବାସିଙ୍କ ସହିତ ଏକ ଯୋଗରେ ଉକ୍ତ ସଭାର ସଭ୍ୟବୃନ୍ଦ ଏବଂ ସମର୍ଥନକାରୀ ସମ୍ବାଦପତ୍ରମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ବିଲାତର ଏତେ ଲୋକ ଆମ୍ଭମାନଙ୍କ ସପକ୍ଷରେ ଛିଡ଼ା ହୋଇ ନ ଥିଲେ ଭାରତର ସଦାଶୟ ଗବର୍ଣ୍ଣର ଜେନେରଲ ଏବଂ ପ୍ରଧାନ ସେନାପତିଙ୍କର ଦୃଢ଼ ପ୍ରତିବାଦ ଏତେ ପ୍ରବଳ ହୋଇ ପାରି ଥାନ୍ତା କି ନାହିଁ ସନ୍ଦେହ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଆମ୍ଭମାନଙ୍କର ବିଲାତି ବନ୍ଧୁଙ୍କର ପ୍ରଗାଢ଼ ଯତ୍ନ ଓ ଚେଷ୍ଟାରେ ଯେମନ୍ତ ପ୍ରଥମ ନିର୍ଦ୍ଧାରଣଟି ସଫଳ ହୋଇଅଛି ତେମନ୍ତ ୨ ୟ ନିର୍ଦ୍ଧାରଣଟି ସଫଳ ହେବ । ନହୁବା ଏପ୍ରକାର ଅନ୍ୟାୟ ବ୍ୟବହାର ଓ କର ଭାରରେ ଭାରତର ଘୋର ଦଶା ଉପସ୍ଥିତ ହେବାକୁ ବିଳମ୍ବ ହେବ ନାହିଁ । ଭାରତବାସୀ ଉଚ୍ଛିନ୍ନ ହେଲେ ଇଂଲଣ୍ଡର ତେଜ ଅନେକ ଊଣା ହୋଇଯିବ ସନ୍ଦେହ ନାହିଁ ।

ବଙ୍ଗପ୍ରଦେଶର ଦାତବ୍ୟ ଚିକିତ୍ସାଳୟ ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଧୀନ ଯେ ସମସ୍ତ ଦାତବ୍ୟ ଚିକିତ୍ସାଳୟ ଅଛି ସେ ସମସ୍ତର ସନ ୧୯୦୨ ସାଲର ବାର୍ଷିକ କାର୍ଯ୍ୟ ବିବରଣ ବାହାରିଅଛି । ଉକ୍ତ ବର୍ଷ କଲିକତା ଓ ହାବଡ଼ାରେ ତହିଁ ପୂର୍ବ ବର୍ଷଠାରୁ ୧୭ ଟା ଚିକିତ୍ସାଳୟ ଅଧିକ ଥିଲା ଏବଂ ଚିକିତ୍ସା ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୨,୫୩,୬୧୬ ଠାରୁ ୨,୬୦,୭୬୧ କୁ ବଢ଼ିଥିଲା । କାମ୍ବେଲ ହସପାତାଳରେ ସର୍ବାପେକ୍ଷା ଅଧିକ ରୋଗୀର ସମାଗମ ହୋଇଥିଲା ଏବଂ ସେଠାର ସୁପରିଣ୍ଟେଣ୍ଡେଣ୍ଟ ତହିଁର ଏହି କାରଣ ଲେଖିଅଛନ୍ତି । ଯଥା

Digitized by srujanika@gmail.com

Split by PDF Splitter

ଶ୍ରେଣୀର ଲୋକମାନେ ତାହାର ରୋଗୀ ସ୍ୱରୂପ ସାହାଯ୍ୟ ପାଇବାକୁ ଦୁଃଖ ପାନ୍ତି ।

କଲିକତା ଛଡ଼ା ବଙ୍ଗ ଶାସନାଧୀନ ସମସ୍ତ ଭୂମି ଖଣ୍ଡରେ ସନ ୧୯୦୧ ସାଲ ଶେଷରେ ୫୬୬ ଚିକିତ୍ସାଳୟ ଥିଲା । ସନ ୧୯୦୨ ସାଲରେ ୨୭ ଟା ନୂତନ ସ୍ଥାପିତ ହେଲା ଏବଂ ୩ ଟା ଉଠିଗଲା । ସୁତରାଂ ଶେଷ ଲିଖିତ ବର୍ଷ ଶେଷରେ ୫୯୧ ଟା ରହିଥିଲା । ୨୪ ଟା ବୃଦ୍ଧି ମଧ୍ୟରେ ଓଡ଼ିଶାର ପୁରୀଜିଲାରେ ଏକ ଏବଂ ବାଲେଶ୍ୱର ଜିଲାରେ ଏକ ଅଟେ । ଫରିଦପୁରରେ ଗୋଟିଏ ନୌଚିକିତ୍ସାଳୟ ସ୍ଥାପିତ ହୋଇଅଛି । ଜଣେ ଡାକ୍ତର ନୌକାରେ ଔଷଧ ପତ୍ର ନେଇ କୁମାର ନଦୀରେ ଭ୍ରମଣ କରି ନଦୀ କୂଳସ୍ଥ ନାନା ହାଟ ଏବଂ ସ୍ଥାନରେ ଚିକିତ୍ସା କାର୍ଯ୍ୟ କରୁଅଛନ୍ତି । ଏତଦ୍ୱାରା ଅନେକ ଲୋକର କଷ୍ଟ ଦୂର ହୋଇଅଛି । ବର୍ଣ୍ଣିତ ବର୍ଷରେ ସମସ୍ତ ଚିକିତ୍ସାଳୟର ରୋଗୀ ସଂଖ୍ୟା ବାହାର ଓ ଭିତର ଉଭୟ ମିଶି ୪୧,୬୬,୭୭୬ ଥିଲା । ତହିଁ ପୂର୍ବ ବର୍ଷର ଅଙ୍କ ୩୭,୧୧,୮୩୦ ଥିଲା । ଯେଉଁମାନେ ଡାକ୍ତରଖାନାରେ ରହି ଚିକିତ୍ସିତ ହୁଅନ୍ତି ସେମାନଙ୍କୁ ଭିତର ଏବଂ ଯେଉଁମାନେ ଔଷଧ ନେଇ ଯାନ୍ତି ସେମାନଙ୍କୁ ବାହାର ରୋଗୀ ବୋଲା ହୋଇଅଛି । ଏହାଛଡ଼ା ୬୦ ଟା ବ୍ୟକ୍ତି ବିଶେଷର ଚିକିତ୍ସାଳୟରେ ୨,୫୧,୦୪୬ ଏବଂ ୬୬ ରେଲୱେ ଡାକ୍ତରଖାନାରେ ୧,୬୫,୧୬୯ ରୋଗିର ସେବା ହୋଇଥିଲା । ବଙ୍ଗପ୍ରଦେଶର ଲୋକସଂଖ୍ୟାର ଶତକରା ହିସାବରେ ବର୍ଣ୍ଣିତ ବର୍ଷରେ ଶତକଡ଼ା ୬.୩୨ ତହିଁ ପୂର୍ବ ବର୍ଷରେ ୫.୮୬ ଏବଂ ସନ ୧୮୯୭ ସାଲରେ ୪.୩୮ ଚିକିତ୍ସା ଲଭିଥିଲେ । ଅତଏବ ଦାତବ୍ୟ ଔଷଧାଳୟମାନଙ୍କର ଉପକାରିତା କ୍ରମଶଃ ବୃଦ୍ଧି ହେବାର ଦେଖାଯାଏ । କଟକ ଓ ବାଲେଶ୍ୱର ଛଡ଼ା ଅନ୍ୟ ସମସ୍ତ ଜିଲାରେ ରୋଗିର ସଂଖ୍ୟା ବୃଦ୍ଧି ହୋଇଥିଲା । ପୂର୍ବ ବର୍ଷଠାରୁ ଏ ବର୍ଷରେ ସ୍ୱାସ୍ଥ୍ୟ ମଧ୍ୟମ ଥିଲା । ଜ୍ୱର, ଓଲାଉଠା, ରକ୍ତାତିସାର ଅତିସାର ପ୍ରଭୃତି ରୋଗ ବଢ଼ିଥିଲା ଏବଂ ବସନ୍ତ ରୋଗ ମଧ୍ୟ ବଢ଼ିଥିଲେ ସେପ୍ରକାର ଅନ୍ତ ରୋଗୀ ଡାକ୍ତରଖାନାର ଆଶ୍ରୟ ନେଇଥିଲେ । କଲିକତାର ଡାକ୍ତରଖାନାର ମୋଟ ଆୟ ଟ ୧୬,୭୩,୯୬୭୮୬ ମଧ୍ୟରେ ଗବର୍ଣ୍ଣମେଣ୍ଟ ଟ ୯,୧୦,୨୩୭ ଟଙ୍କା ଦେଇଥିଲେ । କଲିକତା ସହର ଛଡ଼ା ଅନ୍ୟ ସମସ୍ତ ଡାକ୍ତରଖାନାର ମୋଟ ଆୟ ଟ ୧୩,୧୬,୨୦୦ ଟଙ୍କା ଥିଲା ଏବଂ ତହିଁ ମଧ୍ୟରୁ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ଟ ୧,୩୦,୨୭୬ ଟଙ୍କା ଥିଲା । ତହିଁ ପୂର୍ବ ବର୍ଷରେ ମୋଟ ଆୟ ଓ ସରକାରଙ୍କ ସାହାଯ୍ୟ ଯଥାକ୍ରମେ ଟ ୧୧,୧୩,୫୬୯ ଟଙ୍କା ଓ ଟ ୧,୧୩,୨୧୬ ଟଙ୍କା ଥିଲା । ଗତ ବର୍ଷର ବ୍ୟୟ ଟ ୧୦,୪୦,୬୮ ଟଙ୍କା ଏବର୍ଷର ବ୍ୟୟ ଟ ୧୧,୧୦,୨୫୮ ଟଙ୍କା ହୋଇଥିଲା । ଅତଏବ ଆୟ ଓ ବ୍ୟୟ ଉଭୟ ବଢ଼ିଅଛି । ମୋଟ ଆୟ ମଧ୍ୟରେ ସରକାରୀ ଦାନର ଅଙ୍କ ଉପରେ ଲେଖାଯାଇଅଛି । ଲୋକଲଫଣ୍ଡ ସମୂହ କି ତହିଁ ମଧ୍ୟରେ ଜିଲା ବୋର୍ଡର ଭାଗ ଅଧିକ ଟ ୩,୬୩,୫୧୧ ଟଙ୍କା ମିଉନିସିପାଲିଟି ସମୂହ ଟ ୨,୪୦,୫୪୬ ଟଙ୍କା ଏବଂ ଇଉରୋପୀୟ ଓ ଦେଶୀୟ ଲୋକଙ୍କର ଚାନ୍ଦା ଟ ୩,୬୪୬୯୬ ଟଙ୍କା ହୋଇଥିଲା । ଏ ସମସ୍ତ ସ୍ଥଳରେ ଏବର୍ଷର ଅଙ୍କ ଗତବର୍ଷଠାରୁ ଅଧିକ ଅଟେ । ଗତ ବର୍ଷ ସହିତ ତୁଳନାରେ ଇଉରୋପୀୟମାନେ ଟ ୩,୮୧୧ ଟଙ୍କା ଏବଂ ଦେଶୀୟମାନେ ଟ ୫୭,୫୩୨ ଟଙ୍କା ଅଧିକା ଚାନ୍ଦା ଦେବାର ଦେଖାଯାଏ । ଏହି ହିସାବରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଗବର୍ଣ୍ଣମେଣ୍ଟଙ୍କର ସାଧାରଣ ଚିକିତ୍ସାର ବ୍ୟୟ ଏକ ଦଶମାଂଶରୁ ଅଧିକ ନୁହେ । ଏହା ଯେତେକ ବିଷୟ ନୁହେ । ସରକାରୀ ତହବିଲରୁ ଅନ୍ତତଃ ମୋଟ ବ୍ୟୟର ଏକ ଚତୁର୍ଥାଂଶ ବା ପଞ୍ଚମାଂଶ ବ୍ୟୟ ହେବାର ଉଚିତ । ତାହା ହେଲେ ଅନେକ ନୂତନ ଡାକ୍ତରଖାନା ଫିଟି ପାରନ୍ତା ଏବଂ ଅଧିକ ଅନେକ ଲୋକ ରୋଗର ହାତରୁ ରକ୍ଷା ପାନ୍ତେ । ମୋଫସଲର ଅନେକ ସ୍ଥାନରେ ଚିକିତ୍ସା ବିନା ଲୋକେ ଦୁଃଖ ପାଉଥିବାର କାହାରିକି ଅଜଣା ନାହିଁ ।

ଓଡ଼ିଶାର ଚିକିତ୍ସାଳୟମାନଙ୍କର ନାମ ଓ ପ୍ରତ୍ୟେକର ବର୍ଣ୍ଣିତ ବର୍ଷର ମୋଟ ରୋଗି ସଂଖ୍ୟା ବ୍ୟୟ ନିମ୍ନେ ପ୍ରଦର୍ଶିତ ହେଲା ଯଥା—

ନାମ	ଭିତର ରୋଗୀ	ମୋଟ ରୋଗୀ	ବ୍ୟୟ
କଟକ			
କଟକ ଜେନେରଲ	୧,୦୩୪	୧୪,୩୧୧	ଟ ୭,୮୮୧
" ଧାଙ୍ଗ	୦	୨୦,୩୯୬	ଟ ୧,୦୧୬
,, ଉପଚାରସ୍ଥଳ	୦	୮୯୨	ଟ ୧୪୯୪
ଜାଜପୁର	୫୧	୭୨୨୯	ଟ ୯୨୩
କେନ୍ଦ୍ରାପଡ଼ା	୨୭୩	୮,୪୮୬	ଟ ୨୧୨୦
କେନ୍ଦ୍ରାପଡ଼ା	୭୧	୭୪୫୪	ଟ ୧୧୮୦
ଧର୍ମଶାଳା	୦	୨,୩୨୩	ଟ ୧୩୩୬
ନୟାବଜାର	୩	୭୦୮୭	ଟ ୧୦୧୮
ମାର୍କି	୦	୨୮୮୪	ଟ ୯୧୯
କଣ୍ଡା	୦	୨୭୧୭	ଟ ୭୯୦
ଅନନ୍ତପୁର	୦	୪,୭୩୮	ଟ ୧୩୧୨
ଜଗତସିଂହ	୦	୬,୨୨୭	ଟ ୬୬୦
ମଧୁପୁର	୦	୩୯୦	ଟ ୪୪୭
କୁଜଙ୍ଗ	୦	୪୨୮	ଟ ୮୩୪
ପାଟକୁରା	୦	୬,୩୯୦	ଟ ୮୨୯
ସାଲିପୁର	୦	୪,୬୦୦	ଟ ୮୨୩
ମୋଟ	୧୫୩୨	୧,୧୯,୨୦୭	ଟ ୨୬,୩୬୮

ଜିଲେ ବାଲେଶ୍ୱର	ଭିତର ରୋଗୀ	ମୋଟରୋଗୀ	ବ୍ୟୟ
ବାଲେଶ୍ୱର	୩୮୦	୩୮୪୦	ଟ ୩୮୮୭
ବାଲେଶ୍ୱର ସ୍ତ୍ରୀ ଡା	୧	୪୫୫୦	ଟ ୧୩୨୫
ଭଦ୍ରକ	୮୫	୪୭୨୮	ଟ ୧୫୧୦
ଜଳେଶ୍ୱର	୮୪	୩୧୧୨	ଟ ୧୬୮୩
ସୋରୋ	୦	୪୩୧୨	ଟ ୮୦୩
ଜଳେଶ୍ୱର	୦	୪୨୮୩	ଟ ୧୦୨୪
ଜାଜପୁର	୦	୪୩୧୦	ଟ ୭୧୮
[illegible]	୦	୪୪୭୪	ଟ ୮୩୩
ଭଦ୍ରକ	୦	୩୦୬୪	ଟ ୧୩୧୩
[illegible]	୦	୪୦	[illegible]
ମୋଟ	୭୦୭	୩୫,୨୮୦	ଟ ୧୨,୬୬୯

ଅନୁଗୁଳ ଜେଲ			୦
ଅନୁଗୁଳ	୧୧୧	୭୩୮୦	ଟ ୪୯୧୪
କିନ୍ଦ୍ରପଡ଼ା	୦	୨୬୯୭	ଟ ୧୭୮୧
ଛତ୍ରପଡ଼ା	୦	୧୭୩୦	ଟ ୯୮୪
ମୋଟ	୧୧୧	୧୧,୮୦୭	ଟ ୭,୬୮୦

ପୁରୀଜିଲା			
ପୁରୀ	୨,୧୫୫	୨୦,୩୩୪	ଟ ୬୪୨୭
ଖୋର୍ଦ୍ଧା	୧୦୨	୭୨୨୪	ଟ ୮୧୯
ପିପିଲି	୨୧	୪,୦୫୪	ଟ ୧୨୦୭
ଭୁବନେଶ୍ୱର	୩୨	୩୮୫୦	ଟ ୨୦୩୨
କଣସ	୩	୬୪୦୧	ଟ ୧୦୪୦
ସାତପଡ଼ା	୪୫	୨୮୦୮	ଟ ୧୨୫୨
ଗୋପ	୦	୩୦୫୨	ଟ ୭୫୧
ରଣପୁର	୦	୧୭୮୨	ଟ ୨୦୮
ମୋଟ		୪୨,୪୮୨	ଟ ୧୪,୩୪୪

ପୁରୀ ଜଗନ୍ନାଥ ଭଣ୍ଡାର ଦାତବ୍ୟ ଡାକ୍ତରଖାନା ବାଲେଶ୍ୱର	୦	୧୧୭୯	ଟ ୫୫୨

ଓଡ଼ିଶାରେ ବାଲେଶ୍ୱର ଛଡ଼ା ଅନ୍ୟ କୌଣସିଠାରେ ସ୍ତ୍ରୀ ଚିକିତ୍ସାଳୟ ନାହିଁ ମାତ୍ର ସଦର ଡାକ୍ତରଖାନାରୁ ସ୍ତ୍ରୀ ପୁରୁଷ ଆସୁଥିବାରୁ ସେ ଅଭାବ ଜଣା ପଡ଼ୁ ନାହିଁ ।

କଟକ ଜିଲାର ମୋଟ ବ୍ୟୟ ଟ ୨୬,୩୬୮ ମଧ୍ୟ ଟ ୭,୮୫୫ ଟଙ୍କା, ବାଲେଶ୍ୱରର ଟ ୧୨,୬୬୯ ମଧ୍ୟ ଟ ୫୧୧ ଟଙ୍କା ଏବଂ ପୁରୀ ଜିଲାର ଟ୧୪,୩୪୪ ଟଙ୍କା ମଧ୍ୟ ଟ ୧୫୨୦ ଟଙ୍କା ସରକାର ଯୋଗାଇଥିଲେ । କେବଳ ଅନୁଗୁଳ ଜିଲାର ସମସ୍ତ ବ୍ୟୟ ସରକାରଙ୍କ ହାତରୁ ପଡ଼ୁଅଛି ମାତ୍ର ଅନ୍ୟାନ୍ୟ ଅଧିକାଂଶ ଡାକ୍ତରଖାନାର ବ୍ୟୟ ସ୍ଥାନୀୟ ଚାନ୍ଦା ଏବଂ ଲୋକାଲବୋର୍ଡ ଦେଉଅଛି । ସ୍ଥାନୀୟ ଲୋକଙ୍କ ଉଦାସୀନତା ଓ ଅଭାବ ହେତୁ ପ୍ରତ୍ୟେକ ଡାକ୍ତରଖାନାର ଉନ୍ନତି ହୋଇ ପାରୁନାହିଁ । ମୂଳରେ ବୁଝିବାକୁ ହେବ ଯେ ଜିଲା ବୋର୍ଡ ମିଉନିସିପାଲିଟି ଓ ସ୍ଥାନୀୟ ଲୋକଙ୍କ ଚାନ୍ଦାରେ ଅଧିକାଂଶ ଡାକ୍ତରଖାନାର କାର୍ଯ୍ୟ ଚାଲୁଅଛି ଏବଂ ଏଥିରୁ ଦେଖାଯାଉଅଛି କି ଯେ ସମସ୍ତ ସ୍ଥାନରେ ଡାକ୍ତରଖାନା ବସାଇବାକୁ ଲୋକେ ଯତ୍ନ କରନ୍ତି ସେମାନେ ଚାନ୍ଦା ସଂଗ୍ରହ କରି ଦେଲେ ସେ ଅଞ୍ଚଳର ଚିକିତ୍ସା କଷ୍ଟ ଦୂର କରି ପାରିବେ ।

Digitized by srujanika@gmail.com

Split by PDF Splitter

ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଏ ନଗରରେ ୨।୩ ଥର ସାମାନ୍ୟ ବୃଷ୍ଟି ହୋଇଥିଲା । ଗତ ଶନିବାର ଠାଣ୍ଡା ଥିଲା ଏବଂ ଜଳ ଶୀଘ୍ର ହୋଇଥିଲା ।

ଓଲଉଠା ଏ ନଗରରୁ ଦୂରୀଭୂତ ହୋଇ ନାହିଁ ଜଣା ଯାଉଅଛି । ଏ ସପ୍ତାହରେ ଅନେକ ଲୋକ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଛି ।

ନଗରର ସ୍ୱାସ୍ଥ୍ୟ ଭଲ ଅଛି । ଜ୍ୱରର ଜ୍ୱର ଓ ପେଟର ପୀଡ଼ା ସାମାନ୍ୟରେ ଚାଲୁଅଛି ।

ଏଠା ମିଉନିସିପାଲିଟିର ଦେଓଘରମାନ ତାଙ୍କର ଜମାଖର୍ଚ୍ଚ ସାହେବ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଦ୍ୱାରା ମଞ୍ଜୁର କରୁଅଛନ୍ତି ।

ଗତ ବୁଧବାର ଗଣେଶ ପୂଜା ହୋଇଥିଲା । ସେଥିପାଇଁ ଗଣେଶ ପ୍ରତିମା ଓ ମାଟିର ଖେଳଣା ଦେଖିବାକୁ ବହୁତ ଲୋକ ଜମା ହୋଇଥିଲେ । ଅଧିକାଂଶ ପ୍ରତିମା ସ୍କୁଲ ଛାତ୍ରମାନେ ନେଇଥିଲେ ।

ଚୁଡ଼ାଘର ଏବଂ ଗୁଡ଼ି ଛତ୍ରା ବଙ୍ଗପ୍ରଦେଶର ଅନ୍ୟାନ୍ୟ ସ୍ଥାନରେ ବର୍ଷା ଅଧିକ ହୋଇଅଛି ।

ସମ୍ବଲପୁର ଜେଲ ଅନ୍ତର୍ଗତ ପାଟନା ଗଡ଼ର ମହାରାଜା ତଳସ ଗଡ଼ ସହିତ ତାଙ୍କ ଲୋକମାନଙ୍କର ଅନାବାଦ ପଡ଼ିଆ ଜମି ଦେବାକୁ ଆଦେଶ କଲେଣି । ଶୁଣିଲୁ ତାଙ୍କ ଭାଗ୍ୟରେ କି ଅଛି ଜାଣିବାକୁ ଅପେକ୍ଷା କଲେ ସେ ୫୦୦୦ ଟଙ୍କା ପୁରସ୍କାର ଦେବେ ।

ଗଞ୍ଜାମରେ ଓ ତାର ନିକଟସ୍ଥ ଷ୍ଟେସନ ପାର୍ଟ ମହାଦେବୀ ୧୬ ବର୍ଷ ବୟସରେ ଗତ ତା ୩୦ ରିଖରେ ଦେହତ୍ୟାଗ କରିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ତାଙ୍କ ମୋଟ ନାବାଳକ ଥିବାରୁ ଷ୍ଟେଟ କୋର୍ଟ ଅଫ ୱାର୍ଡସ୍ରେ ଅଛି ।

ଯାଜପୁର ସମ୍ବାଦ ।

ଗତର ଅଗଷ୍ଟମାସ ତା ୨୧ ରିଖ ଶୁକ୍ରବାର ସନ୍ଧ୍ୟାପରେ ଯାଜପୁର ବିଶ୍ୱନାଥ ଗୁରୁଙ୍କ ଜମିଦାର ଓ ଏଠା ହେଡ଼ମାଷ୍ଟର ଇଂରେଜ ସ୍କୁଲ ଶ୍ରୀ ବାବୁ ଚନ୍ଦ୍ରନାଥ ପଣ୍ଡାଙ୍କର ପୁଅ ଶ୍ରୀ ବାବୁ ବାଳାନାଥ ପଣ୍ଡାଙ୍କର ଦୋକାନରେ ଅଜ୍ଞାତ ସ୍ୱଭାବ ଚୋରୁ ତାଙ୍କ ଅର୍ଥ ନେଇ ଉକ୍ତ ଅର୍ଥ କେ ନେଇଗଲେ ତାହାଦେଲ ଅଦ୍ୟାପି, ପରେ ଉକ୍ତ ଅର୍ଥ ନୁଆଁ ଭିତରେ ସ୍ଥାନରେ ଥିବା ଜଣେ ବିଶ୍ୱା ଘରେ ଗୁପ୍ତଭାବରେ ଯୋଗାଡ଼ ହୋଇ ଚୋରୁ ନଷ୍ଟ ହୋଇଯାଇଅଛନ୍ତି ।

ଯାଜପୁର ଥାନାର ଅନ୍ତର୍ଗତ ଜାଲପୁର ମୌଜାର ଦୁଇ ଯାତ୍ରୀ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରୁଥିବା ଅପରାଧରେ ଧରା ହୋଇ କଟକଥାନାରେ ଥିବାର ଜଣାଯାଉଛି । ସେହିମାନ ପଞ୍ଚଲ ସାକ୍ଷିମାନଙ୍କର ପ୍ରମାଣ ଜବାନବନ୍ଦୀ ନେଇ ପର ଚାଲାଣ ଦେଇଅଛନ୍ତି ଅନ୍ୟ ଉକ୍ତ ମକଦ୍ଦମା ୬ ତାରିଖ ଦିନ ଯାତ୍ରୀ ଅସାମୀ ଉପରେ ମକଦ୍ଦମା ଉଠାଇ ନେବା ସାଧନ ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କଠାରୁ ଏବଂ ଟେଲିଗ୍ରାମ ଏଠାରେ ପହଞ୍ଚିଅଛି ମାତ୍ର ଉଠାଇ ନେବାର କାରଣ ଜଣା ପଡ଼ି ନାହିଁ । ଏଠାରେ ଟେଲିଗ୍ରାମ ପହଞ୍ଚିବା ବେଳକୁ ଉକ୍ତ ମକଦ୍ଦମା ଥାନା ଡାଏରୀ ଖାର୍ଜି ହୋଇ ଯାଇଥିବା ଦଫାରେ ଏପର୍ଯ୍ୟନ୍ତ ପୁନର୍ବାର ତଦନ୍ତ ଆସି ନ ଥିବାରୁ ଅସାମୀ ପୂର୍ବପରି ହାଜତରେ ଅଛି ।

କଟକର ବଜାର ଦର ।

ଚାଉଳ ମୋଟ	ଟଙ୍କା	ବଡ଼	ସେ ୧୩
,, ସରୁ	,,	,,	ସେ ୧୧
ଜାଉଳିଆ	,,	,,	ସେ ୧୨
ଖଜାମୁଗ	,,	,,	ସେ ୧୩
ଚଣକ	,,	,,	ସେ ୧୨
ବୁଟ	,,	,,	ସେ ୧୧
ବିରି	,,	,,	ସେ ୧୪
କୋଳଥ	,,	,,	ସେ ୨୩
ଖେସାରି	,,	,,	ସେ ୧୬
ବଜ୍ରମ ବଦଶୀ	,,	,,	ସେ ୧୦୪
କଙ୍ଗୁ	,,	,,	ସେ ୧୦
ରାଶି	,,	,,	ସେ ୮
ସୋରିଷ	,,	,,	ସେ ୬
ତେଲ ଜମାଟ	,,	,,	ସେ ୩
,, ସୋରିଷ	,,	,,	ସେ ୨।
,, ଗୋଲଙ୍କ	,,	,,	ସେ ୪
,, କେରାସିନ	ଏକ ଟିନ	,,	ଟ ୧ ।୩
ଘିଅ ଦେଶୀ	ମହଣ	,,	ଟ ୪୫
ଗୁଡ଼	ଟଙ୍କା	,,	ସେ ୬୨
ନବାତ	,,	,,	ସେ ୩୨
ଚିନି	,,	,,	ସେ ୪
ଲୁଣ	,,	,,	ସେ ୬୨
ଜିରା	,,	,,	ସେ ୨
ହଳଦୀ	,,	,,	ସେ ୫୨
ଲଙ୍କାମରିଚ	,,	,,	ସେ ୩୨
ପାଟର ସୂତା	ହନ୍ଦର	,,	ଟ ୨୩।୦
ଲଟାସୁନା	,,	,,	ଟ ୨୪୩
ରୂପା	ସ ୧୦୦ ଭ	,,	ଟ ୭୨।୪
କଂସା	ସେର	,,	ଟ ୧୩।୦
ପିତଳ	,,	,,	ଟ ୫।
ଟିଂସା	,,	,,	ଟ ୦।୬
କମ୍ପାନି କାଗଜ	୩୨ ସୁଦ	ଶତକଡ଼ା	୧୦୧

ପତ୍ରପ୍ରେରକଙ୍କ ଉକ୍ତି ।

ଶ୍ରୀ ଅର୍ଦ୍ଧେନ୍ଦୁଚରଣ ପଟ୍ଟନାୟକ—ବାଲିଅନ୍ତାନବାସୀ ଡାକ୍ତର ସତ୍ୟବାଦୀ ମହାନ୍ତିଙ୍କ ପିତା ବାବୁ ଶ୍ୟାମଚରଣ ମହାନ୍ତି ଗତ ତା ୧୬ ରିଖରେ ୬୫ ବର୍ଷ ବୟସରେ ପରଲୋକ ଗମନ କରିବାର ଦୁଃଖର ସହିତ ଜଣାଇଅଛନ୍ତି । ଗଣିତ ବିଦ୍ୟାରେ ତାହାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା ଏବଂ ସେ ବଡ଼ ଧାର୍ମିକ ଓ ସଦାଚାରସମ୍ପନ୍ନ ଥିଲେ । ସେ ମୃତ୍ୟୁପର୍ଯ୍ୟନ୍ତ ଚିନ୍ତାଚଳ କରିପାରୁ ଥିଲେ ଏବଂ ଶ୍ରୀମଦ୍ଭାଗବତ ପାଠ କରୁ କରୁ ପ୍ରାଣତ୍ୟାଗ କଲେ ।

G. C, Das ପୁଷ୍ପାଞ୍ଜଳି ଦସ୍ତାବଯାର ଲିଙ୍ଗପୁର ଓ ବାଲକାଟି ଘାଟମାନଙ୍କରେ ଉପଯୁକ୍ତ ନାଉରୀ ନ ଥିବାରୁ ଯାତ୍ରୀମାନେ ସର୍ବଦା ସର୍ବଦା ହାଲ ପଡ଼ୁଅଛନ୍ତି ବଡ଼ କଷ୍ଟ ପାଉଥିବାର ଲେଖିଅଛନ୍ତି । ଘାଟପାର କଷ୍ଟ ଦେଖି୨ ଅମ୍ଭେମାନେ ଥକିଲୁଣି । ଗ୍ରାମବାସିମାନେ ପୁନଃ୨ ଜଣାଇବାରୁ ସ୍ୱାସ୍ଥ୍ୟର ଦରଖାସ୍ତ ପଠାଇବା ଉଚିତ । ତାହାହେଲେ ଘାଟ ଇଜାରାଦାରମାନଙ୍କର ଚକ୍ଷୁ ଫିଟିବ ଏବଂ ଲୋକ ଲାଭ ହେବାର ସମ୍ଭାବନା ହେବ ।

ଗଞ୍ଜାମ ସମିତିର ଦର୍ଶକଙ୍କର ଉତ୍ଥକଉଳୟ ଜଣେ ପାଠକ—ଗତ ଗଞ୍ଜାମସମିତି ଦେଖିବାକୁ ଯାଇ ସମିତିର ବହିଷ୍କୃତ ସଭ୍ୟମାନଙ୍କର ଦସ୍ତଖତଯୁକ୍ତ ଶ୍ରୀଯୁକ୍ତ ଗୋପୀନାଥ ଶାସ୍ତ୍ରୀଙ୍କୁ 'ଉତ୍କଳ ବିନୋଦ' ଉପାଧିର ସାର୍ଟିଫିକେଟ ପ୍ରଦାନ କରିବାର ଦୃଶ୍ୟ ଦେଖି ଏବଂ ତାହାଙ୍କର ଉତ୍କଳ ପ୍ରୀତିର କଥା ଶୁଣି ବଡ଼ ଆନନ୍ଦିତ ହୋଇଥିଲେ । ମାତ୍ର ତେଲଙ୍ଗାମାନେ ଓଡ଼ିଆଙ୍କ ପକ୍ଷ ଅଟନ୍ତି ଗାଡ଼ିଟାଏ ଗୋଳ ପେଲଦେବା ଅଭିପ୍ରାୟରେ ଯେତେପ୍ରକାରେ ଯେତେଲୋକଙ୍କୁ କଣ୍ଢାଇ ଦସ୍ତଖତ କରାଇନେବା ପ୍ରସଙ୍ଗରେ 'ଗଞ୍ଜାମ ହିତବାଦିନୀ' ଜାଣି ଭଲହେବାର ମର୍ମ ବୁଝି ନ ପାରି ବ୍ୟସ୍ତହୋଇ ପଚାରିଅଛନ୍ତି କି ଓଡ଼ିଆ ପ୍ରୀତିଟା ଉପାଧି ଲାଭରେ ଶେଷ ହୋଇଗଲା କି ?

ଶ୍ରୀ କାହ୍ନୁଚରଣ ମହାନ୍ତି ସମ୍ପାଦକ । ପ୍ର ।—ହରିହରପୁର ବାଲିଆ ଡାକଘର ଏଲାକା କାଉଡ଼ି ଗ୍ରାମରେ ହୁଇମାସ ହେଲା ହରିହର ହରିଭକ୍ତିଦାୟିନୀ ନାମରେ ଗୋଟିଏ ସଭା ପ୍ରତିଷ୍ଠିତ ହୋଇଅଛି । ପ୍ରତି ରବିବାର ଓ ଗୁରୁବାର ସଭାର ଅଧିବେଶନ ହୁଏ । ପ୍ରଥମେ ପୁରାଣ ପାଠ ତହୁଁପରେ ସାଂସାରିକ ନାନା କାର୍ଯ୍ୟକଳାପର ଉନ୍ନତିର ଚର୍ଚ୍ଚା ଏବଂ ଶେଷରେ ସଙ୍ଗୀତ ଓ ସଂକୀର୍ତ୍ତନ ହୋଇ ସଭା ଭଙ୍ଗ ହୁଏ । ଏହି ଅନୁଷ୍ଠାନରେ ଧର୍ମ ଅର୍ଥ ଓ ଆମୋଦ ସଂଯୁକ୍ତ ହୋଇଥିବାରୁ ଏହା ଗ୍ରାମବାସୀଙ୍କର ଅନେକ ହିତସାଧନ କରିବାର ଆଶା କରାଯାଏ । ଅମ୍ଭେମାନେ ଏ ସଭାର ଦୀର୍ଘଜୀବନ କାମନା କରୁଁ । ନାନା ଗ୍ରାମରେ ଏପରି ସଭା ହେବା ବାଞ୍ଛନୀୟ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏ ବର୍ଷ ଶ୍ରୀ ଗୁଣ୍ଡିଚାଯାତ୍ରା ଜୁନ ତା ୨୬ ରିଖ ଶୁକ୍ରବାର ଦିନ ହେବ ବୋଲି ସାମନ୍ତ ଆଉ ଖଡ଼ଗଡ଼ଙ୍କ ପାଞ୍ଜିରେ ଲେଖା ଥିଲା । ପୁଣି ଶନିବାର ଦିନ ହେବ ବୋଲି, ଖଡ଼ଗଡ଼ି ପାଞ୍ଜିରେ ଉଲ୍ଲିଖିତ ଥିଲା । ଏ ପରି ଭିନ୍ନ ୨ ପାଞ୍ଜିରେ ଭିନ୍ନ ୨ ମତ ପ୍ରକାଶ ଥିବାରୁ ଅମ୍ଭେମାନେ ସନ୍ଦେହ

Digitized by srujanika@gmail.com

Split by PDF Splitter

ହୋଇ ସ୍ଥାନୀୟ ପଣ୍ଡିତ ଅଉ ସ୍ମାର୍ତ୍ତମାନଙ୍କୁ ପଚାରିବାରୁ ସେମାନେ ତାଲଦ୍ୱୀପ ଆଉ ଅନ୍ୟାନ୍ୟ ପୁସ୍ତକ ଦେଖି ନିମ୍ନଲିଖିତ ଶାସ୍ତ୍ରୀୟ ପ୍ରମାଣକୁ ଶୁକ୍ରବାର ଦିନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା 'ହେବ ବୋଲି ପରାମର୍ଶ ଦେବାରୁ ଏ ପ୍ରଦେଶରେ ଶୁକ୍ରବାରଦିନ ଶ୍ରୀଗୁଣ୍ଡିଚା ଉତ୍ସବ କଲୁଁ ।

ଶାସ୍ତ୍ରୀୟ ପ୍ରମାଣ ଯଥା—

ତାଲଦ୍ୱୀପେ ମାଧବାଚାର୍ଯ୍ୟଃ—

ପୂର୍ବେଦ୍ୟୁରପରା ପ୍ରାତଃ ପରେଦ୍ୟୁସ୍ତ୍ରିମୁହୂର୍ତ୍ତଗା ସା ଦ୍ୱିତୀୟା ପରେ ଯୋଷା ପୂର୍ବାବିଦ୍ଧା ଭବେତ୍ପରା ।

ପରଦିନେ ତ୍ରି ମୁହୂର୍ତ୍ତ ବୋଲିଲେ ଦ ୬ଣ୍ଡ ନ ଥିବାରୁ ପୂର୍ବବିଦ୍ଧପ୍ରକାରେ ଗୁଣ୍ଡିଚାଯାତ୍ରା କର୍ତ୍ତବ୍ୟ । ମାତ୍ର ଶରଗଡ଼ ପାଞ୍ଜିକାର ଶନିବାରଦିନ ହେବ ବୋଲି ଲେଖିଥିବାରୁ ତାଙ୍କ ପାଞ୍ଜିରେ ସେ ଦିନ ଦ୍ୱିତୀୟା ଦ ୪ ଣ୍ଡ ଥିବାରୁ ବାକ୍ୟକୁ ନ ପାଇବାରୁ ଉକ୍ତ ଦିନରେ ଶ୍ରୀଗୁଣ୍ଡିଚାର ହେବାର ଅନୁଚିତ ।

" ରଥଯାତ୍ରେ ତଥୈ କାର୍ଯ୍ୟା ସଦା ସା ପ୍ରୀତଯେ ମମ "

ଏହି ବାକ୍ୟକୁ କେବଳ ତିଥି ଗ୍ରହଣ କରାଗଲା

ଦ୍ୱିତୀୟାର ଉତ୍ସବ ମଧ ଏହି ବାକ୍ୟ ପ୍ରକାରେ କରାଗଲା । ତ୍ରୟକରୂପ ଶ୍ରୀଗୁଣ୍ଡିଚା ଯାତ୍ରା ହେବାରୁ ପୂର୍ବବିଦ୍ଧା ଗ୍ରହଣ ହେବାର କର୍ତ୍ତବ୍ୟ ।

ଏପରି ସ୍ଥଳେ ଶରଗଡ଼ ପାଞ୍ଜିକାର ମହାଶୟ ଶନିବାର ଦିନ ଶ୍ରୀ ଗୁଣ୍ଡିଚା ଯାତ୍ରା ହେବାର ଆପଣା ପାଞ୍ଜିରେ ଲେଖିଥିଲେ ସେ ସେଥିର ମୀମାଂସା କରି ଶାସ୍ତ୍ରୀୟ ପ୍ରମାଣ ଦେଇ "ପ୍ରଜାବନ୍ଧୁ" ଆଉ ଅନ୍ୟାନ୍ୟ ଉତ୍କଳ ସମ୍ବାଦ ପତ୍ରମାନଙ୍କରେ ଜଣାଇ ବାଧିତ କରିବେ । ଇତି

ଶ୍ରୀ ଜଗନ୍ନାଥ ତ୍ରିପାଠୀ
। ଗ୍ରା । ବ୍ରହ୍ମପୁର-ଧୂଆଁ ଗ୍ରାମ

ମହାଶୟ !

ଆପଣଙ୍କ ଉତ୍କଳ ବିଖ୍ୟାତ ପତ୍ରିକାରେ ନିମ୍ନ ଲିଖିତ ପଂକ୍ତି ଗୁଡ଼ିକୁ ସ୍ଥାନ ଦାନ କରି ଉପକୃତ କରିବା ହେବେ ।

। ପ୍ର । ଯାଜପୁର ଟାଉନ ଯାଜପୁର । ମୌ । ଦେବୀ ଦୁଆରରେ ଅତି ପ୍ରାଚୀନ କାଳ ବିରଜମାତା ଥିବା ସମସ୍ତ ହିନ୍ଦୁମାନଙ୍କ ଅବାଧ ଜାଣିଥିବା ଠାକୁରାଣୀଙ୍କର ସେବକମାନେ ଲୋଭ ପରବଶ ହୋଇ ମହାମାୟୀ ଠାକୁରାଣୀଙ୍କ ସ୍ଥାବରାସ୍ଥାବର ସମ୍ପତ୍ତିମାନଙ୍କ ମଧ୍ୟରୁ ବେଢ଼ାଘର ଓ ଭଣ୍ଡାର ଓ ଅମାର ଓ ତହିଁରେ ଥିବା ଜିନିଷମାନ ନେଇ ଆତ୍ମସାତ୍ କରିବା ଓ ଦେବତ୍ତର ଦେବୋତ୍ତର ସମ୍ପତ୍ତି ବନ୍ଧକ ଓ ଚିରସ୍ଥାୟୀ ପଟା ଦେବା ଏବଂ ମହାମାୟୀ ଠାକୁରାଣୀଙ୍କର ସେବା ପୂଜା ଅତି କଷ୍ଟ ତହିଁରେ ବ୍ୟାଘାତ ଜନ୍ମାଉଥିବା ଉପଲକ୍ଷେ ସଃ ଡିଃ ଇର ଷ୍ଟାମ୍ପ ଡେପୋଟି ମେଜେଷ୍ଟ୍ରର ଓ ଡେପୋଟୀ କଲେକ୍ଟର ଶ୍ରୀବାବୁ ପୂର୍ଣ୍ଣଚନ୍ଦ୍ର ମୌଲିକ ମହାଶୟଙ୍କ କଚେରୀରେ ଗୋଟିଏ ଦେବାନି ଦରଖାସ୍ତ ହୁଅନ୍ତେ ତାହାଙ୍କ ପ୍ରଶଂସିତ ଦୟାଳୁ ଏବଂ ଧାର୍ମିକ ବ୍ୟକ୍ତି ଥିବା ପ୍ରଯୁକ୍ତ ଏ ବିଷୟ ତଦନ୍ତ କାନୁନ ଗୋ ଶ୍ରୀବାବୁ ଯଶୋମନ୍ତ ଦାସଙ୍କୁ ତଦନ୍ତ ନେବା ପାଇଁ ଆଦେଶ ଦଅନ୍ତେ ସେ ତଦନ୍ତ ନେଇ ଆସିବାର ପରଦିନ କଲେ। ଠାକୁରାଣୀଙ୍କର ପଣ୍ଡାମାନେ ଏବଂ ଟାଉନସ୍ଥ ପ୍ରଭୃତି ସାଧାରଣ ଲୋକମାନେ ଠାକୁରାଣୀ ମହାମାୟୀଙ୍କର ସେବା ପୂଜା ଏବଂ ସମ୍ପତ୍ତିରେ ବ୍ୟାଘାତ ଜନ୍ମୁଅଛି । ତାହା ନିବାରଣ ଅଭିଲାଷେ ଉପଯୁକ୍ତ କଟକରୁ କମେଟି ମୁକରର କରି ଦେବା ଉପଲକ୍ଷେ ତା ୫ ରୀ ଦରଖାସ୍ତ ସବଡିଭିଜନ ଅଫିସରଙ୍କ କଚେରୀରେ ଦାଖଲ କରିଅଛନ୍ତି ଏବଂ ସବଡିଭିଜନ ଅଫିସର ପ୍ରଶଂସିତ ଉକ୍ତ ସେବା ପୂଜା ଓ ସମ୍ପତ୍ତି ରକ୍ଷା ସମ୍ବନ୍ଧେ ଆଲୋଚନା କରୁଅଛନ୍ତି । ଆଶା କରୁଁ ସବଡିଭିଜନ ଅଫିସର ସ୍ୱୟଂ କିମ୍ବା ତାଙ୍କ ପ୍ରାର୍ଥନାମତେ ଶ୍ରୀଯୁକ୍ତ କଲେକ୍ଟର ସାହେବ କିମ୍ବା ଶ୍ରୀଯୁକ୍ତ କମିଶନର ସାହେବ କିମ୍ବା ଶ୍ରୀଯୁକ୍ତ ଲାଟସାହେବ ବଙ୍ଗଳା ଠାକୁରାଣୀଙ୍କ ସେବା ଓ ସମ୍ପତ୍ତିର ସୁରକ୍ଷା ନିମନ୍ତେ କମେଟି ମୁକରର କରି ସର୍ବସାଧାରଣ ହିନ୍ଦୁମାନଙ୍କର ଭାବନା ଦୂର କରନ୍ତୁ । କମିଟି ବନ୍ଦୋବସ୍ତ ପ୍ରତି ପୂଜାରୀ ଓ ସର୍ବସାଧାରଣମାନଙ୍କର କିଛି ଆପତ୍ତି ନାହିଁ ।

ନିବେଦକ

ଯାଜପୁର ଟାଉନବାସୀ ଜଣେ ଗରିବ ହିନ୍ଦୁ ।

☞ ଯାଜପୁରର ଭୂତପୂର୍ବ ସବ ଡିଭିଜନାଲ ଅଫିସର ସଂସ୍କୃତ ଜ୍ଞାନ ଦେବାର କାର୍ଯ୍ୟ ଅନ୍ୟାନ୍ୟ ଉପାୟ ଅବଲମ୍ବନ କଲେ ଗ୍ରାମଦେବୀ ଠାକୁରାଣୀଙ୍କ ସେବା ଓ ସମ୍ପତ୍ତି ରକ୍ଷା ହେବ ଏବଂ ଅନ୍ୟାନ୍ୟ ଦେବ ଦେବୀଙ୍କ ସେବାରେ ନଦ କବାଟିର ପଥ ପରିଷ୍କୃତ ହେବ । କେବଳ ଦ୍ୱାରମାନ ଉପରେ ଚର୍ଚ୍ଚିତ ଦର ଦୈନିକ ରହିଲେ ହାଣ୍ଡୋଖାଇ ହେବ ନାହିଁ ।—ସମ୍ପାଦକ

ମୂଲ୍ୟପ୍ରାପ୍ତି !

ବାବୁ ଦଧିବେଦ ଲାଲ ଦାସ	ଫୁଲବେଡ଼ା	୫	୧
,, ଦଣ୍ଡପାଣି ମିଶ୍ର	କଟକଧା	୫	୧୫
,, ଭାଗୀରଥି ପ୍ରଧାନ	ଖାଇଘରଣୀ	୫	୩
,, ମଧୁସୂଦନ ଶତ୍ରୀ	ମଧୁବନ	୫	୧
ଶ୍ରୀଯୁ ମ, ନୀଳମଣି ଦେବ	ପାରଳାକିମେଡ଼ି	୫	୩
ବାବୁ ଚିନ୍ତାମଣି ଦତ୍ତ ବେହେରା	ଚମ୍ପୁଆପଡ଼	୫	୩
,, ଜଗନ୍ନାଥ ପଟ୍ଟନାୟକ ଓ ବୈଷ୍ଣବଚରଣ			
	ଜଗତ୍ପୁର	୫	୧

ବିଜ୍ଞାପନ ।

ଅମ୍ଭେ କୃଷ୍ଣପାତ୍ର ଓ ଦଳପତରୁ ପାତ୍ର । ଗ୍ରା । ଜଳେଶ୍ୱରପୁର । ପ୍ର । ଶୁକ୍ରତା । ମୁ । ଥି । ତଟକ ପୋଷ୍ଟ ଅଫିସ କୁଆଁପାଳ ଏତଦ୍ୱାରା ଜଣାଉଅଛୁଁ ଯେ ଅମ୍ଭେମାନେ ଓ ଅମ୍ଭମାନଙ୍କର ଭାଇ ଓ ବନ୍ଧୁ ଆଦି ନିମ୍ନ ଲିଖିତ ବ୍ୟକ୍ତିମାନେ ଯଥା କାଳିପଣ୍ଡା ଓ ଅନନ୍ତରାମ ପଣ୍ଡା ଓ ଦାମୋଦର ପଣ୍ଡା ଓ ପ୍ରାଣକୃଷ୍ଣ ପଣ୍ଡା ଓ ଗୋପୀନାଥ ପଣ୍ଡା । ଗ୍ରା । କୁରୁଡ଼ାଙ୍ଗ ମହାଶୟ ପଟଣା । ପ୍ର । କରମୂଳମାନଙ୍କଠାରୁ କୌଣସି ପ୍ରକାର ଦସ୍ତାବିଜ କିମ୍ବା ଖାତାଦ୍ୱାରା ଟଙ୍କା କିମ୍ବା ଧାନ କରଜ ନେଇ କରି ନାହୁଁ କିମ୍ବା ଅମ୍ଭମାନଙ୍କ ଜମିର ମାଲଗୁଜାରୀ ଧାନ କିମ୍ବା ଟଙ୍କା କେହି ଦେଇ ନାହିଁ ଅମ୍ଭମାନଙ୍କର ସେମାନଙ୍କ ସହିତ ଏକ ବର୍ଷରୁ ଊର୍ଦ୍ଧ୍ୱ ମକଦ୍ଦମା ଚାଲି ଆସୁଅଛି ସେମାନେ ଅମ୍ଭମାନଙ୍କ ନାମରେ କୌଣସି ପ୍ରକାର ଜାଲ ଦସ୍ତାବିଜ ଆଦି କରନ୍ତି ଅମ୍ଭେମାନେ ପ୍ରକାରାନ୍ତରେ ଶୁଣୁଅଛୁଁ ସେମାନେ ନେଡେଇକ ଲୋକଙ୍କ ନାମରେ ମାମଲା ଦସ୍ତାବିଜ ଆଦି କରୁଅଛନ୍ତି ଏତଦ୍ୱାରା ସେମାନଙ୍କୁ ଜଣାଇ ଦେଉଅଛୁଁ ଯେ ଯଦ୍ୟପି ସେମାନଙ୍କର ଅମ୍ଭମାନଙ୍କଠାରେ ଅନ୍ୟ କୌଣସି ପ୍ରକାର ଦେଣା ପାଉଣା ଥାଏ ତେବେ ସେମାନେ ଅଦ୍ୟ ତାରିଖଠାରୁ ଏକ ସପ୍ତାହ ମଧ୍ୟରେ ଉଚିତ ଅଦାଲତରେ ଅମ୍ଭମାନଙ୍କ ନାମରେ ଅବେଦନ କରିବେ । କୌଣସି ଘର କୃତ ପାଉଣା ଅବେଦନ କଲେ ଅମ୍ଭେମାନେ ସେଥିରେ ଦାୟୀ ହେବୁ ନାହିଁ ।

ତପସିଲ ଅସାମୀ—

୧ ମାଧବ ପାତ୍ର ଓ ୨ ନାରାୟଣ ପାତ୍ର ଓ ୩ ଗୁରୁଚରଣ ପାତ୍ର ଓ ୪ ଦାମୋଦର ପାତ୍ର ୫ ରଘୁ ପାତ୍ର ୬ ସମ୍ଭୁ ପାତ୍ର ୭ ରାମ ପାତ୍ର ୮ ପରମାନନ୍ଦ ପାତ୍ର ୯ ଆନନ୍ଦ ପାତ୍ର ୧୦ ଲକ୍ଷ୍ମଣ ପାତ୍ର ୧୧ ଅର୍ଜୁନ ପାତ୍ର ୧୨ ସହଦେବ ପାତ୍ର ୧୩ ଚନ୍ଦ୍ରମଣି ପାତ୍ର ୧୪ କାଶୀନାଥ ପାତ୍ର ୧୫ବାସୁ ପାତ୍ର ୧୬ଚକ୍ରମଣି ପାତ୍ର ୧୭ ଲୋକନାଥ ପାତ୍ର ୧୮ ଉଦ୍ଧବ ପାତ୍ର ୧୯ ଗୋକୁଳ ପାତ୍ର ୨୦ ଭଗବାନ ପାତ୍ର ୨୧ଗୋବର୍ଦ୍ଧନ ପାତ୍ର ୨୨ଉଦ୍ଧବ ଦାସ ୨୩ମାଲୁଣୀ ଭଣ୍ଡାରୀ ୨୪ ସରଳ ଭଣ୍ଡାରୀ ୨୫ ସନାତନ ଭଣ୍ଡାରୀ ୨୬ ପଦ୍ମ ଭଣ୍ଡାରୀ ୨୭ ନାଥ ଭଣ୍ଡାରୀ ୨୮ ଦଇ ଭଣ୍ଡାରୀ ୨୯ଅର୍ଜୁନ ଭଣ୍ଡାରୀ ୩୦ବୈଷ୍ଣବ ଭଣ୍ଡାରୀ । ଇତି । ମାହେ ଅଗଷ୍ଟ

ତା ୨୨ ଅଗଷ୍ଟ ସନ ୧୯୦୩ ମସିହା } କୃଷ୍ଣ ପାତ୍ର ଦଳପତରୁ ପାତ୍ର

Digitized by srujanika@gmail.com

J. KIPPAX & Co.'s

PREPARATIONS.

କୁଇନସ ମେଡ଼ିକେଟେଡ ଅଏଲ ।—ଏହି ତେଲ ମୁଣ୍ଡର ବାଳ ଛିଣ୍ଡିବା, ଗାଙ୍କ ପଡ଼ିବା, ମଥାଘୂରା, ଅନିଦ୍ରା, ମୁଣ୍ଡବ୍ୟଥା, ମୁଣ୍ଡଜ୍ୱାଳା, ମସ୍ତିଷ୍କବିକୃତି ଇତ୍ୟାଦି ରୋଗରେ ଉପକାରୀ ଏଥି ଏହାଦ୍ୱାରା ମସ୍ତକ ସୁଶୀତଳ ହୁଏ । ସୁଗନ୍ଧ ତେଲ ସ୍ୱରୂପ ଗାଧୁଆ ସମୟରେ ଏହା ବ୍ୟବହୃତ ହୁଏ ।

ମୂଲ୍ୟ ଏକଶିଶି ଟ ୧୧ ଏକଟଙ୍କା

ଦଦ୍ରୁ ବା ଦାଦୁ ରୋଗର ମହୌଷଧ ।—ଏହି ମଲମ ତିନି ଚାରି ଦିବସ ବ୍ୟବହାର କଲେ ଦାଦୁରୋଗ ମୂଳରୁ ମରିଯାଏ । ଏହା ଲଗାଇଲେ ଜଳା ଯୋଡ଼ା କିଛି କଷ୍ଟ ହୁଏ ନାହିଁ ।

ଏକ ଶିଶିର ମୂଲ୍ୟ ଟ ୦ । ସାତଅଣା

ବେଦଲିନା ।—ଏହି ଔଷଧରେ ଅଜୀର୍ଣ୍ଣ, ଅମ୍ଳ, ଉଦରଜ୍ୱାଳା, ପେଟଫମ୍ପା, ଶୂଳ, ଏବଂ ପେଟର କୋଷ୍ଠବଦ୍ଧ ଓ ପେଟର ଅଧିକ ଝାଡ଼ା ଇତ୍ୟାଦି ଆରୋଗ୍ୟ ହୁଏ ।

ମୂଲ୍ୟ ପ୍ରତି ଶିଶି ଟ ୧ ।

ଆମବାତ ରୋଗର ଔଷଧ ।—ଏହାଦ୍ୱାରା ନୂତନ ଓ ପୁରାତନ ଆମବାତ ଓ ଗଣ୍ଠିବ୍ୟଥା-ଫୁଲା ଇତ୍ୟାଦି ଆରୋଗ୍ୟ ହୁଏ । ଏହା ଅଶ୍ୱ ଫଳପ୍ରଦ ଓ ବଳବର୍ଦ୍ଧକ ଆରୋଗ୍ୟ କରେ ।

ପ୍ରତି ଶିଶି ମୂଲ୍ୟ ଟ ୨।

ମାଲଟା ଔଷଧ ।—କୁଷ୍ଠରୋଗ ଅଥବା ଧବଳ ପ୍ରଭୃତି ଚର୍ମରୋଗର ଔଷଧ ।

ପ୍ରତି ଶିଶିର ମୂଲ୍ୟ ଟ ୨।

ଶ୍ୱାସ ରୋଗର କଟେଜ ଔଷଧ ।—ରୋଗ ପ୍ରବଳ ବା ସାମାନ୍ୟ ହୋଇଥିଲେ ସୁଦ୍ଧା ଏହି ଔଷଧରେ ତାହାର ଯନ୍ତ୍ରଣା ଉପଶମ ହୁଏ ।

ପ୍ରତି ଶିଶିର ମୂଲ୍ୟ ଟ ୧ ।

ଇଞ୍ଚଉଡ଼ ଅବ କାମ୍ଫର ।—ଏହା ଝାଡ଼ାବାନ୍ତି ରୋଗରେ ଚମତ୍କାର ଫଳପ୍ରଦ । କମ୍ପଜ୍ୱର ଇନଫ୍ଲୁଏଞ୍ଜା ଜ୍ୱର, ମୂର୍ଚ୍ଛା ଓ ଅଜୀର୍ଣ୍ଣର ରୋଗମାନଙ୍କର ମଧ୍ୟ ଏହା ଅବ୍ୟର୍ଥ ମହୌଷଧ ଅଟେ ।

ଅର୍ଦ୍ଧ ଆଉନ୍ସର ମୂଲ୍ୟ ଟ ୦ ।୬

ଏକ „ „ ଟ ୦ ୲୬

ଉପରଲିଖିତ ଏବଂ ଅନ୍ୟାନ୍ୟ ଔଷଧର ବିସ୍ତାରିତ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କୁ ପ୍ରାର୍ଥନା କଲେ ପ୍ରାପ୍ତ ହେବ ।

ଈଶ୍ୱରଚନ୍ଦ୍ର ଗୁପ୍ତ କମ୍ପାନି

ନ ୧୬୭ ନମ୍ବର ଧର୍ମତଳା ଷ୍ଟ୍ରିଟ,

ନ ୧ ନମ୍ବର ନିଉ ମାର୍କେଟ ଏବଂ

ନ ୪୧ନମ୍ବର ଲୁଇନରୋଡ଼ କଲିକତା ।

ଡାକ୍ତର ମେଜର ସାହେବଙ୍କ **ଇଲେକ୍ଟ୍ରୋ ସାଲସା** ଅତି ଓ ଅକୃତ୍ରିମ ; ଅତ୍ୟାଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷ ଫଳ ଅଦ୍ଭୁତ, ବହୁବର୍ଷାବଧି ସେହି

ଜଗତ୍ସାଧାରଣରେ ଚରିତ୍ରଗତ ବର୍ଣ୍ଣାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ସ୍ନାୟୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜାଜ୍ୱଲ୍ୟ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂର୍ଯ୍ୟଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ବଳ-ବୃଦ୍ଧି କରିବା ବିଷୟ ଅନ୍ୟ ଅପେକ୍ଷା କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା ଭଗବତଚନ୍ଦ୍ର ଦେଓ ଢେଙ୍କାନାଳରୁ ଲେଖିଅଛନ୍ତି—"※※※ ଉପକାର ହେବା ପୂର୍ବରୁ ଥାଉ ଏକ ବିଜ୍ଞାପନର ମୋଡ଼ରେ ପଡ଼ି "ଡାକ୍ତର" ଔଷଧ ମଗାଇଲି, ଉପକାର ହେବା ପରେ ଥାଉ ଏକ ପଢ଼ାଇ ଦେଲି ସେଥିରେ ଯାହା ଅଛି ବୋଲି ଜଣାପଡ଼ିଲା । ତୁମ୍ଭେ ଅପଣାମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ କହି ପାରିବ ନାହିଁ । ମୋତେ ଅଧିକ "ତିନି ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ଦଶପଲ୍ଲର ନରସିଂହ ଦେଓ ଗଡ଼ପୋଷ୍ଟରୁ ଲେଖିଅଛନ୍ତି—"ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" । ପରିଷ୍କାର କରି ବଳ ଶକ୍ତି ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର ସମତା ଅସୀମ ଅଟେ ।

ପ୍ରାପ୍ତିସ୍ଥାନ—ଡବଲିଉ ମେଜର ଏଣ୍ଡ କୋମ୍ପାନୀ କଲିକତା, ବମ୍ବେ ବୋମ୍ବାଇ ।

Digitized by srujanika@gmail.com

Split by PDF Splitter

ଡାକ୍ତର ମେକନ୍ ସାହେବଙ୍କର ଆବିଷ୍କୃତ ଶ୍ରେଷ୍ଠ

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଅନୁଜ୍ଞାନୁସାରେ ରେଜିଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!

ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡାକ୍ତରୀ ପ୍ରସ୍ତୁତ କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାରିକୁ ରୋଗଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା—ନିଜ ଗୁଣରେ ଧନ୍ୱନ୍ତରୀ ଜଗତରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା:—ପ୍ରତ୍ୟହ ଯେଉଁରୂପ ହଜାର ୨ ଶିଶି ବିକ୍ରି ହେଉଅଛି ତେଣୁ ବିଦେଶରୁ ସେହିପରି ପତ୍ର ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛୁ ଓ କରୁଅଛୁ ।

ଇଲେକ୍‌ଟ୍ରୋ ସାଲସା:—ଅନ୍ୟୋନ୍ୟାଶ୍ରିତ ରୂପ, ମୂଳେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ଜନ୍ମ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀରରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟକାରୀଗଣଙ୍କ ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଦମନ କରିଦିଏ । ୨୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚନା ଅନୁଭବ କରାଯାଏ, ପୁଣି ୩୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ ନବ ଉତ୍ସାହ ଓ ନବ ବଳବଳ ପ୍ରାପ୍ତ କରାଇଦିଏ

ଜୀବନନାଶୋନ୍ମୁଖ ବଳ କାର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା:—ବ୍ୟାଙ୍ଗାଳ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଘରେ ବିଦେଶରେ ପ୍ରଚଳିତ ଓ ବିକ୍ରିପିତ ହେଉଥିବା କ ସ୍ୱଦେଶୀ କ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ କୃତ୍ରିମ । ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ସେଗୁଡ଼ିକୁ ଛାଡ଼ି ଭଙ୍ଗେ କରନ୍ତୁ

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଦୃଷ୍ଟାନ୍ତ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରକ ଗୁଣ ଥିବାରୁ ହିଁ ଏହି ଅଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାବର ଜଗତରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି, ଯେଉଁଠାରୁ ଅନେକ ଔଷଧ ବ୍ୟବହାର ହେଉଅଛି ସେଠା ଅଧିବାସୀମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଜଳଜ ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ଡାକ୍ତରଖାନାରେ ଉପଯୁକ୍ତ ରୋଗୀକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସଦ୍ୟ ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଏକାଧାରରେ ଏତେ ଅଧିକଗୁଣସମ୍ପନ୍ନ ଔଷଧ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଟ ଗଣ୍ଠି ଫୁଲିବା ଲୁଣ୍ଡ୍ରେଲ ହୋଇ ଫୁଲି ଉଠିବା, ଭଗନ୍ଦର, କୁଳ ଗରମି ଓ ପାରଦ ଘା, ନାକ ଓ ତାଲୁର ଘା ଦେଖିଲେ ବା ହସ୍ତ ଓ ପାଦତଳରେ ପାଣ ଗରମିର ଚଦା ବା କଳାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପଦଂଶ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାପ ଓ କଲୁଷିତ ଶରୀର ନଷ୍ଟ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ପୁଂସ୍କାର୍ଯ୍ୟ ଦୃଢ଼ମୂଳ କରିବାକୁ—ହ୍ରାସପ୍ରାପ୍ତ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ରନଳୀରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରମାଦ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ କାର୍ଯ୍ୟ ନର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ନାୟୁଶକ୍ତିହୀନ, ମସ୍ତିଷ୍କ ଘୂରାଇବା, ଶିରର ଅସ୍ଥିରତା, କାର୍ଯ୍ୟକ୍ଷମତା, ତନ୍ଦ୍ରା ହେବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ରେ ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା:—ର ଗୁଣାବଳୀ ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ । ସଙ୍ଗେ ୨ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଗ୍ରସ୍ତ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିବ ।

ଇଲେକ୍‌ଟ୍ରୋ ସାଲସା :—ମଧ୍ୟରେ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରିପାରନ୍ତି, ଅଥଚ କୌଣସି କଠିନ ନିୟମରେ ଅବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍‌ଟ୍ରୋ ସାଲସା" ଭୂମଣ୍ଡଳର ପ୍ରକୃତ ଔଷଧ ! ଯେହେତୁ କୋଟିଏ ରୋଗୀମଧ୍ୟରେ ଅଦ୍ୟାପି ବୈଫଲ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨ ୯ ୩ ଶିଶି ଟ ୫୫

୬ ଶିଶି ଟ ୧୦ ଉପରେ ଟ ୨୦ ୯

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର ;—ଆବିଷ୍କର୍ତ୍ତା—ଡାକ୍ତର ମେକନ୍, ମେଡିକାଲ ଏମ୍, ଏ, ଏମ୍, ଡି, ଇଲେକ୍‌ଟ୍ରିସିଆନ୍, ନିଉୟର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;—'ଡବ୍ଲିଉ, ମେଡିକ ଏଣ୍ଡ କୋମ୍ପାନୀ,'' କଲିକତା,

Digitized by srujanika@gmail.com

ବିଜ୍ଞାପନ ।

ଅଲ୍ପ ଦାମରେ ଅଶ୍ରାନ୍ତ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ନିରାଶ ଜୀବନର ନୂତନ ଅବତାର ! **ଡ୍ୟାନଜୀନ !** ନିରାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ସୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଅଶ୍ରୁତପୂର୍ବ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

DANZIN

ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଅବଗତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଣ୍ଟେବଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅୟୁରଣ, ଫଷ୍ଫରସ ଓ ଡାମିୟାନା ପ୍ରଭୃତି କେତେଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ ହୋଇଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭେ ଚିନ୍ତାକର ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ! କର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ । ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏକାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର କ୍ଷମତା ଦେଖାଯାଏ । ଡ୍ୟାନଜୀନ ରୋଗ ଲୁଚି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜୀନର ଗୁଣ ପ୍ରାୟ ।

ଡ୍ୟାନଜୀନରେ—ମଦ, ଅଫିମ, କୁଇନାଇନ୍, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଅଶ୍ରୁତପୂର୍ବ ଗୁଣ ଏହି ଯେ ଔଷଧ ସେବନର ଦଶ ମିନିଟ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

ଡ୍ୟାନଜୀନରେ କ କ ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମି ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ପୂଜାପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କର, ମସ୍ତିଷ୍କ ଘୂରିବା, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ବନ୍ଧ୍ୟାତ୍ୱ ଓ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମି ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମସ୍ତକରୁ କେଶ ଝଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ଘମୁଆ, ନାଳିଘା, ଖାଉର, ଭଗନ୍ଦର, ଚାକୁ କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା, ସମସ୍ତ ଶରୀର କଣକଣ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି— ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ ଜନ୍ମିବା ବୃଦ୍ଧି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।। ୩ବୋତଲ ଟ ୪।।୦, ୬ବୋତଲ ଟ ୮।। ଙ୍କା ଓ ୧୨ବୋତଲ ଟ ୧୬।। ଙ୍କା ଖାଣ୍ଟି ୧ ଠାରୁ ୩ ବୋତଲ ଟ ୦।। ଅଣା, ୪ ଠାରୁ ୧୨ବୋତଲ ଟ ୦।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA.

ହୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା

---

୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ସୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷତିକର ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦।୵ ଡଜନ ଟ ୫।୵ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦।୵

ଡାକ୍ତର ମାର୍ଟିନଙ୍କର "ଅଲ୍ସେର ରେଷ୍ଟ"।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧।। ଡଜନ ଟ ୧୦।୵ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦।୵

ଏଜେଣ୍ଟସ—ଆଇ, ବି, ଜି ଏଣ୍ଡ କୋଂ କଲିକତା

Split by PDF Splitter

Digitized by srujanika@gmail.com

ବିଜ୍ଞାପନ ।

ବାତ୍ଥି ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇ ଅଛି । ବାସ୍ତବରେ ଯେତେ ବଡ଼ ଦୁର୍ଦ୍ଦମ୍ୟ କଠିନ ବାତ୍ଥି ହେଉନା କାହିଁକି ଏ ଔଷଧ ଚର୍ମରେ ଲାଗିବା ମାତ୍ର ସତ୍ୟ ସତ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ଅଳ୍ପ କାଳ ମଧ୍ୟରେ ଦୂରହୋଇ ଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ୦ ୦ ୫ ଅଣାମାତ୍ର ।

ସେତେବେଳର ଯେମନ୍ତ ଯାଦୁ ରୋଗ ହେଉ ପଛକେ ଲଗାଇଲା ମାତ୍ରକେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଯାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ କୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଅଦ୍ୟାବଧି ବାହାର ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରଜା, ମହାରଜା, ଜମିଦାର, ହାକିମ ପ୍ରଭୃତିଙ୍କଠାରୁ ନିତାନ୍ତ ସାଧାରଣ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପ-କାରିତା ଗୁଣରେ ମୋହିତ ହୋଇଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହିଅଛନ୍ତି ଯେ ଯଥାର୍ଥରେ ଯାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ୦ ୦ ।୵ ଅଣାମାତ୍ର ।

ଏକତ୍ରରେ କେହି ୧୨ ବା ବାର ଗୋଟି ଡବା କ୍ରୟ କରିବା ଲୋକଙ୍କୁ ବିଶେଷ ସୁବିଧା ଦିଆଯାଏ । ସମସ୍ତେ ଆପଣା ଆପଣା ନାମ, ଧାମ ଡାକଘର ଠିକ ସ୍ପଷ୍ଟରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨୫୪୩ ଶ୍ରୀ ଘନଶ୍ୟାମ ସେନ ।

ହେଡ଼ ଉତ୍କଳପ୍ରେସ, ବାଲେଶ୍ୱର ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
Agent Cuttack.

ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

ପଲେନ ପଟିଚୀପୁରେ

ଚଉଧୁରୀ ଶଙ୍କରପ୍ରସାଦ ଦାସ ଚୌଧୁରୀଙ୍କର

ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଉତ୍କୃଷ୍ଟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ସର୍ବଗୁଣାବଳୀଜ୍ଞାପକ ସୁବିଦିତ

ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜୀବନରକ୍ଷାକର ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅତି ବାୟୁଜ୍ୱର, କାଶ, ଶ୍ୱାସ, କ୍ଷୟ, ଶୂଳ ଏବଂ ଇନ୍ଦ୍ରିୟାଦିର ପ୍ରାୟ ସମସ୍ତ ପୀଡ଼ା, ଚକ୍ଷୁର ଦୋଷ ଅଙ୍ଗ ଓ ଧାତୁମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅକାଳ ବାର୍ଦ୍ଧକ୍ୟ ରୋଗମାନଙ୍କର ଅତି ଶୀଘ୍ର ନିରାମୟ ହୁଏ । ଅତ-ଶୟ ଅଧ୍ୟୟନ କରି ଅଥବା କୌଣସି ଆଘାତ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟବିକତା, ସ୍ମରଣଶକ୍ତିର ଅଭାବ

ଉଦରର ଯୋଗ୍ୟତାହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ପ୍ରକାର ପଥରେ ଅବ୍ୟର୍ଥ ମହୌଷଧ । ଏକ ମାତ୍ରାର ମୂଲ୍ୟ ଟ ୧୲ ।

୨ ୧ ୨ ୩

ଶ୍ରୀ କୃଷ୍ଣଚନ୍ଦ୍ର ବଟିକା ।

ଏହି ଔଷଧ ସର୍ବାଙ୍ଗ୍ସୁନ୍ଦର ଧାତୁରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ନାୟବିକ ଦୌର୍ବଲ୍ୟ ଶାର୍ଦ୍ଦଳ ପ୍ରକୃତ ହୋଇଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ଉତ୍କୃଷ୍ଟ ଫଳଲାଭ କରି ପାରିବେ ଏବଂ ଆୟୁର୍ବୃଦ୍ଧି ଉପଯୁକ୍ତ ହେବ । ଏହା ସମ୍ବନ୍ଧରେ ଅଧିକ ଅଭିମତ ଜଣାଇବାର । ଅନେକମାନେ ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

କଲ୍ୟାଣଗୁଡ଼ରସାୟନ ।

(ଦେଶୀୟ ଶାଳସା)

ଏଥିରେ ଶୁଦ୍ଧତଂଶ (ଭଲ୍ଲୀ) ଶର୍କରା ଦାନଦୋଷଜନିତ ଅସ୍ୱାସ୍ଥ୍ୟରେ ଦୂର ହୋଇ କଣ୍ଠ ରୋଗ ପ୍ରଭୃତି ଶୀଘ୍ର ଅରୋଗ୍ୟ ହୁଏ । ଅଧିକନ୍ତୁ ଇନ୍ଦ୍ରିୟ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର୍ଯ୍ୟ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକାଳୀନ ଛଅଶିଶି ନେଲେ ଟ ୪୲ ମାତ୍ର ।

ଚୌଧୁରୀ ବଜାର କଟକ	ଶ୍ରୀ ଶଙ୍କର ଦାସ ଚୌଧୁରୀ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

ଉତ୍କଳ ସାହିତ୍ୟର ସାମ୍ପ୍ରତିକ ଗ୍ରାହକମାନଙ୍କ ନିମନ୍ତେ ଅର୍ଦ୍ଧ ମୂଲ୍ୟ ହୋଇଅଛି, ଯଥା—

ପ୍ରଥମଭାଗ ସହିତ

ଧାତୁପାଠ	ଟ ୦ ୵
ଶବ୍ଦମୂଳ	୧ ୨ ୯
ପୂର୍ଣ୍ଣ ଏକ ସମ୍ପୂର୍ଣ୍ଣ	ଟ ୩ ୯

ମାତ୍ର ଦୋଷରହିତ ଏକାଥରେ ନେଲେ ଦଶ, ଦେଢ଼ଶ ଟଙ୍କା ଅର୍ଦ୍ଧ ୧୦ । ଟଙ୍କା ଭାଗ ହେବ ନାହିଁ ।

ଦୁଇ ଦଶ ଓ ଦୁଇଶତର ସହିତ ଅର୍ଦ୍ଧ ମୂଲ୍ୟ ଥିଲେ ଦେବା ଓ ଦୂରସ୍ଥ ଗ୍ରାହକ ଦେବେ ନାହିଁ ଏହି ପ୍ରଣାଳୀ ପ୍ରବର୍ତ୍ତିତ ହୋଇଥାଇବ ।

ଡାକମାଶୁଲ ମୂଲ୍ୟ ୨ ଗୁଣ ଅଧିକ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳପ୍ରେସରେ ଶ୍ରୀ ... ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com
Split by PDF Splitter

STERED No. C 81

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

THE UTKAL DIPIKA.

ପୁ ୩୮ ଶ } ଖ ୩୬ ସଂ }

CUTTACK, SATURDAY THE 5th September 1903.

ତା ୨୧ ଭାଦ୍ର ସନ ୧୩୧୧ ସାଲ ଶନିବାର

{ ଅଗ୍ରିମ ୮ { ପଶ୍ଚାଦେୟ ୮ ୯

NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

Oriya Alphabet and Spelling Book. For Infant Class and Standard I ...	As.	1
Oriya L. P. Science Reader	,,	3
Oriya L. P. Arithmetic ...	,,	4
Oriya U. P. Science Reader	,,	4
Oriya U. P. History Reader (Bengal) ...	,,	3
Oriya U. P. Geography Reader	,,	3
Oriya U. P. and Middle Vernacular Arithmetic ...	,,	8
Oriya U. P. Literature Book	,,	3
Oriya U. P. and M. V. Practical Geometry and Mensuration	,,	4
Oriya M. V. Science Reader	,,	7
Oriya M. V. History Reader	,,	4
Oriya M. V. Literature Book	,,	6
Oriental Drawing Books 1&2	As. 4 each	
Do. 3 and 4 ...	As	3
Macmillan's "Official" Copy Books Nos. 1, 2, 3, 4, 6, 8, 10, 12.	5 pice	
Arnold's Civil Service Copy Books Nos. 1, 2, 3, 4, 4a, 5.	5 pice	
"O. M. P." Blank Drawing Books As. 1 & As.	1	6
nior Teachers' Manual ,,	12	0
unior Teachers' Manual ,,	10	0
L. Sircars English Reader I.	4	0
Do. Do. II.	5	0
imple English Reader (Dhar)	6	0

C.L.S. School Books as follows:—

Senior Teacher's Manual	As.	12 0
Grammatical Primer	,,	2 0
Manual of English Grammar	,,	6 0
1st Standard English Book	,,	1 6
New English First Reader	,,	4 0
Do. Second ,,	,,	6 0
Do. Third ,,	,,	8 0
Do. Fourth ,,	,,	10 0
Do. Fifth ,,	,,	12 0
Do. Sixth ,,	,,	12 0

Discount allowed to Booksellers and Schools. Buyers will find it to their advantage to buy direct from the Orissa Mission Press.

For any of these books apply to:—

R. J. GRUNDY.

Supt. Orissa Mission Press,

CUTTACK.

WANTED

A Tahasil Amin for the Kothadesh Khasmahals on a salary of Rs. 20 a month. Applications with testimonials will be received by the undersigned up to the 15th September next. Preference will be given to one, who has experience in accounts, survey and settlement works. [illegible] must be ready [illegible] of Rs. 200 in [illegible]

Dated Nimapara [illegible]
The 26th August [illegible]
1903.

କଟକ ମିଉନିସିପାଲିଟିର

ବିଜ୍ଞାପନ ।

ଏତଦ୍ବାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଅଦାଲତ ଗେଟେସ୍ପିର ନିକଟ ଥିବା ପୋଖରୀର ଜଳ ଦଳ ସଢ଼ି ଦୁର୍ଗନ୍ଧ ହୋଇଯାଇଅଛି । ତାହା ପରିଷ୍କାର ନ ହେବା ପର୍ଯ୍ୟନ୍ତ ଉକ୍ତ ଜଳ ସ୍ନାନ କିମ୍ବା ଅନ୍ୟ କୌଣସି ପ୍ରକାରରେ କେହି ବ୍ୟବହାର କରି ପାରିବେ ନାହିଁ । ଇତି । ତା ୨୯ ରିଖ ଅଗଷ୍ଟ ସନ ୧୯୦୩ ମସିହା ।

—∘○∘—

ଆଜମଖାଁ ବଜାରରେ ଥିବା ମନ୍ଦଶୀପୋଖରୀ ନାମର ଏକଗୋଟି ପୁଷ୍କରିଣୀରେ ଧୋବାମାନେ ଲୁଗା କାଚିବେ ନାହିଁ । ଇଚ୍ଛା ଥିଲେ ହାଗିପୋଖରୀରେ ଲୁଗା କାଚି ପାରିବେ ।

ସନ ୧୯୦୩ ସିତମ୍ବର ମାସ ତା ୧ ରିଖ ।

ଏତଦ୍ବାରା ସମସ୍ତ ହେକେନ୍ସୀ (Hackney Carriage) ଗାଡ଼ିର ମାଲିକମାନଙ୍କୁ ଜଣା ଯାଉଅଛି ଯେ ସେମାନେ ଆପଣା ଗାଡ଼ିକୁ ଉତ୍ତମରୂପେ ରଙ୍ଗ ଓ ମରାମତି କରି ସନ ୧୯୦୩।୪ ସାଲ ନିମନ୍ତେ [illegible] ତାରିଖ ପରେ ସନ ଅ[illegible] ତା ୧ ରିଖ ରୋଜ [illegible] ମ୍ୟୁନିସିପାଲିଟୀ [illegible]

Split by PDF Splitter

Digitized by srujanika@gmail.com

Split by PDF Splitter

WANTED

An additional teacher on Rs. 40 per mensem, strong in English and History, having experience in teaching, to take up the higher classes of the Khurda H. E. School (Puri). Preference will be given to a graduate who guarantees to stick to the post for 3 years. Applications with testimonials should reach the secretary on or before the 15th September.

Khurda, 26-8-03. Sd. J. E. F. PEREIRA, *Secretary.*

ବିଜ୍ଞାପନ ।

J. KIPPAX & Co.'s PREPARATIONS.

ଯେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

୧ । ଦନ୍ତଶୋଧକ ଚୂର୍ଣ୍ଣ—(ଟୁଥ୍ ପାଉଡାର) ଦନ୍ତରୋଗର ଅବ୍ୟର୍ଥ ମହୌଷଧ । ଦନ୍ତ ହଲିବା, ଦନ୍ତମୂଳରୁ ରକ୍ତ ପଡିବା ଓ ଦନ୍ତମୂଳ ଫୁଲି ପୂଜ ପଡିବା, ମାଢ଼ିଯା ଫିଟିଯିବା ଓ ମୁଖର ଦୁର୍ଗନ୍ଧ ଇତ୍ୟାଦ ସର୍ବପ୍ରକାର ଦନ୍ତରୋଗ ନିବାରଣ କରେ ।

ମୂଲ୍ୟ ପ୍ରତିଟିନ ଟ ୦ । ୶ ଅଣା

୨ । କପାକ୍ସ ଟନିକ—ସ୍ନାୟୁ ବଳିଷ୍ଠ ଦୌର୍ବଲ୍ୟ, ହୃଦସ୍ପନ୍ଦନର ଧକଧକ, ମୁଚ୍ଛା, ଅଜୀର୍ଣ୍ଣ, ଅମ୍ଳ, ଛାତିଜାଳା, ପାକସ୍ଥଳୀରେ ଯନ୍ତ୍ରଣା, କୋଷ୍ଠବଦ୍ଧ, ଅଜ୍ଞାତେ ଜୀବନୀଶକ୍ତିର ହ୍ରାସ, ରକ୍ତର ସ୍ୱଳ୍ପତା, ଜ୍ୱରମିଶ୍ରିତ ମୂତ୍ର ପ୍ରଭୃତି ଓ ସର୍ବପ୍ରକାର ଜ୍ୱରର ଅଦ୍ଭୁତ ଅବ୍ୟର୍ଥ ମହୌଷଧ । ସ୍ନାୟୁ ସମ୍ବନ୍ଧୀୟ ଦୌର୍ବଲ୍ୟର ଏହା ଅମୂଲ୍ୟ ଔଷଧ । ଉକ୍ତ ରୋଗରୁ ଆରୋଗ୍ୟ ହୋଇବେ ବଳସଞ୍ଚାରକରିବା ପକ୍ଷରେ ବିଶେଷ ଫଳଦାୟକ ।

ପ୍ରତି ଶିଶିର ମୂଲ୍ୟ ଟ ୨୲

[illegible] । ପିଲଙ୍କ ଦାନ୍ତଉଠା ;—ବାଲ୍ୟକାଳର [illegible] ସୁନ୍ଦରରୂପ ଦାନ୍ତ ଓ ଉତ୍ତ [illegible] ଉଦ୍ୟମ ସାମର୍ଥ୍ୟ ବୃଦ୍ଧି [illegible] ଔଷଧ ।

NOTICE.

ପାଲଲହଡ଼ା ଷ୍ଟେଟ ଅନ୍ତର୍ଗତ ରଙ୍ଗଦେଶ ଜଙ୍ଗଲ ମୂସ୍କରବେଡ଼ା ଅମାରରୁ ଚଳିତ ବର୍ଷରେ ଉକ୍ତ ଶୁର ଦକାର ଟଙ୍କାର ଧାନ ବିକ୍ରି ହେବ । ଦର ଫି ଭରଣକୁ ପାଞ୍ଚମାଣିଆ ଗୌଣିରେ ଟ ୮ । ୧ ଙ୍କା ପଡିବ । ଯାହାର ନେବାର ଇଚ୍ଛା ସେ ଏଠି ଅଫିସକୁ ଅକ୍ଟୋବର ମାସ ଶେଷ ସୁଦ୍ଧା ଦରଖାସ୍ତ କରିବ । ଯାକ ବ୍ରାହ୍ମଣୀ ନଦୀରେ ଆସନ୍ତା ଡିସେମ୍ବରମାସ ପର୍ଯ୍ୟନ୍ତ ନୌକାଦ୍ୱାରା ସହଜରେ ଡଙ୍ଗାଦ୍ୱାରା ଯାଇପାରେ ।

Manager's office
Pal Lahara
24—8—03.

M. YUSUF,
Offg. manager
Pal Lahara State.

ଚମତ୍କାର ସଉଦା !

ବିଲାତିହାର ବୃତ୍ତାନ୍ତ !

ପୂଜାସମୟରେ ଅତ୍ୟାଶ୍ଚର୍ଯ୍ୟ ବ୍ୟାପାର

ଆମ୍ଭମାନଙ୍କର ଦୁର୍ଗାପୂଜାର ଦୋକାନ ଖୋଲି ହେବା ପାଇଁ

କେବଳ ଟ ୫୧ ଙ୍କା ମୂଲ୍ୟରେ ବିକ୍ରି ।

ଗୋଟିଏ ଘଡ଼ି (କ୍ୟା ଫର ମାର୍ଟିନର) ଚେନ୍ ଓ ଲକେଟ୍ ସହିତ, ଗୋଟିଏ ଟେମ୍ପିକେଲ ସିଲ୍ଭର ମୁଦି, ଏକ ଖଣ୍ଡ ରେଶମ ଜକାର ଏଣ୍ଡ୍ରବାର୍ଡ଼ ରୁମାଲ ଓ ଏକ ଶିଶି ସୁବାସିତ କେଶ ତେଲ ।

ପ୍ରାପ୍ତି ସ୍ଥାନ
ଏଦ ମିଶ ଏଣ୍ଡ କୋଂ
ମହିଷପୋତା, କୋନ୍ନଗର
। ଇ । ଆଇ । ରେଲ
ବଙ୍ଗଦେଶ,

ନୂତନ ! ନୂତନ ! ନୂତନ

"ନବରତ୍ନ ପୂତ"

ମୂଲ୍ୟ ଟ ୨ ମୂଲ୍ୟ ଟ ୨

ନାଗରମାନଙ୍କର ଯୋଗ୍ୟତର ଏହି ମୁଦ୍ରା ଦେଖିବାକୁ ଗୋଟିଏ ସୁନ୍ଦର ଫୁଲଡାଳି ପରି । ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଲାଗି ଏହାର ଚତୁର୍ଦ୍ଦିଗରେ ନାନାବିଧ ରଙ୍ଗର ଫୁଲ ଖଞ୍ଜା [illegible] ଯାଇ କରୁଅଛୁ । ଏହା ଗାଣ୍ଠି [illegible] ରେ ଶୋଭିତ । ଏକ ପର [illegible] ର ନକଟରୁ ଅବାର । [illegible] ମାନଙ୍କ ପକ୍ଷରେ ପ୍ରକୃତ [illegible] ଉଜ୍ଜ୍ୱଳତା ସମ୍ପନ୍ନରେ [illegible] ତ ଗ୍ରାହକମାନେ

ପ୍ରକୃତ ସୁବର୍ଣ୍ଣସଦୃଶ ଏହାକୁ ବ୍ୟବହାର କରନ୍ତୁ । ତେଲ ଲମ୍ବା କାଳ ଘଷିଲେ ଏହାର ରଙ୍ଗ ବା ତେଜ କଦାଚ ହ୍ରାସ ନାହିଁ । ସବୁ ବେଳକାତ ରଙ୍ଗ ମଳିନ ହୋଇଯାଏ ତେବେ ହିଁ ଏଥ ଉଜ୍ଜ୍ୱଳ ଖଡ଼ି ଗୁଣ୍ଡରେ ମାଜି ଦେଲେ ପୁଣି ଉଜ୍ଜ୍ୱଳ ହୋଇ ଯିବ । ଲୋକେ ମନେ କରିବେ ଏହି ଅଙ୍ଗୁରୀର ମୂଲ୍ୟ ଟ ୨୦୦୦ ଙ୍କା ।

ଏହାର ପ୍ରକୃତ ମୂଲ୍ୟ ଟ ୨ ଙ୍କା ମାତ୍ର । ଏକ ଡଜନ ବା ଗୋଟିଏ ବାରୁ ଟ ୨୪ ଙ୍କା । ଯେହି ଏକ ଥରେ ଏକଡଜନ କିଣିଲେ କମାମୂଲ୍ୟରେ ପୁ ପାଇ ଗୋଟିଏ "ଇସ୍କେଲେଟ୍ ଓ୍ୟାଚ" ଅର୍ଥାତ୍ କଳା ଘର ହାତରେ ଦେଖିବାର ସୁବିଧା ପାଇବେ । ଅଧ ଡଜନର ଖରିଦଦାର କମାମୂଲ୍ୟରେ ନିକେଲର ଗୋଟିଏ ଓ୍ୟାଚ୍ କମାମୂଲ୍ୟ ବିଦ୍ୟୁଷ୍ଠ ଓ ଗୋଟିଏ ଚେନ୍ ପୁରସ୍କାର ସ୍ୱରୂପ ପାଇବେ ।

ଚଲନ୍ତା ଘଣ୍ଟା ଘଡ଼ି !

ଏହି ଘଡ଼ିର ସୁନ୍ଦର ବନ୍ଦୋବସ୍ତ ଘଡ଼ି ମେଳ ଭୂଷଣ ଓ ଅନୁରୂପ ଲିପଟି ସ୍ୱରୂପ ହୋଇଥିବାରୁ ଦାମୀ ସାଧନ କରେ । ଶୁଦ୍ଧ ରୂପାଖଣ୍ଡ ଦ୍ୱାରା ବଳିଷ୍ଠ କରେଲ ରୂପାର ଘଣ୍ଟା ଗୋଲାକାର ଆଧାର ମଧ୍ୟରେ ଘଡ଼ି ଲୁଚିଲା ବେଳେ ଏହାର ସମ୍ମୁଖ ଭାଗରେ ଗୋଟିଏ ସ୍ତ୍ରୀ ଅର୍ଦ୍ଧ ମୂର୍ତ୍ତି ଦେଖାଇ ବନ୍ଦ କରନ୍ତି ନଚେ ଅକ୍ଷି ଠାରୁଥାଏ ।

ମୂଲ୍ୟ ଟ ୩୲ ଙ୍କା

ସେହିପରି ଗୋଟିଏ ସ୍ତ୍ରୀ ସିତାର ବଜାଉଥିବା ଘଡ଼ିର ମୂଲ୍ୟ ଟ ୩୲ ଙ୍କା

ଗ୍ରାହକମାନଙ୍କୁ ଇଂରାଜିରେ ଚିଠି ଓ ଫରମାସ ପଠାଇବାକୁ ପ୍ରାର୍ଥନା କରୁଅଛୁ । ନାମ ଧାମ ସ୍ପଷ୍ଟ ରୂପ ଲେଖିବା ହେବେ । ଭି, ପିରେ ଦ୍ରବ୍ୟ ପଠାଇବୁ ମାତ୍ର ଡାକମାସୁଲ ଭି, ପି, ଇତ୍ୟାଦି ଖରଚ ପୃଥକ୍ ଦେବାକୁ ହେବ ।

S. FRANK & Co.
ଓ୍ୟାଚମେକର୍ସ ଏବଂ ଯୁଏଲର୍ସ
୫ ୧୭ ନମ୍ବର ହଥାଲି ରୋଡ
କଲୁଟୋଲା କଲିକତା

Digitized by srujanika@gmail.com

ଉତ୍କଳଦୀପିକା ।

ଦୁର୍ଗାପୂଜାର ପର୍ବ ଉପଲକ୍ଷରେ କଲିକତା ହାଇକୋର୍ଟ ଚଳିତ ମାସ ତା ୪ ଇଖଠାରୁ ନବେମ୍ବର ମାସ ତା ୧୪ ଇଖ ପର୍ଯ୍ୟନ୍ତ ବନ୍ଦ ହେବ । ଶ୍ରୀଯୁକ୍ତ ବାଗ୍‌ଚିପଡ଼ି ସେନ ଏବଂ ଶ୍ରୀଯୁକ୍ତ ବ୍ରାଉନ୍‌ପଡ଼ି ହେଣ୍ଡ୍‌ଲି ସାହେବମାନେ ବନ୍ଦ ସମୟର ବ୍ୟବହାର୍ଯ୍ୟର ଭାର ନେଇଅଛନ୍ତି ।

ସଞ୍ଜୀବନୀରେ ପ୍ରକାଶ ଯେ ମାନ୍ଦ୍ରାଜର ଏକ ବ୍ୟକ୍ତି ଗଣନା କରି କହୁଅଛନ୍ତି କି ଚଳିତ ସେପ୍ଟେମ୍ବର ମାସର ୨ୟ ୩ୟ ଏବଂ ୪ର୍ଥ ସପ୍ତାହରେ ଖୁବ୍ ବୃଷ୍ଟି ହେବ । ବିଶେଷତଃ ତା ୧୯, ୨୦ ଓ ୨୧ ଇଖରେ ଅତି ବୃଷ୍ଟିରେ କାହିଁ ସ୍ଥାନ ଜଳମଗ୍ନ ହେବ । ଏ ଗଣନା କେତେ ଦୂର ଠିକ ହୋଇଅଛି ଅଳ୍ପଦିନେ ଜଣାପଡ଼ିବ ।

ଗତ ମାସ ତା ୨୨ ଇଖରେ ଶେଷ ହେବା ସପ୍ତାହରେ ଭାରତରେ ପେଲେଗର ଉତ୍ପାତ ସାମାନ୍ୟ ବଢ଼ିଥିଲା ଅର୍ଥାତ୍ ତହିଁପୂର୍ବ ସପ୍ତାହର ମୃତ୍ୟୁ ୭,୮୧୭ ଓ ଏ ସପ୍ତାହର ମୃତ୍ୟୁ ୭,୯୫୮ ଥିଲା । ଅଧିକାଂଶ ବୃଦ୍ଧି ମଧ୍ୟଭାରତରେ ଘଟିଥିଲା ଏବଂ ବମ୍ବେଇ ଓ ମହୀଶୂରରେ ପୂର୍ବଠାରୁ କିଛି ଊଣା ପଡ଼ିଥିଲା ।

ଉକ୍ତ ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟ ମଧ୍ୟପ୍ରଦେଶରେ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଥିଲା, କେବଳ ଦଶହଜାର ଅକ୍ଷମ ଲୋକ ଖଏରାତ ପାଉଥିଲେ ।

ବମ୍ବେଇର ଗବର୍ଣ୍ଣର ଲର୍ଡ଼ ନର୍ଥକୋଟଙ୍କ ସ୍ଥାନରେ ଲର୍ଡ଼ ଲାମିଂଟନ ନିଯୁକ୍ତ ହୋଇ ବମ୍ବେଇକୁ ଆସୁଅଛନ୍ତି । ତାହାଙ୍କର ବୟସ ୪୩ ବର୍ଷ ଅଟେ । ସେ ପ୍ରଥମେ ଲର୍ଡ଼ ସାଲିସବରିଙ୍କର ସହକାରୀ ଅସିଷ୍ଟାଣ୍ଟ ପ୍ରାଇଭେଟ ସେକ୍ରେଟରୀ ଥିଲେ ଏବଂ ସନ ୧୮୯୫ ସାଲଠାରୁ ସନ ୧୯୦୧ ସାଲ ପର୍ଯ୍ୟନ୍ତ ଅଷ୍ଟ୍ରେଲିୟା ଅନ୍ତର୍ଗତ କୁଇନ୍‌ସଲାଣ୍ଡର ଗବର୍ଣ୍ଣର ଥିଲେ । ନର୍ଥକୋଟ ଶୀଘ୍ର ବମ୍ବେଇରୁ ପ୍ରସ୍ଥାନ କରିବେ ବୋଲି ବମ୍ବେଇବାସିମାନେ ତାହାଙ୍କୁ ବିଦାୟ ଭୋଜ ପ୍ରଭୃତି ସମ୍ମାନ ଦେବାକୁ ବ୍ୟସ୍ତ ଅଛନ୍ତି ।

କଲିକତାର ପୁଲିସ କବରଣୀରୁ ପ୍ରକାଶ ଯେ ସନ ୧୯୦୨ ସାଲରେ ୫୫୦ ଶ ଏବଂ ତହିଁପୂର୍ବ ବର୍ଷ ୬୦ ଶ ପୁଲିସ ଦଣ୍ଡଗ୍ରସ୍ତ ହୋଇଥିଲେ । ଥମା ବା ସାହେବ ଦଣ୍ଡଗ୍ରସ୍ତମାନଙ୍କର ମଦ ପାନରେ ଉନ୍ମତ୍ତତା ଏବଂ କଳା ବା ଦେଶୀୟ ଦଣ୍ଡଗ୍ରସ୍ତଙ୍କର ଉପସ୍ଥିତି ନାହିଁ ହେବାର ପ୍ରଧାନ କାରଣ ଅଟେ । ଏପରି ଇନ୍‌ସ୍ପେକ୍ଟରଠାରୁ କନଷ୍ଟେବଲ ପର୍ଯ୍ୟନ୍ତ ଅନେକ ଲୋକ ଜରିମାନା ଇତ୍ୟାଦି ଦଣ୍ଡ ପାଇଥିଲେ । ଯେତେବେଳେ କଲିକତା ପୁଲିସର ଏ ଦଶା ସେତେବେଳେ ମୋଫସଲ ପୁଲିସର କଥା ଅନାୟାସରେ ବୁଝା ଯାଉଅଛି ।

ଆଗାମୀ ଡିସେମ୍ବର ମାସରେ ଜାତୀୟ ମହାସମିତିର ଅଧିବେଶନ ମାନ୍ଦ୍ରାଜରେ ହେବ । ସେହି ଅଧିବେଶନର ସଭାପତି ହେବା କାରଣ ଭାରତର ୨୧୩ ଶ ସମ୍ଭ୍ରାନ୍ତ ସାହେବଙ୍କୁ ଅନୁରୋଧ ହୋଇଥିଲା । ମାତ୍ର ସେମାନେ ଅସ୍ୱୀକାର କରିବାରୁ ସମ୍ପ୍ରତି ବଙ୍ଗଳାର ସୁବିଖ୍ୟାତ ଶ୍ରୀଯୁକ୍ତ ଲାଲମୋହନ ଘୋଷଙ୍କ ଉପରେ ଦୃଷ୍ଟି ପଡ଼ିଅଛି । ମାନ୍ଦ୍ରାଜ ଓ କଲିକତାର କେତେକ ସମ୍ବାଦପତ୍ର ତାହାଙ୍କ ସପକ୍ଷରେ ମତ ଦେଉଅଛନ୍ତି । ଘୋଷ ମହାଶୟ ଜଣେ ତେଜସ୍ୱୀ ସୁବକ୍ତା ଏବଂ ପ୍ରଗାଢ଼ ଦେଶାନୁରାଗୀ ଅଟନ୍ତି । ସେ ବିଲାତରେ ଥିବା କାଳରେ ସ୍ୱଦେଶର ହିତାର୍ଥେ ଯେ ଅମୂଲ୍ୟ କାର୍ଯ୍ୟମାନ କରିଅଛନ୍ତି ସେ ସମସ୍ତ ଅବିଦିତ ନାହିଁ । ସେ ମହାସମିତିର ସଭାପତି ହେଲେ ବଡ଼ ଆନନ୍ଦର ବିଷୟ ହେବ ।

ଗତ ତା ୨୬ ଇଖର ଓଡ଼ିଆ ଓ ନବସମ୍ବାଦରେ ପାଠ କଲୁଁ କି କାଳନ୍ଦୀ ନାମକ ଜଣେ ଧୋବା ଏକ ବ୍ୟକ୍ତି ବାଲେଶ୍ୱରରେ ତଳଖାଁ ବ୍ୟବସାୟ କରୁଥିଲେ । ଜଣେ ଅଳ୍ପ ବୟସ୍କ ବାଳକର ନୟନ ରୋଗ ଭଲ କରିବା କାରଣ ତାହାର ଆଖି ଉପରେ ଏମନ୍ତ ଦାଗ ଦେଲେ ଯେ ଦୁଇ ଆଖି ଚିରକାଳ ନିମନ୍ତେ ନଷ୍ଟ ହୋଇଯାଇଅଛି । ସେଠାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଇନଗ୍ଲିଟନ ସାହେବ ଏହା ଜାଣିପାରି ବାଳକଟିକୁ ସିଭିଲ ସର୍ଜନଙ୍କ ନିକଟକୁ ପଠାଇଅଛନ୍ତି ଏବଂ ଘଟଣାର ଅନୁସନ୍ଧାନରେ ଅଛନ୍ତି । ସହଯୋଗୀ ଯଥାର୍ଥ କହୁଅଛନ୍ତି କି ଖୋଜିଲେ ଏପରି ଅନାଡ଼ୀ ବୈଦ୍ୟ ଅନେକ ମିଳିବେ ଏବଂ ପଚାରୁଅଛନ୍ତି କି ଏହା ଦମନର କିଛି ଉପାୟ ନାହିଁ କି ? ଆମ୍ଭେମାନେ ମନେ କରୁଁ କି ଅନ୍ତତଃ ମୂର୍ଖତା ବା ଅସାବଧାନତାପୂର୍ବକ ଅନ୍ୟର କ୍ଷତିକର କାର୍ଯ୍ୟ କରିବା ଅଭିଯୋଗରେ ଏପରି କେତେ ଲୋକଙ୍କୁ ଫଉଜଦାରୀକୁ ଚାଲାନ ଦେଲେ କିଛି ଫଳ ହୋଇ ପାରେ ।

ହୁଗଲି ଜିଲ୍ଲା ଶ୍ରୀରାମପୁର ନଗରର 'ଶ୍ରୀଗୌରୀ ପୁର କଟନ ମିଲ୍' ନାମକ ଲୁହାପୁଲା ଓ ସୂତା କଳ କାରଖାନା ଗତ ୧୦ ବର୍ଷ ପରେ ୨୬ ତା ଖୋଲା ଗଲା ଏବଂ କଳର କାର୍ଯ୍ୟ ସମ୍ବନ୍ଧୀୟ ଜନୈକ ସମସ୍ତ ଖୋଲା ଓ ନାହି ଘର କଳ ଘର ଜଳିଗଲା ପଶ୍ଚାତ ସମସ୍ତ ପଦାର୍ଥ ଗତ ତା ୨୮ ଇଖରେ କଲିକତାରେ ନିଲାମଦ୍ୱାରା ବିକ୍ରି ହେଲା । ଖରିଦଦାର ଅନେକ ଉପସ୍ଥିତ ହୋଇଥିଲେ ଏବଂ ଡାକ ୨ଲକ୍ଷରୁ ଆରମ୍ଭ ହୋଇ ୪ଲକ୍ଷ ୩୦ହଜାର ପର୍ଯ୍ୟନ୍ତ ଉଠି ଥମିଗଲାରୁ ନିଲାମଦାର ପ୍ରକାଶ କଲେ କି ପ୍ରଥମେ ୨୦ଲକ୍ଷ ଟଙ୍କା ଖରଚରେ ଉକ୍ତ କାରଖାନା ବସିଥିଲା । ତଥାପି କେହି ନ ବଢ଼ିବାରୁ ଉପରଲିଖିତ ୪ଲକ୍ଷ ୩୦ହଜାର ଟଙ୍କା ଡାକିଥିବା ଗୋବର୍ଦ୍ଧନ ଦାସ ଖାଟାଓଙ୍କ ନାମରେ ନିଲାମ ଶେଷ ହେଲା । ଖାଟାଓ ମହାଶୟ ବମ୍ବେଇର ଜଣେ ସୁପରିଚିତ କପାସ୍ତା ଓ ସୂତାର ବ୍ୟବସାୟୀ ଅଟନ୍ତି ଏବଂ ସେଠାରେ ତାହାଙ୍କର କଳ ଅଛି । ସେ ବମ୍ବେଇରୁ ଆସି ବଙ୍ଗଳାରେ ଏହି କାରଖାନା ଖରିଦ କଲେ ଓ ବଙ୍ଗଳାର ଲୋକ କେହି ଏହା କିଣି ଚଳାଇବାକୁ ସାହସୀ ହେଲେ ନାହିଁ । ବଙ୍ଗଦେଶ ପ୍ରତି ଏହା ଲଜ୍ଜା ବୋଲିବାକୁ ହେବ ।

ଗତମାସ ତା ୨୦ ଇଖଠାରୁ ତା ୨୨ ଇଖ ପର୍ଯ୍ୟନ୍ତ ଦ ୩ ଦ ପୁନାଠାରେ ଶିକ୍ଷା ସମିତିର ଅଧିବେଶନ ହୋଇଥିଲା । ବମ୍ବେଇ ଗବର୍ଣ୍ଣମେଣ୍ଟ କାଉନସିଲର ମେମ୍ବର ମାନ୍ୟବର ଫୁଲଟନ ସାହେବ ସଭାପତି ହୋଇଥିଲେ । ବମ୍ବେଇର ବିସପ, ଶିକ୍ଷା ବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ଜାଇଲ ସାହେବ ଅନେକ ଇଉରୋପୀୟ ଏବଂ ପ୍ରାୟ ୬୦୦ ପ୍ରତିନିଧି ଉପସ୍ଥିତ ଥିଲେ । ପ୍ରଥମ ଦିନ ସମିତିର କାର୍ଯ୍ୟ ବିବରଣୀ ପଠିତ ହେଲା ଉତ୍ତାରୁ ନିମ୍ନଲିଖିତ ବିଷୟମାନ ସ୍ଥିର ହେବାର ପ୍ରସ୍ତାବ ହୋଇଥିଲା । ଯଥା—୧ମ ପ୍ରତ୍ୟେକ ଆତ୍ମମତ ଅଦ୍ୟାନ୍ୟ ସଭା ସମିତି ସକଳ ଶ୍ରେଣୀର ଲୋକଙ୍କୁ ବିଦ୍ୟାଶିକ୍ଷାରେ ପ୍ରବୃତ୍ତ କରିବା ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବେ କାରଣ ଶିକ୍ଷିତ ଶ୍ରେଣୀର ଲୋକଙ୍କ ଉପରେ ଜାତୀୟ ସୌଭାଗ୍ୟ ନିର୍ଭର କରେ । ୨ୟ—ସାହିତ୍ୟସମିତିମାନଙ୍କର ଅଭାବ ଦେଖି ଶିକ୍ଷା ସମିତି ଦୁଃଖିତ ଅଛନ୍ତି ଏବଂ ସେପ୍ରକାର ସମିତି ସ୍ଥାପନ ବିଷୟରେ ମନୋଯୋଗୀ ହେବା ଏକାନ୍ତ କର୍ତ୍ତବ୍ୟ ଅଟେ । ଶିକ୍ଷା ସମିତିର ବମ୍ବେଇର ଫଳ ପରେ ପ୍ରକାଶ ପାଇବ । ମାତ୍ର ସକଳ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ବିଦ୍ୟାଶିକ୍ଷା ସକଳ ଉନ୍ନତିର ମୂଳ ହେଉଅଛି ଏଥିରେ ଦ୍ୱିରୁକ୍ତି ନାହିଁ । ସମୃଦ୍ଧିଶାଳୀ ଦେଶମାନଙ୍କର ଅବସ୍ଥା ଆଲୋଚନା କରି ଦେଖିବ ଯେ ଯେଉଁ ଦେଶରେ ବିଦ୍ୱାନ୍ ଲୋକଙ୍କ ସଂଖ୍ୟା ଯେତେ ଅଧିକ ସେହି ଦେଶ ସେତେ ଉନ୍ନତ ହୋଇଅଛି । ମୂର୍ଖଙ୍କଦ୍ୱାରା କୌଣସି କାର୍ଯ୍ୟ ସାଧନ ହୋଇ ନ ପାରେ । ଅନ୍ୟାନ୍ୟ ବିଷୟ ଚର୍ଚ୍ଚା କରିବା ପୂର୍ବେ ବିଦ୍ୟାଳୟ ଓ ଛାତ୍ରସଂଖ୍ୟା ବଢ଼ା

Split by PDF Splitter
357
Digitized by srujanika@gmail.com

ଭଲ ପ୍ରତି ହେଗହିତୈଷିମାନଙ୍କ ଅତ୍ୟନ୍ତ ଚେଷ୍ଟା କରିବା ଉଚିତ । ଶିକ୍ଷିତ ଲୋକଙ୍କର ସଂଖ୍ୟା ଅଧିକ ହେଲେ ସିନା ସାହିତ୍ୟ ସମାଜର ସ୍ୱଚ୍ଛଳତା ବଢ଼ିବ ନ ହେଲା ଅରଣ୍ୟରେ ରୋଦନ କରିବା ଭୁଲ୍ୟ ହେବ ।

ହାଉଦାନ୍ତର କୌଣି ସମ୍ବନ୍ଧରେ କଲିକତାର ମହାରାଜା ବଙ୍ଗଳର 'ଗ୍ରାଫିକ୍' ଏବଂ 'ଡେଲି ନିଉସ' ନାମକ ସମ୍ବାଦପତ୍ରମାନଙ୍କ ନିକଟକୁ ଏକ ପ୍ରେରିତପତ୍ର ପଠାଇଅଛନ୍ତି ଏବଂ ସେହି ପତ୍ର କଲିକତାର 'ଷ୍ଟେଟ୍ସ ମ୍ୟାନ'ରେ ଛପା ହୋଇଅଛି । ତହିଁରୁ ଜଣାଯାଏ ଯେ ସେହି ହାଉଦାନ୍ତ କୌଣିମାନ ଶୋଚନୀୟ ଅବସ୍ଥାରେ ରହିଥିଲା । ଲାଟ ସାହେବ ଲର୍ଡ କର୍ଜନଙ୍କର ବଙ୍ଗଳର ଅସ୍ଥାୟୀଭାବରେ ଥିବା ହାଉଦାନ୍ତର କନସ ସଙ୍ଗେ ମେଳ ହେବାର ଚେଷ୍ଟା କରିବା କଥା କହିଥିଲେ ଏବଂ ମହାରାଜା କିଛି କ ନର ଭେଟି ହେବାରୁ କହିବାରୁ ସରକାରଙ୍କ ଇସ୍ତମାନୁସାରେ ସେ ହେବାକୁ ଅସମ୍ମତ ହେଲେ । ତଥାପି ମହାରାଜା କହିଲେ କି ତାହାଙ୍କର ଗୋଟିଏ ରାଇଫଲ ବନ୍ଧୁକ ଦରକାର ଅଛି ତହିଁ ବଦଳରେ ସେ କୌଣିମାନ ଲାଟସାହେବଙ୍କ ଦେଲେ ଭଲ ହେବ । ଲାଟ ସାହେବ ତହିଁରେ ସମ୍ମତ ହୋଇ ଅପଣ ଖରଚରେ ବନ୍ଧୁକ ପଠାଇଦେଲେ ଏବଂ ମହାରାଜା ନିଜ ଖରଚରେ କୌଣିମାନ କଲିକତାକୁ ପଠାଇଦେଲେ । ତହିଁରେ ରେଲଭଡ଼ା ଅଳ୍ପ ପଡ଼ିଥିଲା ଏବଂ ତହିଁ ସଙ୍ଗେ ଯାଇଥିବା ଲୋକଙ୍କୁ ଲାଟ ସାହେବ ଯାହା ବକ୍ସିସ ଦେଇଥିଲେ ତାହା ଖରଚର ଏକଅଂଶ ବୋଲିଯାଇ ପାରେ । ଫଳତଃ ତାହାଙ୍କ ନିକଟରୁ ଉତ୍ତମ ପଦାର୍ଥ ଗୋଲଭ ଖରଚ ତାହା ଉପରେ ପକାଇବା ଯୌକ୍ତିକ୍ୟତା ନୁହେ ଓ ମହାରାଜା ସେପରି କରିବା ଉଚିତ ବିବେଚନା କରନ୍ତି ନାହିଁ । ସେ କୌଣିମାନ ହାଉଦାନ୍ତର ନ ଥିଲା । କେବଳ ମାଠ କୌଣି ଉପରେ ହାଉଦାନ୍ତ ନିର୍ଭର ହୋଇଥିଲା ଏବଂ ସେ ସବୁ ତାହାଙ୍କର ବଂଶର ମର୍ଯ୍ୟାଦାସୂଚକ ନ ଥିଲା । ତାହାଙ୍କର କେହି ପୂର୍ବପୁରୁଷ ସେ ସମୟର ରେସିଡେଣ୍ଟଙ୍କଠାରୁ ସେ ସବୁ କିଣିଥିଲେ ମାତ୍ର । ଅତେଏବ କର୍ଜନ ପୁରୁଣା ସାମାନ୍ୟ କଥା କଥା ମିଶାଇ ବିଲାତର ପାରଲିଆମେଣ୍ଟ ସଭାରେ ଏବଂ ସମ୍ବାଦପତ୍ରମାନଙ୍କରେ ଉଠିବାର ଶୁଣି ସେ ଅସନ୍ତୁଷ୍ଟ ଓ ଦୁଃଖିତ ହୋଇଅଛନ୍ତି । ଆଶା କରୁ ଏ କଥାରେ ଯେଉଁମାନଙ୍କ ମନରେ ଯାହା ସନ୍ଦେହ ଅଛି ତାହା ଦୂର ହେବ ।

କଟକ ମିଉନିସିପାଲିଟିର ଚେଆରମାନ ନିର୍ବାଚନ ।

ମାନ୍ୟବର [illegible] ସାହେବ ଏ ନଗରର ମିଉନିସିପାଲିଟିର ଚେଆରମାନ ଥିଲେ । ସେ ଉକ୍ତ କାର୍ଯ୍ୟରେ ଇସ୍ତଫା ଦେଇଅଛନ୍ତି ଏବଂ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିଅଛନ୍ତି । ମିଉନିସିପାଲିଟିର ସକଳ କାର୍ଯ୍ୟର ଭାର ଆଇନାନୁସାରେ ଚେଆରମାନଙ୍କଠାରେ ନ୍ୟସ୍ତ । ସେ ଯେଉଁ ଭାର ଅର୍ପଣ କରିବେ ତେତେ ମାତ୍ର ତଦାରକ କରିବା ବିନା ଭାଇସ ଚେଆରମାନଙ୍କର ସ୍ୱତନ୍ତ୍ର କିଛି ଅଧିକାର ନାହିଁ । ସୁତରାଂ ଚେଅରମାନଙ୍କ ବିନା ମିଉନିସିପାଲିଟିର କାର୍ଯ୍ୟ ଅଚଳ ହୋଇବାକୁ ହେବ । ଚେଆରମାନ ପଦ ଅନେକ ସମୟ ଶୂନ୍ୟ ହେବାର ସରକାରଙ୍କ ସମ୍ବାଦ ମିଉନିସିପଲ ଅଫିସକୁ ଆସନ୍ତେ ଭାଇସ ଚେଅରମାନ ନୂତନ ଚେଆରମାନ ନିର୍ବାଚନ କରିବା କାରଣ ମିଉନିସିପଲ କମିଶନରମାନଙ୍କର ବିଶେଷ ଅଧିବେଶନ ଆହ୍ୱାନ କଲେ ଏବଂ ଗତ ସୋମବାର ଉକ୍ତ ବିଶେଷ ଅଧିବେଶନ ହୋଇଥିଲା । ତହିଁରେ ନିମ୍ନଲିଖିତ କମିଶନରମାନେ ଉପସ୍ଥିତ ଥିଲେ; ଯଥା;—

ବାବୁ ରମଶଙ୍କର ରାୟ ଭାଇସ ଚେଅରମାନ
ମିଃ [illegible] ସାହେବ — ମହମ୍ମଦ [illegible]
,, [illegible] ,, — ବାବୁ ରାମସିଂହ [illegible]
ବାବୁ ଜଗନ୍ନାଥଚରଣ ମିଶ୍ର — ,, [illegible]
,, [illegible] ମହାପାତ୍ର — ,, [illegible]
,, [illegible] ଚୌଧୁରୀ

ଭାଇସ ଚେଆରମାନ ସଭାପତିର ଆସନ ଗ୍ରହଣ କରି ସଭାର ଉଦ୍ଦେଶ୍ୟ ଉପରଲିଖିତ ମର୍ମରେ ବୁଝାଇ ଦିଅନ୍ତେ [illegible] ସାହେବ କହିଲେ ଯେ ଚେଆରମାନ ନିଯୁକ୍ତ କାମରେ ଏବେ ଭରଭର ହେବାର ଆବଶ୍ୟକ ନାହିଁ । ଡାକ୍ତର [illegible] ସାହେବଙ୍କ ସ୍ଥାନରେ ଅନ୍ୟ କେହି ଏ ପର୍ଯ୍ୟନ୍ତ କମିଶନର ନିଯୁକ୍ତ ହୋଇ ନାହିଁ । କେ ଜାଣେ ସେ ବୋର୍ଡ଼ ଅବା ଯୋଗ୍ୟତର ବ୍ୟକ୍ତି ହେବେ । ଏପର ଏଥି ପୂର୍ବେ [illegible] ସାହେବ ଯେତେବେଳେ ସରକାରୀ ହିସାବ ପରୀକ୍ଷକ କାର୍ଯ୍ୟୋପଲକ୍ଷରେ ମିଉନିସିପଲ କମିଶନର ଥାଇ ଚେଆରମାନ ହୋଇଥିଲେ ଏବଂ ସେପରି ନେଇ ଯିବାରୁ ଇସ୍ତଫା ଦେଇଥିଲେ ସେତେବେଳେ ଅନେକ ଦିନ ପର୍ଯ୍ୟନ୍ତ ଚେଆରମାନ ପଦ ଶୂନ୍ୟ ଥିବା ସ୍ତ୍ୱେ ମିଉନିସିପାଲିଟିର କାର୍ଯ୍ୟ ଅଚଳ ହୋଇ ନ ଥିବା ସ୍ଥଳେ ବର୍ତ୍ତମାନ ଅଚଳ ହେବାର ହେତୁ ଦେଖାଯାଉ ନାହିଁ । ଏ ସମ୍ବନ୍ଧରେ ସଭାରେ ଅନେକ ବାଦାନୁବାଦ ଓ ଅନେକ ପରାମର୍ଶ ହୋଇଥିଲା । ତହିଁର ସାର ମର୍ମ ଏହି କି [illegible] ସାହେବଙ୍କ ସ୍ଥାନରେ କେବେ କେଉଁ ନୂଆ କମିଶନର ନିଯୁକ୍ତ ହେବେ ଜଣା ନାହିଁ, ଆଉ ପୂର୍ବର ଘଟଣା ସେଥିନିମନ୍ତେ ଥିଲା ଓ ତାହା କହିବାର ସ୍ୱରୂପ ଉଦାହରଣ ହୋଇ ନ ପାରେ । ଚେଆରମାନଙ୍କର ଇସ୍ତଫା ଗବର୍ଣ୍ଣମେଣ୍ଟରେ ମଞ୍ଜୁର ହେବା କାରଣ ପର୍ଯ୍ୟନ୍ତ ଉକ୍ତ ପଦ ଖାଲି ହେବାର ଆଇନାନୁସାରେ ବୋଲାଯାଇ ନ ପାରେ । ସୁତରାଂ ତାହାଙ୍କର ପ୍ରଦତ୍ତ କ୍ଷମତା ଅନୁସାରେ ଭାଇସଚେଆରମାନଙ୍କର କାର୍ଯ୍ୟମାନ ବେଆଇନ ହୋଇ ନ ପାରେ । ଯେତେବେଳେ [illegible] ସାହେବ କେବଳ ଇସ୍ତଫା ପଠାଇଥିଲେ [illegible] ମଞ୍ଜୁର ହେବାର ସମ୍ବାଦ ଆସିବା ପର୍ଯ୍ୟନ୍ତ ଭାଇସଚେଆରମାନଙ୍କର କାର୍ଯ୍ୟ କରିବାର [illegible] ନ ଥିଲା । କେଉଁକ ଆଇନ ସ୍ୱହ ନ ପାଇ ସେ ଜଣ କମିଶନର ଚେଆରମାନ ନିର୍ବାଚନ ନିମନ୍ତେ ବିଶେଷ ଅଧିବେଶନ ଆହ୍ୱାନ କରିବା କାରଣ ଭାଇସଚେଆରମାନଙ୍କୁ ପ୍ରାର୍ଥନା କରିବାରେ ସେ ବାଧ୍ୟ ହୋଇ ବିଶେଷ ସଭା ଆହ୍ୱାନ କରିଥିଲେ ଏବଂ ସେହି ଅଧିବେଶନରେ ବାବୁ ଜାନକୀନାଥ ବୋଷ ସଭାପତି ନିଯୁକ୍ତ ହୋଇଥିଲେ । ସୁତରାଂ ପୂର୍ବଥର ସଙ୍ଗେ ବର୍ତ୍ତମାନ ଅବସ୍ଥାର ଆଦୌ ମେଳ ନାହିଁ ଏବଂ ଏଥି ଦେଖାଯାଉଅଛି ଯେ ସେ ସମୟର କାର୍ଯ୍ୟ ପ୍ରଣାଳୀରେ ଦରଦସ୍ତୁରୀ ଥିଲା । ମାତ୍ର ବର୍ତ୍ତମାନ ଅନେକ ସଙ୍ଗତ ରୂପେ ସଭା ଆହୂତ ହୋଇଅଛି ଏବଂ ଅବିଳମ୍ବେ ଚେଆରମାନ ନିଯୁକ୍ତ କରିବା ଆବଶ୍ୟକ । ଅତଃପର ବାବୁ [illegible] ଚେଆରମାନ କରିବା କାରଣ ବାବୁ [illegible] ନାମ ପ୍ରସ୍ତାବ କଲେ ଏବଂ ବାବୁ [illegible] ମହାପାତ୍ର ତାହା ଅନୁମୋଦନ କଲେ । [illegible] ସାହେବ ପୂର୍ବ ପ୍ରସ୍ତାବର ସଂଶୋଧନ ସ୍ୱରୂପ ପ୍ରସ୍ତାବ କଲେ କି ଚେଆରମାନ ନିର୍ବାଚନ ବର୍ତ୍ତମାନ ସ୍ଥଗିତ ରଖାଯାଉ । [illegible] ସାହେବ ତାହା ଅନୁମୋଦନ କଲେ ମାତ୍ର ଆଉ କେହି ମତ ନ ଦେବାରୁ ତାହା ପରିତ୍ୟକ୍ତ ହୋଇ ମୂଳ ପ୍ରସ୍ତାବ ସର୍ବସମ୍ମତିରେ ମତ ନିଆଗଲା ଏବଂ ଉକ୍ତ ବାବୁ [illegible] ଉକ୍ତ ଅଧିକ ସଂଖ୍ୟକ ମତ ହେବାରୁ ତାହା [illegible] ହୋଇ ସ୍ଥିର ହୋଇଥିଲା । ବୋଧହୁଏ ବାହୁଲ୍ୟ ଯେ ଏହି ନିର୍ବାଚନ ସନ୍ତୋଷଜନକ ହୋଇଅଛି ।

ଚେଆରମାନ ମିଉନିସିପାଲ କମିଶନରମାନଙ୍କର ପ୍ରତିନିଧି ଏବଂ ମିଉନିସିପାଲିଟିର ପ୍ରଧାନ କର୍ମଚାରୀ ହୋଇଅଛନ୍ତି । ତାହାଙ୍କର କର୍ତ୍ତବ୍ୟ ପରାୟଣତା ଏବଂ ସୁବିବେଚନା ଉପରେ ନଗରର ଉନ୍ନତି ନିର୍ଭର କରେ । ସୁତରାଂ ଚେଆରମାନ ନିର୍ବାଚନ କମିଶନରମାନଙ୍କର ସର୍ବ ପ୍ରଧାନ କାର୍ଯ୍ୟ ଅଟେ । ମାତ୍ର ବଡ଼ ଦୁଃଖ ଓ ଅନୁତାପର ବିଷୟ [illegible] ଅସନ୍ତୁଷ୍ଟର କାର୍ଯ୍ୟରେ [illegible] କମିଶନର ଏ ନଗରରେ ଉପସ୍ଥିତ ଥିବା ସ୍ଥଳେ ଏ ସଭାରେ ଉପସ୍ଥିତ ହୋଇ ନାହିଁ । କେବଳ ବଷଟି ଏକା ଯୋଗ-

Split by PDF Splitter

ଥିଲେ କର୍ତ୍ତବ୍ୟ ପାଳନର ସୁବିଧାର ତ୍ରୁଟି ଘଟେନାହିଁ ଏବଂ ଅନିବାର୍ଯ୍ୟ ଛଡ଼ା ଅନ୍ୟ କାରଣ ଥିଲେ ଅନ୍ତତଃ ମନ୍ଦ ବୋଲିବାକୁ ହେବ। ସେଉଁମାନେ ଏମନ୍ତ ପ୍ରଧାନ କାର୍ଯ୍ୟରେ ସଭାକୁ ଆସି ନ ପାରନ୍ତି ସେମାନେ ଯେ କାହିଁକି ଉପାଧାରୀଙ୍କର ପ୍ରତିନିଧି ସ୍ୱରୂପ ନମିନେଶନର ହେବାକୁ ଲାଳାୟିତ ହୁଅନ୍ତି ଆମ୍ଭେମାନେ ବୁଝି ପାରୁ ନାହୁଁ। ବାବୁ ଜାନକୀନାଥ ବୋଷଙ୍କ ନିର୍ବାଚନ ସମୟରେ ପ୍ରାୟ ସମସ୍ତ ନିର୍ବାଚିତ ନମିନେଶନର ଉପସ୍ଥିତ ହୋଇଥିଲେ। ଏଥର ସେହିମାନଙ୍କ ମଧ୍ୟରୁ ନ ୫ ଣ ନ ଆସିବା ଅଳ୍ପ ଖେଦର ନୁହେ କି ? ଏମନ୍ତ ଅନୁମାନ ହୋଇ ପାରେ ସ୍ୱର୍ଗ ଦବେଲ ସାହେବଙ୍କ ପରି ସେମାନେ ମଧ୍ୟ ନମିନେଶନମାନଙ୍କ ମଧ୍ୟରେ କାହାରିକୁ ଡେଅଲମାନର ଯୋଗ୍ୟ ଦେଖିଲେ ନାହିଁ। ତାହା ହେଲେ ମଧ୍ୟ ଦବେଲ ସାହେବଙ୍କ ପରି ସେମାନଙ୍କର ସଭାରେ ଉପସ୍ଥିତ ହୋଇ ଆପଣ କର୍ତ୍ତବ୍ୟ ପାଳି ଥାନ୍ତେ। ଦବେଲ ସାହେବ ଦମ୍ଭାନ୍ ଏବଂ ନିରପେକ୍ଷ ବୋଲି ପରିଚିତ ଅଧିକ ବଳିଷ୍ଠ ବୟସ୍କ ଏବଂ ଦେଶୀୟ ଲୋକଙ୍କ ସମ୍ପର୍କରେ ତାହାଙ୍କର ଅଜ୍ଞତା ଅଳ୍ପ ହେବାରୁ ଭ୍ରମରେ ପଡ଼ିଥିଲେ ମଧ୍ୟ ସେ ସରଳ ଓ ସ୍ୱାଧୀନ ଭାବରେ ଆପଣାର ମନଃକଷ୍ଟ ସଭାରେ ବ୍ୟକ୍ତ କରି ନିଃସ୍ୱାର୍ଥ ଚରିତ୍ରର ମହତ୍ତ୍ୱ ଦେଖାଇଅଛନ୍ତି ଏବଂ ଏହି ପାଇଁ ପ୍ରଶଂସାର ପାତ୍ର ହୋଇଅଛନ୍ତି। ମାନ୍ୟ ଦେଶୀୟ କମିଶନରମାନେ ସେହିପରି ସାହସ ଦେଖାଇଥିଲେ ବେଳେ ଭଲ କଥା ହୋଇଥାନ୍ତା। ସଭାରେ ଉପସ୍ଥିତ ହୋଇ ସ୍ୱାଧୀନ ମତ ପ୍ରକାଶ କରିବାର ଯାହାଙ୍କର ସାହସ ନାହିଁ ତାହାଙ୍କର ସଭ୍ୟ ହେବା ବିଡ଼ମ୍ବନା

ପ୍ରାପ୍ତ

ଓଡ଼ିଆଙ୍କ ଦୁରବସ୍ଥା

(୧୦)

ପୂର୍ବେ ଇଂରେଜ ହାକିମଙ୍କର ଦେଶୀୟ ଲୋକଙ୍କ ସଙ୍ଗେ ମେଳମେଳ ଥିବାରୁ ସେମାନେ ଦେଶୀୟଙ୍କ ମଧ୍ୟରୁ ଉପଯୁକ୍ତ ଲୋକ ବାଛି ଉଚ୍ଚ ପଦ ସବୁରେ ନିଯୁକ୍ତ କରୁଥିବାରୁ ମନୋନୀତ ପ୍ରଥା ଠିକ ଚଳୁଥିବା ଓ ଓଡ଼ିଶା ପକ୍ଷରେ ମଙ୍ଗଳପ୍ରଦ ହୋଇଥିବାର ପୂର୍ବ ପ୍ରବନ୍ଧରେ ଦର୍ଶାଇଅଛୁଁ। ସେ ମେଳମେଳ କ୍ରମେ ରହିତ ହୋଇଯିବାରୁ ଇଂରେଜ ହାକିମମାନେ ଜଣେ ଯୋଗ୍ୟ-ଅଯୋଗ୍ୟ ଲୋକ ଚିହ୍ନି ନ ପାରିଲେ ଓ ସୁପାରିସ ବଳେ କେହି କେହି ଅଯୋଗ୍ୟ ବ୍ୟକ୍ତି ଅତି ଉଚ୍ଚପଦ ପାଇଲେ। ଏହି ପ୍ରକାରେ ଉକ୍ତ ପ୍ରଥାରେ ଦୋଷ ପଡ଼ିବାରୁ ତାହା ଉଠିଯାଇ ଡେପୁଟି ଆଦି କର୍ମପାଇଁ ପ୍ରତିଯୋଗିତା ପରୀକ୍ଷା ପ୍ରଥାର ହୋଇଅଛି। ଦେଶୀୟଙ୍କ ପ୍ରତି ଇଂରେଜଙ୍କର ପୂର୍ବଶ୍ରଦ୍ଧା ଆଦର ସହାନୁଭୂତି ମେଳମେଳ ରହିତ ହେବା ଅନେକ ବିଷୟରେ ଆମ୍ଭମାନଙ୍କ ପ୍ରତି ହାନିକର ଅଟେ ପୁଣି ଦୁଃଖ ଓ ବିସ୍ମୟର ବିଷୟ ଏହି ଯେ କେହି କେହି ଭଲାବ ଫେରଙ୍ଗା ଦେଶୀୟ ଲୋକେ ସାହେବାନ ଢଙ୍ଗରେ ରହି ସ୍ୱଦେଶୀୟଙ୍କ ସଙ୍ଗେ ମିଶୁ ନାହାନ୍ତି। ଏ ସବୁର କାରଣମାନ ଲେଖିଲେ ତାହା ପ୍ରାୟ ଗୋଟିଏ ପ୍ରବନ୍ଧ ହୋଇପଡ଼ିବ। ଆମ୍ଭର ପ୍ରବନ୍ଧମାନ ଅନେକ ଲମ୍ବା ହୋଇଯିବାରୁ କେହି କେହି ପାଠକ ବିରକ୍ତ ହେବାର ଅବଗତ ହୋଇଅଛୁ। ଅତଏବ ତାହା ଓ ଅନ୍ୟାନ୍ୟ ଭୂପ୍ରମାନ ନ ଲେଖିବୁ ଓ ଅନ୍ୟ ବହୁବେଳାରେ ଯାହା ନ ଲେଖିଲେ ନ ଚଳେ ତାହାହିଁ ଲେଖିବୁ। ପ୍ରତିଯୋଗିତା ପରୀକ୍ଷାରେ ଓଡ଼ିଆମାନେ ବଙ୍ଗାଳୀଙ୍କ ସମକକ୍ଷ ହୋଇ ନ ପାରିବାରୁ ଡେପୁଟି ଆଦି କର୍ମମାନ ଅଧିକ ପାଇ ପାରୁ ନାହାନ୍ତି। ପୂର୍ବେ ଓଡ଼ିଶାର ପୋଲିସ ବିଭାଗ କମିଶନରଙ୍କ ଅଧୀନରେ ଥିବାରୁ ଓଡ଼ିଆମାନେ ପୋଲିସର ପ୍ରାୟ ସବୁ ଉଚ୍ଚ କର୍ମରେ ନିଯୁକ୍ତ ହେଉଥିଲେ। ସନ ୧୮୭୦।୭୧ ସାଲରୁ ବଙ୍ଗ ବେହାର ଏବଂ ଓଡ଼ିଶା ଏ ତିନି ପ୍ରଦେଶର ପୋଲିସ ଏକତ୍ରିତ ହୋଇ କଲିକତାସ୍ଥ ଇନସ୍ପେକ୍ଟର ଜେନେରଲ ସାହେବଙ୍କ ଅଧୀନ ହେବାରେ ସାହେବ ମହୋଦୟଙ୍କଦ୍ୱାରା ଓଡ଼ିଶା ପୋଲିସର ଅନେକ ଉଚ୍ଚକର୍ମରେ ଉପର୍ଯ୍ୟୁକ୍ତ ବଙ୍ଗାଳମାନେ ନିଯୁକ୍ତ ହେଉଥିଲେ। ଏହି ପ୍ରକାରେ ଓଡ଼ିଆମାନେ ଅନେକ ଉଚ୍ଚ କର୍ମରୁ ବଞ୍ଚିତ ହୋଇଅଛନ୍ତି।

କେହି କହିବେ କି ଓଡ଼ିଆଙ୍କ ଅପେକ୍ଷା ବଙ୍ଗାଳମାନେ ଉତ୍କୃଷ୍ଟ ଅଟନ୍ତି ସେମାନେ ଉଚ୍ଚ ପଦ ସବୁରେ ନିଯୁକ୍ତ ନ ହୋଇ ନିକୃଷ୍ଟ ଓଡ଼ିଆମାନେ କିପରି ନିଯୁକ୍ତ ହେବେ। ଏଥିରୁ ଆମ୍ଭେମାନେ ବଙ୍ଗାଳୀଙ୍କର ଉତ୍କୃଷ୍ଟତା ସ୍ୱୀକାର କରୁଅଛୁଁ। ସେମାନେ ସ୍ୱଭାବତଃ ବୁଦ୍ଧିମାନ ଜାତି ଓ ବିଦ୍ୟା ଶିକ୍ଷାଦିରେ ବିଶେଷ ଉନ୍ନତି ଲଭିଅଛନ୍ତି। ଏବା ଓଡ଼ିଆ କାହିଁକି ଭାରତବର୍ଷର ସମସ୍ତ ପ୍ରଦେଶୀୟ ଲୋକଙ୍କ ଅପେକ୍ଷା ବଙ୍ଗାଳୀ ଅଧିକ ଚତୁର ଓ ସଭ୍ୟ ଅଟନ୍ତି। ତେବେ ସେମାନେ ସମସ୍ତ ପ୍ରଦେଶର ଉଚ୍ଚପଦ ସବୁରେ ନିଯୁକ୍ତ ହେବାର ଉଚିତ ଥିଲା, ତାହା ନ ହୋଇ ତେଲଙ୍ଗା, ତାମିଲି, ମରହଟ୍ଟା, ପାରସି ପ୍ରଭୃତିମାନେ ଆପଣା ପ୍ରଦେଶରେ କିପରି ଉଚ୍ଚପଦ ସବୁରେ ଓ ମଧ୍ୟ ସକ୍ରୋଟ ହାଇକୋର୍ଟର ଜଜ ପଦରେ ନିଯୁକ୍ତ ହେଉଅଛନ୍ତି। ସେ ସବୁ ପ୍ରଦେଶରେ ବଙ୍ଗାଳୀ କ୍ୱଚିତ ନିଯୁକ୍ତ ହେଉଥିବେ ବା ଯେପରି ପୂର୍ବେ ଓଡ଼ିଶାରେ ଥିଲା।

ବଙ୍ଗାଳୀ ସହିତ ସମସ୍ତ ଭାରତବର୍ଷୀୟଙ୍କ ଅପେକ୍ଷା ଇଂରେଜ ସରସ ଅଟନ୍ତି। ବିଦ୍ୟାଶିକ୍ଷା ଓ ପ୍ରତିଯୋଗିତା ପରୀକ୍ଷାରେ ବଙ୍ଗାଳୀ ପ୍ରଭୃତି ଇଂରେଜଙ୍କ ସମକକ୍ଷ ହେଉଅଛନ୍ତି ବରଂ କେତେକ ସ୍ଥଳେ ତାଙ୍କୁ ଡେଇଁଯାଉଅଛନ୍ତି ତଥାପି ଶାରୀରିକ ଶକ୍ତି, ସାହସ, ତେଜ, କଷ୍ଟ ସହିବା, ଅବିଶ୍ରାନ୍ତ ଶ୍ରମ ବା କାର୍ଯ୍ୟରେ ଲାଗି ପଡ଼ି ରହିବା, ଏକତା, ସ୍ୱଦେଶାନୁରାଗ, ଜାତି ଗୌରବ ଇତ୍ୟାଦି କେତେକ ଗୁଣରେ ଇଂରେଜ ଜାତି ସମସ୍ତ ଭାରତୀୟ ଜାତିଙ୍କ ଅପେକ୍ଷା ସରସ ଅଟନ୍ତି। ଏହି ସବୁ ଗୁଣ ବଳେ ସାମାନ୍ୟ ଦଳେ ଇଂରେଜ ବଣିକ ଏ ରାଜ୍ୟକୁ ବାଣିଜ୍ୟ କରିବା କାରଣ ଆସି ରାଜତ୍ୱ ସ୍ଥାପନ କରି କ୍ରମେ ସମୁଦାୟ ଭାରତବର୍ଷ ଅଧିକାର କଲେ ଓ ସେହିଁର ଲୋକଙ୍କୁ କଲ୍ୟାଣ ଅଭିପ୍ରାୟରେ ସତ୍ତ୍ୱ ହେବ ନାହିଁ। ଏଥିରୁ ସେମାନଙ୍କ ଅସାଧାରଣ ଗୁଣର ପରିଚୟ ଯଥେଷ୍ଟ ମିଳୁଅଛି ଓ ଏହି ସବୁ ଗୁଣ ବଳେ ଇଂରେଜମାନେ ଅସଭ୍ୟ ଦଶାରୁ ଅବସ୍ଥାକୁ ଉନ୍ନତମ ଉନ୍ନତିକୁ ଉଠି ପୃଥିବୀରେ ଅଦ୍ୱିତୀୟ ହୋଇଅଛନ୍ତି। ଏ ସବୁ ଗୁଣ ଦୃଷ୍ଟିରେ ଗବର୍ଣ୍ଣମେଣ୍ଟଙ୍କର ଧାରଣା ଏହି ଯେ ଇଂରେଜଙ୍କଦ୍ୱାରା ଉଚ୍ଚପଦର କାର୍ଯ୍ୟ ଯେପରି ଉତ୍କୃଷ୍ଟମତେ ଚଳିବ ସେପରି ଭାରତୀୟଙ୍କଦ୍ୱାରା ହେବ ନାହିଁ। ତାହେଲେ ପ୍ରତିଯୋଗିତା ପରୀକ୍ଷାରେ ଦେଶୀୟମାନେ ଇଂରେଜଙ୍କୁ ଜିଣିବେ ଅବା ଅଧିକ ପାସ କରିବେ ଏ ହେତୁରୁ ବିଲାତ ପ୍ରତିଯୋଗିତା ପରୀକ୍ଷା ବିଲାତରେ ହେଉଅଛି ଯେ ଅନେକ ଦେଶୀୟ ଲୋକ ସେ ପରୀକ୍ଷା ଦେଇ ନ ପାରିବେ। ଭାରତରେ କେତେକ ପ୍ରତିଯୋଗିତା ପରୀକ୍ଷାରେ ଦେଶୀୟମାନେ ସ୍ଥାନ ଦେଉ ନାହାନ୍ତି ଓ ଯେ ସ୍ଥଳେ ପରୀକ୍ଷା ନାହିଁ ସେ ସ୍ଥଳେ ମଧ୍ୟ ଦେଶୀୟଙ୍କ ପ୍ରତି ସରକାରଙ୍କର ଅଧିକ ଦୃଷ୍ଟିପାତ ହେଉ ନାହିଁ। ଏହି ପ୍ରକାରରେ ଭାରତର ନାନା ଉଚ୍ଚକର୍ମମାନଙ୍କରୁ ଭାରତ ସନ୍ତାନମାନେ ବଞ୍ଚିତ ହୋଇଅଛନ୍ତି ଏବଂ ଇଂରେଜ [illegible] ମାନରେ ନିଯୁକ୍ତ ହେଉଅଛନ୍ତି। ଏହିଠାରେ ସିଭିଲିଆନ୍ [illegible] ତାହାର ସିବାରେ [illegible] ଦହିଁର ଦୁରବସ୍ଥାର ଗୋଟିଏ କାରଣ ହୋଇଅଛି। ଏଥିର ଗୁଡ଼ାଏ ଓ ପ୍ରତିବାଦ ନିତି ବଙ୍ଗାଳୀ ଓ ଅନ୍ୟ ସମ୍ବାଦପତ୍ରମାନେ କରୁଅଛନ୍ତି ଏବଂ ତାହା ଅତି ଯଥାର୍ଥ ଅଟେ, କାରଣ ଭାରତର ଯେଉଁସବୁ ଉଚ୍ଚକର୍ମ ଭାରତ ସନ୍ତାନମାନେ ଉତ୍ତମରୂପେ ଚଳାଇ ପାରିବେ ତହିଁରେ ସେମାନଙ୍କ ଦାବି ଅଗ୍ରଗଣ୍ୟ ଓ ସେହିମାନେ ନିଯୁକ୍ତ ହେବାର ଉଚିତ ଓ ନ୍ୟାୟସଙ୍ଗତ ଅଟେ। ଇଂରେଜମାନେ ସେମାନଙ୍କ ଅପେକ୍ଷା ପଞ୍ଚଗୁଣେ ସରସ ହେଲେହେଁ

Digitized by srujanika@gmail.com